

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୪ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 14 MARCH 2023
Vol.No. 34 ■ No. 68 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଓସ୍କାର ପାଇଲା କୁନି ହାତୀର କାହାଣୀ

### କ୍ଷୁଦ୍ର ପ୍ରାମାଣିକ ଚଳଚିତ୍ର ବର୍ଗରେ ଭାରତୀୟ ସିନେମା ଦ ଏଲିଫ୍ୟାଣ୍ଟ ହ୍ୱିସପରର୍ସଙ୍କୁ ସର୍ବଶ୍ରେଷ୍ଠ ପୁରସ୍କାର



ନୂଆଦିଲ୍ଲୀ, ୧୩/୦୩ : ଭାରତୀୟ ଫିଲ୍ମ ଇତିହାସରେ ଯୋଡ଼ି ହୋଇଯାଇଛି ଏକ ନୂଆ ଅଧ୍ୟାୟ । ଫିଲ୍ମ ଦୁନିଆର ସବୁଠୁ ବଡ଼ ପୁରସ୍କାର, ଓସ୍କାର'ର ଦୁଇଟି ବର୍ଗରେ ଭାରତୀୟ ଫିଲ୍ମକୁ ମିଳିଛି ପୁରସ୍କାର । ଆରଆରଆର ଫିଲ୍ମର 'ନାଟୁ ନାଟୁ' ଗୀତକୁ ବେଷ୍ଟ ଅରଜିନାଲ ସଙ୍ଗ୍ ବର୍ଗରେ ଓସ୍କାର ମିଳିଥିବା ବେଳେ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ବର୍ଗରେ 'ଦ ଏଲିଂଫାଟ ହ୍ୱିସପରର୍ସ'କୁ ମିଳିଛି ଓସ୍କାର । କିନ୍ତୁ ଚର୍ଚ୍ଚାରେ ରହିଛି, କୁନି ହାତୀର କାହାଣୀ । ମଣିଷ ଓ ହାତୀ ମଧ୍ୟର ସମ୍ପର୍କକୁ ନେଇ ନିର୍ମାଣ ହୋଇଥିବା କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ରର କଥାବସ୍ତୁ ଓ ସ୍କ୍ରିନ୍ ପ୍ଲେକୁ ନେଇ ଏବେ ସବୁଠୁ ଅଧିକ ଚର୍ଚ୍ଚା । ଗୋଟିଏ ହାତୀର, ଗୋଟିଏ ସମ୍ପର୍କର, ଗୋଟିଏ ପରିବାରର । ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା କିଭଳି, ଜଙ୍ଗଲି ଜନ୍ତୁକୁ ପରିବାର ସଦସ୍ୟ କରିପାରେ । ସୁଖ-ଦୁଃଖର ସାଥୀ ସଜାଇ ଦେଇପାରେ, ଫିଲ୍ମ ପରଦାରେ ଅତି ପ୍ରାଞ୍ଜଳ ଭାବେ ଦର୍ଶାଯାଇଛି । ହାତୀ ସମ୍ପର୍କ ଗଢ଼ିପାରେ, ସମ୍ପର୍କକୁ ମଜବୁତ କରିପାରେ ଏବଂ ମଣିଷକୁ ମଣିଷପଣିଆର ବାର୍ତ୍ତା ଦେଇପାରେ, ଅତି ସରଳ ଓ ସୁନ୍ଦର ଢ଼ଙ୍ଗରେ ଫୁଟାଇପାରିଛନ୍ତି- ଫିଲ୍ମର ନିର୍ଦ୍ଦେଶକ । 'ଦ ଏଲିଫ୍ୟାଂଟ ହ୍ୱିସପରର୍ସ', କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ବର୍ଗରେ ଓସ୍କାର ଆୱାର୍ଡ ପାଇଥିବା ଏହି ଫିଲ୍ମର କଥାବସ୍ତୁ ଓ ସ୍କ୍ରିନ୍ ପ୍ଲେକୁ ନେଇ ଏବେ ସବୁଠୁ ଅଧିକ ଚର୍ଚ୍ଚା । ବୋମନ୍ ଓ ବେଳିଙ୍କ କାହାଣୀକୁ ନେଇ ନିର୍ମାଣ ହୋଇଥିବା ଏହି ସର୍ଟ ଡକ୍ୟୁମେଟାରୀ ଫିଲ୍ମର କେନ୍ଦ୍ରରେ ରହିଛି ଅନାଥ ହାତୀଛୁଆ ରଘୁ । ରଘୁର ଲାଳନପାଳନ କରୁ କରୁ କିଭଳି ଏକ ପରିବାର ଗଢ଼ି ଉଠୁଛି ଏବଂ ରଘୁର ଜୀବନରେ ମାଇ ହାତୀ ଅମ୍ମୁ ଆସିପାରେ କେମିତି ଏକ ଝଡ଼ ଉଠୁଛି, ତାକୁ ନେଇ ନିର୍ମାଣ ହୋଇଛି ୪୧ ମିନିଟର ଏହି ଫିଲ୍ମ । ଗତବର୍ଷ ଡିସେମ୍ବର ୮ ତାରିଖରେ ରିଲିଜ୍ ହୋଇଥିବା ଏହି ଡକ୍ୟୁମେଂଟାରୀ ଫିଲ୍ମର ପ୍ରଯୋଜକ ଗୁନୀତ ମୁଙ୍ଗା ଥିବା ବେଳେ ନିର୍ଦ୍ଦେଶନା ନେଇଛନ୍ତି କାର୍ତ୍ତିକୀ ଗୋନସାଲଭେ । ଏହି କ୍ଷୁଦ୍ର ଚଳଚିତ୍ରଟି ତାମିଲନାଡୁର ମୁଦୁମଲାଇ ବ୍ୟାଘ୍ର ସଂରକ୍ଷଣ ଅଂଚଳର ଏକ ପରିବାର ଉପରେ ପର୍ଯ୍ୟବେସିତ ହୋଇଛି । ପୁରସ୍କାର ଉତ୍ସବରେ ଯେତେବେଳେ ଓସ୍କାର ଗ୍ରହଣ କରୁଥିଲେ ଭାରତୀୟ କଳାକାର, ସେତେ- ବେଳେ ଭାରତୀୟ ଫିଲ୍ମ ଇତିହାସରେ ଏକ ନୂଆ ଇତିହାସ ଲେଖାଯାଉଥିଲା । ସର୍ଟ ଫିଲ୍ମ 'ଦ ଏଲିଫ୍ୟାଂଟ ହ୍ୱିସପରର୍ସ' ଭଳି ବେଷ୍ଟ ଅରଜିନାଲ ସଙ୍ଗ୍ ପାଇଁ 'ନାଟୁ ନାଟୁ' ଗୀତକୁ ମିଳିଥିଲା ଓସ୍କାର । ଏସଏସ ରାଜମୌଲିଙ୍କ ନିର୍ଦ୍ଦେଶିତ ଆରଆର୍ଆର୍ ଫିଲ୍ମର ଏହି ଗୀତର ସଙ୍ଗୀତ ନିର୍ଦ୍ଦେଶକ ଏମଏମ କିରାଭାନୀ ଥିବାବେଳେ କୋରିଓଗ୍ରାଫର ଥିଲେ ପ୍ରେମ ରକ୍ଷିତ

## ଏଚ୩ଏନ୨ ବୃଦ୍ଧିକୁ ନେଇ ରଣଦୀପ ଗୁଲେରିଆ କରାଇଲେ ସତର୍କ




ନୂଆଦିଲ୍ଲୀ, ୧୩/୦୩ : ଦେଶରେ କରୋନା ଭାଇରସ ମାମଲା ହ୍ରାସ ପାଇଥିଲେ ବି ଏବେ ଏଚ୩ଏନ୨ ଇନଫ୍ଲୁଏଞ୍ଜା ଭୂତାଣୁ ବୃଦ୍ଧି ପାଇବା ଚିନ୍ତା ବଢ଼ାଇ ଦେଇଛି । ମାମଲା ବଢୁଥିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ଏପରିକି କେନ୍ଦ୍ର ସରକାର ମଧ ଏହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି । ତେବେ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ରଣଦୀପ ଗୁଲେରିଆ ନୂଆ ଭୂତାଣକୁ ନେଇ ବଡ଼ ବୟାନ ଦେଇଛନ୍ତି । କହିଛନ୍ତି, ଯଦି ଏବେଠାରୁ ସମସ୍ତେ ସତର୍କ ନରହିବେ, ତେବେ ଇନଫ୍ଲୁଏଞ୍ଜା ଏ-ଟାଇପ୍ ଏଚ୩ଏନ୨ ଭାଇରସ କରୋନା ଭଳି ସ୍ଥିତି ସୃଷ୍ଟି କରିପାରେ । ନାଗପୁରରେ ଏକାଡେମୀ ଅଫ୍ ମେଡିକାଲ ସାଇନସ୍ସେ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏଭଳି ବୟାନ ଦେଇଛନ୍ତି ଡକ୍ଟର ଗୁଲେରିଆ । ସେ କହିଛନ୍ତି, ଇନଫ୍ଲୁଏଞ୍ଜା ଲହର ପ୍ରତିବର୍ଷ ଆସିଥାଏ । କିନ୍ତୁ ଚଳିତ ବର୍ଷ ବିଭିନ୍ନ କାରଣରୁ ସଂକ୍ରମଣ ସଂଖ୍ୟା ବଢ଼ିଛି । ଆଉ ଇନଫ୍ଲୁଏଞ୍ଜା ପାଇଁ ପ୍ରତିବର୍ଷ ନୂଆ ଟିକା ଆସୁଛି । ତେଣୁ ଲୋକେ ତୁରନ୍ତ ଟିକାକରଣ ସହ ବିଭିନ୍ନ ସତର୍କତା ଅବଲମ୍ବନ କରିବାକୁ ଗୁଲେରିଆ ପରାମର୍ଶ ଦେଇଛନ୍ତି ।

### ସତର୍କ ରହିବାକୁ ସିଡିଏମଓ ମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୩/୦୩ (ନି.ପ୍ର): ଏଚ୩ଏନ୨ ଭାଇରସ ଚିନ୍ତା ବଢ଼ାଇଥିବା ବେଳେ ସବୁ ଜିଲ୍ଲାର ସିଡିଏମଓ , କ୍ୟାପିଟାଲ ହସ୍ପିଟାଲ ଓ ଆରଜିଏଚ୍ ନିର୍ଦ୍ଦେଶକଙ୍କୁ ଆଲର୍ଟ ରହିବାକୁ ଚିଠି ଲେଖିଛି ଜନସ୍ୱାସ୍ଥ୍ୟ ବିଭାଗ । ସର୍ଭିଲେନ୍ସ ବଢାଇବା ସହ ଅକ୍ସିଜେନ ଓ ଆଇସିୟୁ ପ୍ରସ୍ତୁତ ରଖିବାକୁ ଚିଠିରେ ନିର୍ଦ୍ଦେଶ ବି ଦିଆଯାଇଛି । ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଏହି ସୂଚନା ଦେଇଛନ୍ତି । ଥଣ୍ଡା, କାଶ ଥିଲେ କୋଭିଡ ଟେଷ୍ଟ କରାଇନେବାକୁ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ଇନଫ୍ଲୁଏଞ୍ଜାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ । ଜ୍ୱର, କାଶ କିଛି ଦିନ ରହିବ, ଆପେ ଭଲ ହୋଇପାରେ । ଗୁରୁତର ହୋଇ ନିମୋନିଆରେ ପୀଡ଼ିତ ହେଲେ କିଡନି, ହାର୍ଟ ଓ ଶ୍ୱାସ ରୋଗୀ ସଂକ୍ରମିତ ହେବାର ଆଶଙ୍କା ରହିଛି । ଲକ୍ଷଣ ଥିଲେ ଆଇସୋଲେଟ କରନ୍ତୁ, ମାସ୍କ ପିନ୍ଧନ୍ତୁ ଓ ହାତ ଧୁଅନ୍ତୁ । ରୋଗ ଭଲ ନ ହେଲେ ଡାକ୍ତରଙ୍କ ପରାମର୍ଶ ନେଇ ଡାକ୍ତରଖାନାରେ ଆଡମିଟ ହୁଅନ୍ତୁ ।

## ଦରଦାମ୍ ବୃଦ୍ଧି ପ୍ରସଙ୍ଗ : ରାଜଭବନ ଆଗରେ କଂଗ୍ରେସର ଜୋରଦାର ପ୍ରତିବାଦ

ଭୁବନେଶ୍ୱର, ୧୩/୦୩ (ନି.ପ୍ର): ଦରଦାମ୍ ବୃଦ୍ଧି ପ୍ରସଙ୍ଗରେ ରାଜଭବନ ଆଗରେ କଂଗ୍ରେସର ଜୋରଦାର ପ୍ରତିବାଦ । ଆନ୍ଦୋଳନ ବେଳେ କଂଗ୍ରେସ କର୍ମୀ ଓ ପୋଲିସ ମୁହାଁମୁହିଁ । ପୋଲିସ ଉପରକୁ ଅଣ୍ଡା ଓ ଟମାଟୋ ମାଡ଼ କରିଥିବା ଅଭିଯୋଗ ହୋଇଛି । ଆଦାନୀ ପ୍ରସଙ୍ଗ ଓ ଗ୍ୟାସ ଦର ବୃଦ୍ଧି ଏବଂ ଅନ୍ୟାନ୍ୟ ସାମଗ୍ରୀର ଦରବୃଦ୍ଧି ପ୍ରସଙ୍ଗରେ ରାଜଭବନ ଘେରାଉ କରିଛି ଓଡ଼ିଶା ପ୍ରଦେଶ କଂଗ୍ରେସ । ଗ୍ୟାସ ଟାଙ୍କିରେ ଗୋବର ଘଷି କଂଗ୍ରେସ ପ୍ରତିବାଦ କରିଛି । ଏଥିରେ ପିସିସି ସଭାପତି ଓ ଅନ୍ୟାନ୍ୟ ବରିଷ୍ଠ କଂଗ୍ରେସ ନେତା ସାମିଲ ହୋଇ ଦରବୃଦ୍ଧି ବିରୋଧରେ ପ୍ରତିବାଦ କରିଛନ୍ତି ।

### ମନୀଷ ସିସୋଦିଆଙ୍କ ଗିରଫ ପରେ ଥମୁନି ବିବାଦ

## କେଜ୍ରିୱାଲଙ୍କ ସମ୍ପୃକ୍ତି ଅଭିଯୋଗ କରି ଇସ୍ତଫା ଦାବି କଲା ବିଜେପି




ନୂଆଦିଲ୍ଲୀ, ୧୩/୦୩ : ଆମ ଆଦମୀ ପାଟିର ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଇସ୍ତଫା ଦାବିରେ ବିଜେପିର ଧାରଣା । ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ପୂର୍ବ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଗିରଫ ହେବା ପରେ ତାଙ୍କୁ ନେଇ ରାଜନୀତି ତେଜିବାରେ ଲାଗିଛି । ତେବେ ଏହାକୁ ନେଇ ବିଜେପି ବାରମ୍ବାର ଆପକୁ ଟାର୍ଗେଟ କରୁଥିବାବେଳେ ସୋମବାର ରାଜଘାଟଠାରେ କେଜ୍ରିୱାଲଙ୍କ ଇସ୍ତଫା ଦାବିରେ ଧାରଣା ଦେଇଛନ୍ତି । ଆପ ସରକାରଙ୍କ ଦୁଇ ଦୁଇ ଜଣ ମନ୍ତ୍ରୀ ଜେଲ ଯାଇଥିବାବେଳେ ଏବେ କେଜ୍ରିୱାଲ ଇସ୍ତଫା ଦିଅ ବୋଲି ନାରା ଦେଇଛନ୍ତି । ବିଜେପି କର୍ମୀମାନେ ମହାତ୍ମାଗାନ୍ଧୀଙ୍କ ସମାଧି ପାଖେ ଏକାଠି ହୋଇ ବିରୋଧ ପ୍ରଦର୍ଶନ କରିବା ସହ 'କେଜ୍ରିୱାଲଙ୍କୁ ସଦବୁଦ୍ଧି' ମିଳୁ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ଅବକାରୀ ଦୁର୍ନୀତି ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସତ ଧରାପଡିଛି ଓ ସେ ଏବେ ସିବିଆଇ ଏବଂ ଇଡି କବଜାରେ ରହିଥିବା ବିଜେପି କହିଛି । ଏହି ମାମଲାରେ କେଜ୍ରିୱାଲଙ୍କ ମଧ ସମ୍ପୃକ୍ତି ରହିଛି ଓ ସେ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ବିଜେପି ଦାବି କରିଛି । ଅନ୍ୟପଟେ କେଜ୍ରିୱାଲ ନିଜ ଦଳର ଶକ୍ତି ପ୍ରଦର୍ଶନ କରିବା ପାଇଁ 'ତ୍ରିରଙ୍ଗା ଯାତ୍ରା'ରେ ବାହାରିଛନ୍ତି । ରାଜସ୍ଥାନ ବିଧାନସଭା ପୂର୍ବରୁ ଶକ୍ତି ପ୍ରଦର୍ଶନ ପାଇଁ ଜୟପୁରର ସାଙ୍ଗାନେରୀ ଗେଟ ନିକଟରୁ ଏହି ଯାତ୍ରା ଆରମ୍ଭ ହୋଇଛି । ଏହି ଯାତ୍ରାରେ ବହୁ ଆପକର୍ମୀ ଯୋଗ ଦେବା ସହ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ମଧ ଯୋଗଦେଇଛନ୍ତି ।

## ପାକିସ୍ତାନକୁ ଶସ୍ତା ଦରରେ ତେଲ ବିକିବ ଋଷ

ନୂଆଦିଲ୍ଲୀ, ୧୩/୦୩ : ଗଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନକୁ ଶସ୍ତା ଦରରେ ତେଲ ବିକିବ ଋଷ । ଯାହା ପାକିସ୍ତାନକୁ କିଛି ମାତ୍ରାରେ ଆଶ୍ୱସ୍ତି ଦେବ । ପ୍ରତି ବ୍ୟାରେଲ ପିଛା ୫୦ ଡଲାରରେ ପାକିସ୍ତାନକୁ ତେଲ ବିକ୍ରି କରିବାକୁ ଋଷ ବିଚାର କରୁଥିବା ସୂଚନା ରହିଛି । ଅନ୍ୟ ଦେଶମାନଙ୍କ ଋଷ ଯେଉଁ ଦରରେ ତେଲ ବିକୁଛି ତାଠୁ ଖୁବ କମ ଦରରେ ପାକିସ୍ତାନକୁ ତେଲ ବିକି ବଡ ସାହାଯ୍ୟ କରିବାକୁ ଯାଉଛନ୍ତି ରାଷ୍ଟ୍ରପତି ପୁଟିନ । ୟୁକ୍ରେନ ସହ ଯୁଦ୍ଧ ଚାଲିଥିବା ଯୋଗୁଁ ଆମେରିକା ଓ ପଶ୍ଚିମ ଦେଶମାନେ ଋଷ ଉପରେ କଟକଣା ଲଗାଇଛନ୍ତି । ଏଭଳି ସ୍ଥିତିରେ ନିଜର ଅର୍ଥବ୍ୟବସ୍ଥାକୁ ମଜବୁତ ରଖିବାକୁ ଋଷ ଭାରତ ସମେତ କିଛି ଦେଶକୁ କମଦରରେ ତେଲ ବିକୁଛି ।

## ସଂସଦରେ 'ରାହୁଲ' ଝଡ଼ : ଗୃହରେ ବିଜେପିର ହଙ୍ଗାମା



ନୂଆଦିଲ୍ଲୀ, ୧୩/୦୩ : ବ୍ରିଟେନରେ ରାହୁଲ ଗାନ୍ଧୀ ଦେଇଥିବା ବୟାନକୁ ନେଇ ସଂସଦରେ ହଙ୍ଗାମା । ବିଦେଶ ମାଟିରେ ଭାରତର ଛବି ଖରାପ କରିବାକୁ ବିରୋଧ ଦଳର ନେତା ଏଭଳି ବୟାନ ଦେଇଥିବା ବିଜେପି ଅଭିଯୋଗ ଆଣିଛି । ଭାରତରେ ବାକ୍ ସ୍ୱାଧୀନତାର ଅଧିକାର ସମସ୍ତଙ୍କ ପାଖରେ ରହିଛି । ବିଦେଶରେ ଭାରତ ଉପରେ ଏଭଳି ଟିପ୍ପଣୀ କରିବାର କଂଗ୍ରେସ ସାଂସଦଙ୍କର କୌଣସି ଅଧିକାର ନାହିଁ ବୋଲି ରାଜ୍ୟସଭା ସାଂସଦ ପୀୟୁଷ ଗୋୟଲ କହିଛନ୍ତି । ଏହାସହ ରାଜ୍ୟସଭାରେ ପୀୟୁଷ ଗୋୟଲ ରାହୁଲ ଗାନ୍ଧୀଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯାଉ ବୋଲି ଦାବି କରିଛନ୍ତି । ଆଉ ରାହୁଲ ଗାନ୍ଧୀ ଦେଶବାସୀ ଓ ଭାରତୀୟ ସେନାଙ୍କୁ କ୍ଷମା ମାଗନ୍ତୁ ବୋଲି ପୀୟୁଷ ଗୋୟଲ ରାଜ୍ୟସଭାରେ ଦାବି କରିଛନ୍ତି । ସେହିପରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ ବ୍ରିଟେନରେ ରାହୁଲ ଗାନ୍ଧୀ ଦେଇଥିବା ବୟାନକୁ ବିରୋଧ କରିଛନ୍ତି । ଅନ୍ୟପଟେ ଏହାର ଜବାବ ଦେଇଛନ୍ତି କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ । କହିଛନ୍ତି ରାହୁଲ ଗାନ୍ଧୀଙ୍କ ବୟାନର ଭିନ୍ନ ଅର୍ଥ ବାହାର କରାଯାଉଛି । ଏହାକୁ କଂଗ୍ରେସ ନିନ୍ଦା କରୁଛି ବୋଲି କହିଛନ୍ତି ଖଡଗେ । ଏହାସହ ଖଡଗେ ପାଲଟା ବିଜେପି ଉପରେ ସାଂଘାତିକ ଅଭିଯୋଗ ଆଣିଛନ୍ତି । ▶▶ପୃଷ୍ଠା ୭

## ସାରା ଓଡ଼ିଶାରେ ଜଳୁଛି ଜଙ୍ଗଲ

ଭୁବନେଶ୍ୱର, ୧୩/୦୩ (ନି.ପ୍ର): କେବଳ ସୋମବାର ରାଜ୍ୟରେ ମଧ୍ୟାହ୍ନ ସୁଧା ୧୨ଶହଟି ସ୍ଥାନରେ ଲାଗିଛି ନିଆଁ । ଏହି ସଂଖ୍ୟା ସନ୍ଧ୍ୟାବେଳକୁ ୧୫ଶହ ଛୁଇଁପାରେ ବୋଲି ବନବିଭାଗ ଆକଳନ କରିଛି । ମୟୁରଭଞ୍ଜରୁ ମାଲକାନଗିରି, ଖୋର୍ଦ୍ଧାରୁ ବଲାଙ୍ଗୀର ଚାରିଆଡେ ଜଳୁଛି ଜଂଗଲ । କେଉଁଠି ୮ଦିନ ହେଲାଣି ତ ଆଉ କେଉଁଠି ଆଜି ନିଆଁ ଲାଗିଛି । ଏହି ନିଆଁରେ ହେକ୍ଟର ହେକ୍ଟର ଜଂଗଲ ଜଳି ପୋଡି ପାଉଁଶ ହୋଇଯାଉଥିବା ବେଳେ, କେତେ ଜୀବଜନ୍ତୁଙ୍କ ଜୀବନ ଯାଉଛି ତାର ହିସାବ କାହା ପାଖରେ ନାହିଁ । ରବିବାର ଦିନ ଭୁବନେଶ୍ୱରରେ ଥିବା ଶିଖରଚଣ୍ଡି ପାହାଡରେ ମଧ ନିଆଁ ଲାଗି ବ୍ୟାପକ କ୍ଷତି କରିଛି । ଯେଉଁଥିରେ, ଏକ ଜଂଗଲୀ ହାତୀ ଫଶି ଯାଇଥିବାର ଚିତ୍ର ମଧ ଦେଖିବାକୁ ମିଳିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ସବୁ ଜଂଗଲ ନିଆଁ ମନୁଷ୍ୟ କୃତ୍ୟ ବୋଲି ବନବିଭାଗ କହିଛି । ଏପରିକି କନ୍ଧମାଳ ଜିଲ୍ଲାରେ ବନ୍ୟଜନ୍ତୁ ଶିକାର ପାଇଁ ନିଆଁ ଲଗାଉଥିବାବେଳେ ଜଣେ ଶିକାରିଙ୍କୁ ଧରିଛି ବନବିଭାଗ । ଲୋକଙ୍କୁ ସଚେତନ କରିବା ସହ ନିଆଁ ଲାଗିଥିବା ଖବର ଦେଲେ ପୁରସ୍କାର ଦେବାକୁ ଘୋଷଣା କରାଯାଇଛି । ସେପଟେ ଓଡିଶାରେ ବ୍ୟାପକ ଜଂଗଲ ନିଆଁକୁ ନେଇ କେନ୍ଦ୍ର ଜଂଗଲ ଓ ପରିବେଶ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଚିଠିରେ ଜଂଗଲ ସମ୍ପଦ, ଜୈବବିବିଧତା, କୃଷକ ଓ ଆଦିବାସୀଙ୍କ ଅର୍ଥନୀତି ଉପରେ କୁପ୍ରଭାବ ପକାଉଛି ବୋଲି ଉଲେଖ କରିଛନ୍ତି । ଓଡିଶାର ଜଂଗଲ ନିଆଁ ଦେଶର ମୋଟ ଜଂଗଲ ନିଆଁର ୩୫ ପ୍ରତିଶତ ହୋଇଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ଖାସ କରି ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ଏକ କମିଟି ଗଠନ କରି, ଦୀର୍ଘ ମିଆଦି ଯୋଜନା କରିବାକୁ ଅନୁରୋଧ କରିଛନ୍ତି ।

## ଓଡ଼ିଶାରେ ବ୍ୟାପକ ଜଙ୍ଗଲ ନିଆଁ ନେଇ କେନ୍ଦ୍ର ଜଙ୍ଗଲମନ୍ତ୍ରୀଙ୍କୁ ଚିଠି



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୩/୦୩ (ନି.ପ୍ର): ରାଜ୍ୟରେ ହୁହୁ ହୋଇ ବଢୁଥିବା ଜଙ୍ଗଲ ନିଆଁ ନେଇ ଗଭୀର ଚିନ୍ତାବ୍ୟକ୍ତ କରି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ସାକ୍ଷାକ କରି ପତ୍ର ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଏହି ପତ୍ରରେ ରାଜ୍ୟରେ ବନାଗ୍ନି ସାରା ଦେଶରେ ଶୀର୍ଷରେ ଥିବା ସହ ରାଜ୍ୟର ଜଙ୍ଗଲ ସମ୍ପଦ, ଜୈବ ବିବିଧତା, କୃଷକ ଓ ଆଦିବାସୀଙ୍କ ଅର୍ଥନୀତି ଉପରେ କୁପ୍ରଭାବ ନେଇ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି । ଏହା ସହ ଏହି ମାମଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ପାଇଁ ମିଳିତ ବୈଠକ ଓ ଆଗାମୀ ଦିନରେ ମୁକାବିଲାର ଯୋଜନା ପ୍ରସ୍ତୁତ ପାଇଁ ଶ୍ରୀ ଯାଦବଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି । ଶ୍ରୀ ପ୍ରଧାନ, ଜଙ୍ଗଲ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ନଭେମ୍ବର ୨୦୨୨ରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ୮୭୧ଟି ବଡ଼ ଧରଣର ଜଙ୍ଗଲରେ ନିଆଁ ଲାଗିବା ଘଟଣା ସାମ୍ନାକୁ ଆସିଛି । ଏହା ସାରା ଦେଶରେ ବନାଗ୍ନି ମାମଲାରେ ସର୍ବାଗ୍ରେ ରହିଛି । ଶ୍ରୀ ପ୍ରଧାନ ପତ୍ରରେ ସରକାରୀ ତଥ୍ୟ ଉଲ୍ଲେଖ କରି ଲେଖିଛନ୍ତି, ଓଡ଼ିଶା ପଛକୁ କର୍ଣ୍ଣାଟକ, ତେଲଙ୍ଗାନା ଓ ମଧ ପ୍ରଦେଶ ଭଳି ରାଜ୍ୟ ଅଛନ୍ତି । ଗତ ୨୪ ଘଂଟାରେ ରାଜ୍ୟରେ ୧୬୨୫ଟି ବନାଗ୍ନିର ଖବର ସାମ୍ନାକୁ ଆସିଛି । ଓଡ଼ିଶାର ଏହି ଜଙ୍ଗଲ ନିଆଁ ଦେଶର ମୋଟ ଜଙ୍ଗଲ ନିଆଁର ୩୫ ପ୍ରତିଶତ ବୋଲି ଆକଳନ କରାଯାଇଛି । ବିଗତ ଚାରି ମାସରେ ରାଜ୍ୟରେ ଜଙ୍ଗଲ ନିଆଁ କାରଣରୁ ଚାରି ହଜାର ହେକ୍ଟର ନଷ୍ଟ ହୋଇଥିବା ଆକଳନ କରାଯାଇଛି । ୨୦୨୧ ମସିହାରେ ଜଙ୍ଗଲ ନିଆଁ ରାଜ୍ୟରେ ବହୁତ ବଡ଼ ଧରଣର ଥିଲା । ରାଜ୍ୟରେ ୫୧ ହଜାର ୯୬୮ଟି ଘଟଣା ସେହି ବର୍ଷ ସାମ୍ନାକୁ ଆସିଥିଲା । ଶିମିଳିପାଳ ଜାତୀୟ ଉଦ୍ୟାନ ଏହା ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା । ଚଳିତ ବର୍ଷ ୨୦୨୧ ମସିହା ଠାରୁ ସ୍ଥିତି ଆହୁରି ସଙ୍ଗୀନ ହେବା ଭଳି ଜଣାପଡୁଛି ବୋଲି ଶ୍ରୀ ପ୍ରଧାନ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି । ରାଜ୍ୟ ଜଙ୍ଗଲ ସମେତ ଅଗ୍ନିଶମ ବିଭାଗକୁ ଜଙ୍ଗଲ ନିଆଁର ସାମ୍ନା କରିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିଲେ ମଧ ପରିଚାଳନାଗତ ପ୍ରଶିକ୍ଷଣ ଅଭାବରୁ ଏହାକୁ କାମରେ ଲଗାଯାଇପାରୁନାହିଁ । ସେଥିପାଇଁ ପତ୍ରରେ ଚିନ୍ତାବ୍ୟକ୍ତ କରିଛନ୍ତି ଶ୍ରୀ ପ୍ରଧାନ । ଅନେକ ସ୍ଥାନକୁ ଅଗ୍ନିଶମ ଗାଡ଼ି ପହଞ୍ଚିବା ସମ୍ଭବ ହେଉ ନ ଥିବାରୁ ବନାଗ୍ନି ଲିଭାଇବା ପାଇଁ ହେଲିକପ୍ଟର ଓ ଆକାଶମାର୍ଗରୁ ଅନ୍ୟାନ୍ୟ ଉପାୟର ବ୍ୟବହାର ଉପରେ ମଧ ସେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ ଯାଦବଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟର ଜଙ୍ଗଲ ବିଭାଗ ମଧ୍ୟରେ ମିଳିତ ବୈଠକ କରି ଜଙ୍ଗଲ ନିଆଁର ମୁକାବିଲା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ଶ୍ରୀ ପ୍ରଧାନ । ଜଙ୍ଗଲ, ଜୈବ ବିବିଧତାର କ୍ଷୟକ୍ଷତି ଆକଳନ ସହ ଜଙ୍ଗଲ ଉପରେ ନିର୍ଭରଶୀଳ ଜନସାଧାରଣଙ୍କ ଜୀବନ ଜୀବିକା ସୁରକ୍ଷା ପାଇଁ ପଦକ୍ଷେପ ନେଇ ଯୋଜନା ପ୍ରସ୍ତୁତ କରିବା ପାଇଁ ମଧ ଅନୁରୋଧ କରିଛନ୍ତି । କେନ୍ଦ୍ର-ରାଜ୍ୟ ପ୍ରତିନିଧି ତଥା ପରିବେଶବିତ ଏବଂ ଜଙ୍ଗଲ ସୁରକ୍ଷାରେ ସାମିଲ ଜନସାଧାରଣଙ୍କୁ ନେଇ ଏକ କ୍ଷମତାସମ୍ପନ୍ନ କମିଟି ଗଠନ ମାଧ୍ୟମରେ ଜଙ୍ଗଲ ନିଆଁ ପ୍ରଶମିତର ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରିବା ପାଇଁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ।

## ପଶ୍ଚିମା ଝଡ ପ୍ରଭାବରେ ୧୫ରୁ ଘଡଘଡି ସହ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୧୩/୦୩ (ନି.ପ୍ର): ଆଗକୁ ଆସୁଛି ଆଉ ଏକ ପଶ୍ଚିମା ଝଡ଼ । ଆସନ୍ତା ୧୫ ତାରିଖରୁ ରାଜ୍ୟରେ ପଶ୍ଚିମା ଝଡର ପ୍ରଭାବ ଦେଖିବାକୁ ମିଳିପାରେ । ଫଳରେ ୧୫ ରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଥିବା ବେଳେ ୧୬ ଏବଂ ୧୭ ରେ ବିଜୁଳି-ଘଡଘଡି-ବର୍ଷା ସହ ଝଡ-ପବନ ସମ୍ଭାବନା ରହିଛି । ଏଥିଯୋଗୁଁ ରାଜ୍ୟରେ ତାତିର ପରିମାଣ ହ୍ରାସ ପାଇବ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ▶▶ପୃଷ୍ଠା ୭

# ଦିବ୍ୟାଙ୍ଗଙ୍କୁ ମିଳୁନି ସରକାରୀ ସହାୟତା : ଗରୀବ ପରିବାରଙ୍କୁ କଂକ୍ରିଟ ଘର ପାଲଟିଛି ସ୍ୱପ୍ନ

ଧର୍ମଶାଳା, ୧୩/୦୩ (ନି.ପ୍ର): ଉଭୟ ସରକାର ଗରୀବ କଲ୍ୟାଣ ଯୋଜନା କରୁଛନ୍ତି । ଲୋକଙ୍କ ନିକଟରେ ପଂହଚାଇବା ପାଇଁ ପ୍ରଚାର ଓ ପ୍ରସାର କରୁଛନ୍ତି । ଏନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବାହାବା ନେଉଛନ୍ତି । କିନ୍ତୁ ବାସ୍ତବରେ ତାହା ଗରୀବଙ୍କ କାମ ଲାଗୁ ନ ଥିବା ଦେଖିବାକୁ ମିଳିଛି । ଯାହାକି ଗରୀବଙ୍କୁ ଉପହାସ ହୋଇଛି । ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରେ ସାମିଲ କରା ନଯାଇ ଅଯୋଗ୍ୟଙ୍କୁ ସାମିଲ କରିବା ଭଳି ଘଟଣା ନଜିର ରହିଛି । ଛପର ଘରେ ଜୀବନ ବିତୁଥିଲେ ମଧ୍ୟ ସ୍ଥାନୀୟ ଲୋକପ୍ରତିନିଧି ଓ ବ୍ଲକ ପ୍ରଶାସନର ନଜର ନ ପଡିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବଡଚଣା ବ୍ଲକ କାଇମାଟିଆ ପଂଚାୟତ ସହର ସାହିରେ । ଏହି ସହରସାହି ଗ୍ରାମରେ ଉମେଶ ଦେଉରୀଙ୍କ ପରିବାର କ୍ଷେତ୍ରରେ । ତାର ୬ କୁଟୁମ୍ବକୁ ନେଇ ଘର ସଂସାର । ବୁଢୀ ମା' ସହିତ ତାର ସ୍ତ୍ରୀ ଓ ୩ଛୁଆକୁ ନେଇ ତା ପରିବାର । ଝାଟିମାଟିରେ ୬ ପରିବାରକୁ ନେଇ ପରିବାର ଚଳେ । ଏକାକି ଦିନ ମଜୁରୀଆ ଭାବେ ଯାହା ଆଣନ୍ତି ତା ପରିବାର ଚଳେ । ଯେଉଁ ଦିନ ମୂଲ ନ ଆଣିଲେ ଘର ଉପବାସ । ଏପରିକି ବୁଢୀ ମାଆର ବୟସ ୬୦ ଉପରେ । ରୋଗଣା ବୟସରେ ଔଷଧ ଟିକେ ଦେବା ତାଙ୍କ ପକ୍ଷେ ସମ୍ଭବ ପର ହେଉନାହିଁ । ଅନ୍ୟ ପକ୍ଷେ ପୁଅ ସତ୍ୟାନନ୍ଦ ଜନ୍ମରୁ ଦିବ୍ୟାଙ୍ଗ । ଗୋଡ ନ ଥିବାରୁ ଘରେ ପଡି ରହିଛି । ଦିବ୍ୟାଙ୍ଗ ପୁଅ ପାଇଁ ସରକାରୀ ଯୋଜନା ଅପଂହଚ । ମୁଣ୍ଡ ଉପରେ ୨ଝିଅ । ଏଭଳି ପରିସ୍ଥିତିରେ ଘର ଚଳାଇବା ତାଙ୍କ ପାଇଁ କଷ୍ଟକର ହୋଇପଡିଛି । ପିଲାମାନେ ପାଠ ପଢିବାରୁ ବଂଚିତ ହେଉଛନ୍ତି । କେବଳ ସରକାରୀ ଯୋଜନା କହିଲେ ରାସନକାର୍ଡ ଓ ବିଜୁ ସ୍ୱାସ୍ଥ୍ୟ କାର୍ଡ । ଛପର ଘରେ ୬ଜଣ ଅତି ବିପଦପୂର୍ଣ୍ଣ ଅବସ୍ଥାରେ ପଡି ରହିଚନ୍ତି । ଦିନରେ ଖରା ତ ରାତିରେ ତରା ଦେଖିବାକୁ ମିଳୁଛି । ଏହି ବ୍ଲକରେ ଅଯୋଗ୍ୟଙ୍କୁ କଂକ୍ରିଟ ଯୋଜନାରେ ସାମିଲ କରାଯାଇଥିବା ବେଳେ ଯୋଗ୍ୟଙ୍କୁ ଏହି ଯୋଜନାରେ ସାମିଲ ହେବାରୁ ବଂଚିତ ହୋଇଛନ୍ତି । ଏନେଇ ଲୋକପ୍ରତିନିଧିଙ୍କ ନିକଟରେ ଗୁହାରି କଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନାହାନ୍ତି । ମାଳମାଳ ସରକାରୀ ଯୋଜନା । ରାଜ୍ୟ ଓ କେନ୍ଦ୍ର ସରକାର ବିକାଶର ନାରା ଦେଉଛନ୍ତି । ହେଲେ ଅନେକ ଗରୀବଙ୍କୁ ଏହି ନାରା ଉପହାସ ସଦୃଶ ହୋଇଛି । ଏହି ଉମେଶ ଦେଉରୀଙ୍କ ପରିବାର ପ୍ରତି ସରକାର ଓ ବ୍ଲକ ପ୍ରଶାସନର କେବେ ନଜର ପଡୁଛି ତାହା ଦେଖିବାକୁ ବାକି ରହିଲା ।

# ସୌରି ସାହିତ୍ୟ ସଂସ୍କୃତି ଚେରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

ନୂଆପଡ଼ା, ୧୩/୦୩ (ନି.ପ୍ର): ଦମାପଲା ସ୍ଥିତ ସୌରି ସାହିତ୍ୟ ସଂସ୍କୃତି ଚେରିଟେବୁଲ ଟ୍ରଷ୍ଟର ଷଷ୍ଠତମ ବାର୍ଷିକ ଉତ୍ସବ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନର ଆଲୋଚନା ଚକ୍ରରେ ଅନୁଷ୍ଠାନର ସଭାପତି ତଥା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ବିଜୟ କୁମାର ବାରିକ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଐତିହାସିକ ଡକ୍ଟର ଫଣିନ୍ଦମ ଦେଓ, ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ତରୁଣ କୁମାର ପ୍ରଧାନ ଓ ଆଲୋଚକ ଭାବରେ ଅଧ୍ୟାପକ କନକବର୍ଦ୍ଧନ ସାହୁ ଯୋଗ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ତଥା ଗାଳ୍ପିକ ଗୌରାଙ୍ଗ କୁମାର ସାହୁ ସମ୍ପାଦକୀୟ ବିବରଣୀମୂଳକ ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ । କବି ମିୟୋଗ ରଞ୍ଜନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ଉପେନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ କବି ପଛାୟତ ନୀଳଲୋହିତ ସିଂହ ଦେବଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବରେ ମୁକୁନ୍ଦିଲାଲ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ସଞ୍ଜିବନୀ ସୁଧା ରଥ, ବିଶିଷ୍ଟ ଅତିଥି ଭାବରେ ସୁସାହିତ୍ୟିକ ବଳଭଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବରେ କବି ଲଳିତ କୁମାର ସୁନାରୀ ଓ କବି ନୃପରାଜ ତାଣ୍ଡି ଯୋଗ ଦେଇଥିଲେ । କେ.ଭି.କଲେଜର ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ ଓ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ପ୍ରାଧ୍ୟାପକ ସାମୁଏଲ ଦାନୀ କବିତା ସଂଯୋଜନା କରିଥିଲେ । କବୟିତ୍ରୀ ନିକିତା ମହାଉଡି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ଚତୁର୍ଭୁଜ ସିଂହ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ରାସବିହାରୀ ଘିଭେଲା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ବିଶିଷ୍ଟ ତବଲା ବାଦକ ଭୈରବ ସରାଫଙ୍କ ବିୟୋଗରେ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସମାରୋହରେ ସଙ୍ଗୀତ ସୌରଭ ନନ୍ଦଲାଲ ବାରିକ, ଶିରୀଶଙ୍କର ବାରିକ, ସନାତନ ମହାନ୍ତି, ଅନୁପ ସାହୁ, ଆଦିତ୍ୟ ନାରାୟଣ ପଣ୍ଡା, ସତୀଶ କୁମାର ପଟ୍ଟନାୟକ, ମନୋରମା ରଥ, ଡୋଳାମଣି ଦଣ୍ଡସେନ, ଅବକାଶ ନାରାୟଣ ପଣ୍ଡା, ମିତ୍ରଭାନୁ ମେହେର, ପ୍ରକାଶ କୁମାର ଠାକୁର, ପ୍ରଦ୍ୟୁମ୍ନ ସିଂହ ଚିନ୍ଦା ପ୍ରମୁଖ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଆଶୁତୋଷ ବାରିକ, ଆକାଶ ସାହୁ, ଅରୁଣ ଦଣ୍ଡସେନା, କ୍ଷୀରାବ୍ଧୀନୀ ବାରିକ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ କବି, କବୟିତ୍ରୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ବନମାଲରେ ପହଂଚିଲା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍

ବଲାଙ୍ଗୀର, ୧୩/୦୩ (ନି.ପ୍ର): ଜିଲ୍ଲାପାଳ ବଲାଙ୍ଗିର ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଆସ ଓ ଶିଶୁ ମଙ୍ଗଳ ସମିତିର ସଦସ୍ୟ ଡା. ସନ୍ଧ୍ୟାରାଣୀ ପଣ୍ଡା ଓ ଲିନା ବାବୁ ବେଲପଡା ବ୍ଲକର ବନମାଲ ଗାଁକୁ ଯାଇ ତେଲେଙ୍ଗାନାର ପେଦାପଲ୍ଲୀ ଜିଲ୍ଲାକୁ ଇଟାଭାଟିରେ କାମ କରିବା ଯାଇ ସେଠାରେ ମୃତ୍ୟୁ ହୋଇଥିବା ସ୍ୱର୍ଗତ ଶୁକଦେବ ପରାଭୁଏଙ୍କ ବିଧବା ପତ୍ନୀ ଓ ନାବାଳିକା ଶିଶୁ କନ୍ୟା କୈକେୟା ୧୨ ବର୍ଷ ଏବଂ ପୁତ୍ର ପବିତ୍ର ୧୧ ବର୍ଷ ଙ୍କୁ ଭେଟିଥିଲେ । ଶିଶୁମାନଙ୍କ ମିଶନ୍ ବାତ୍ସଲ୍ୟ ଯୋଜନାରେ ଯତ୍ନ, ସୁରକ୍ଷା ଓ ଥଇଥାନର ବ୍ୟବସ୍ଥା କରାଯିବାକୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଇଥିଲେ । ପ୍ରାଥମିକ ତଥ୍ୟାନୁଯାୟୀ ଉପରୋକ୍ତ ଶିଶୁଦ୍ୱୟ ନିଜ ଗାଁର ବନମାଲ ୟୁପି ସ୍କୁଲରେ ୮ମ ଓ ୬ଷ୍ଠ ଶ୍ରେଣୀର ଛାତ୍ର ଥିବା ବେଳେ, ବାପା ମାଆ ପେଟପାଟଣା ପାଇଁ ତେଲେଙ୍ଗାନାର ପେଦାପଲ୍ଲୀ ଜିଲ୍ଲାକୁ ଇଟାଭାଟିକୁ ଗତ ମାର୍ଗଶିର ମାସ ରେ ବାପା - ମାଆଙ୍କ ସହ କାମ କରିବାକୁ ଯାଇଥିଲେ । ମୃତକ ଶୁକଦେବ ପରାଭୁଏ ସରକାରୀ ଯୋଜନାରୁ ପିଏଚ୍ଏଚ୍ ଚାଉଳ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀ ଥିବାବେଳେ, ତାଙ୍କର ମୃତ୍ୟୁ ପରେ ସ୍ଥାନୀୟ ସରପଂଚ ହରିଶ୍ଚନ୍ଦ୍ର ଯୋଜନାରୁ ୩ହଜାର, ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୫ହଜାର ଟଙ୍କା ଦିଆଯାଇଥିବାବେଳେ ଅତିଶିଘ୍ର ଜାତୀୟ ପରିବାର ସୁରକ୍ଷା ଅଧିକାର ସହାୟତା ନିୟମାନୁଯାୟୀ ବିଜୁ ଶିଶୁ ସୁରକ୍ଷା ଯୋଜନା ଓ ପୃଷ୍ଟପୋଷକତା ଆର୍ଥିକ ସହାୟତାର ବ୍ୟବସ୍ଥା କରାଯିବ ।

# ଚଣ୍ଡିଖୋଲ ରାଧାକୃଷ୍ଣଜୀଉ ମିଳନ ଉତ୍ସବ ଉଦ୍‌ଯାପିତ

ଧର୍ମଶାଳା, ୧୩/୦୩ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ଚଣ୍ଡିଖୋଲ ରାଧାକୃଷ୍ଣଜୀଉ ମିଳନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଶବନିବାର ବିଳମ୍ବିତ ରାତିରେ ଏହି ମେଳେଣ ଆରମ୍ଭ ହୋଇ ରବିବାର ଅପରାହ୍ନରେ ଉଦଯାପିତ ହୋଇଥିଲା । ଚଣ୍ଡିଖୋଲ ଜାତୀୟ ରାଜପଥର ଚତୃପାର୍ଶ୍ୱରେ ୨୫ରୁ ଉର୍ଦ୍ଧ ବିମାନ ସୁସଜ୍ଜିତ ହୋଇ ଫଗୁ ଖେଳି ଥିଲେ । ପ୍ରଥମେ ସୁଙ୍ଗୁଡା ଗ୍ରାମର ଲଛମନ ବାଲାଜୀ ଜୀଉ ଥାନପତି ଆସନ ଅଳଙ୍କୃତ କରିଥିଲେ । ପରେପରେ ଦୈଲତପୁର, ଧାନମଣ୍ଡଳ, ଶ୍ରୀବନ୍ତପୁର, ଚହଟା, କୋହ୍ଲା, ଭୂଷଣ୍ଡପୁର, ଅଚ୍ୟୁତପୁର, ମହିସରା ଓ ବଡଚଣା ସମେତ ସ୍ଥାନୀୟ ଅଂଚଳରୁ ଛୋଟବଡ ୨୫ରୁ ଉର୍ଦ୍ଧ ବିମାନ ଯୋଗ ଦେଇଥିଲେ । ଏହି ସମସ୍ତ ବିମାନ ରୋଷଣୀ କରି ମେଳଣ ପଡିଆରେ ଏକତ୍ର ହୋଇଥିଲେ । ଅନୁଷ୍ଠାନ ପକ୍ଷରୁ ଭୋଗ ଲାଗି କରିବା ପରେ ଶ୍ରୀଜୀଉଙ୍କୁ ବିଦାୟ ଦିଆଯାଇଥିଲା । ଏହା ସହିତ ବିଭିନ୍ନ ଅସ୍ଥାୟୀ ଦୋକାନ ସହ ଦୋଳି ଖେଳର ମଜା ଜନସାଧାରଣ ନେଇଥିଲେ । ଚଣ୍ଡିଖୋଲ ଫାଣ୍ଡି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଏହି ମେଳଣକୁ ଚଣ୍ଡିଖୋଲ ମିଳନ କମିଟିର ସମସ୍ତ ସଭ୍ୟ ଓ ଗ୍ରାମମୁରବୀ ସହଯୋଗ କରିଥିଲେ ।

# ଚାଷରେ ବଢୁଛି ବିଦ୍ୟୁତ୍ ବ୍ୟବହାର: ଚାଷୀଙ୍କ ଉପରେ ବୋଝ ପଡୁଛି



ଭୁବନେଶ୍ୱର, ୧୩/୦୩ (ନି.ପ୍ର): ରାଜ୍ୟର କୃଷି କ୍ଷେତ୍ରରେ ବଢୁଛି ବିଜୁଳିର ବ୍ୟବହାର । କୃଷି ବିଭାଗର ତଥ୍ୟ ଅନୁସାରେ, ୨୦୧୬ ମସିହାରେ ହେକ୍ଟର ପିଛା ୧.୬ କିଲୋୱାଟର ବିଜୁଳି ଶକ୍ତି ଖର୍ଚ୍ଚ ହେଉଥିବା ବେଳେ ବର୍ତ୍ତମାନ ଏହା ୨.୨୩ କିଲୋୱାଟରେ ପହଞ୍ଚିଛି । ଏହା କୃଷି ଅଭିବୃଦ୍ଧିର ମାନକ ହେଉଥିଲେ ମଧ ବଢୁଥିବା ବିଜୁଳି ବ୍ୟବହାର ଯୋଗୁଁ ଆସୁଥିବା ବିଲ୍ ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ବିଜୁଳି ବିତରଣ ବ୍ୟବସ୍ଥା ଟାଟା ପାୱାର ନେବା ପରେ ସ୍ଥିତି ଆହୁରି ଜଟିଳ ହୋଇଛି । କୃଷି କ୍ଷେତ୍ରରେ ବିଜୁଳି ବିଲ ଛାଡ଼ ଦାବି ନେଇ ପ୍ରଥମେ ବରଗଡ଼ ଜିଲ୍ଲାରେ ଜୟ କିଷାନ ଆନ୍ଦୋଳନ ପକ୍ଷରୁ ବିଭିନ୍ନ ସ୍ଥାନରେ ବଡ଼ ଧରଣର ସମାବେଶ କରାଯାଇଥିଲା । ବର୍ତ୍ତମାନ ରାଜଧାନୀରେ ନବନିର୍ମାଣ କୃଷକ ସଂଗଠନ ମଧ ଆନ୍ଦୋଳନ ପାଇଁ ସଜବାଜ ହେଉଛି । ଅନ୍ୟ ସବୁଠି ବିଜୁଳି ବିଲ୍ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି ।

ଚଳିତ ବର୍ଷ ଓଡ଼ିଶା ସରକାରଙ୍କ କୃଷି ଅଭିବୃଦ୍ଧି ନେଇ ଜାରି ରିପୋର୍ଟ ଅନୁସାରେ, ୨୦୨୧ ସୁଦ୍ଧା ରାଜ୍ୟର ୬୬.୯ ପ୍ରତିଶତ ଖରିଫ ଚାଷ ଜଳସେଚିତ ହୋଇଛି । ୨୦୨୨ ମସିହାରେ ସିଏଜିର ରିପୋର୍ଟ ଅନୁସାରେ, ୨୦୧୪ ରୁ ୨୦୧୯ ମସିହା ମଧ୍ୟରେ ୧୨ ହଜାର ୭୪୨ କୋଟି ଟଙ୍କା ଖର୍ଚ୍ଚ ପରେ ବି ରାଜ୍ୟରେ ମାତ୍ର ୨୪ ପ୍ରତିଶତ ଜମି ଜଳସେଚିତ ହୋଇପାରିଛି । ଜୟ କିଷାନ ଆନ୍ଦୋଳନର ହର ବଣିଆଙ୍କ ଅନୁସାରେ, ଜଳସେଚନ ସହିତ ବିଜୁଳି ଖର୍ଚ୍ଚର ସିଧାସଳଖ ସମ୍ପର୍କ ରହିଛି । ଅଣଜଳସେଚିତ କିମ୍ବା ଟେଲ ଏଣ୍ଡ ଅଞ୍ଚଳରେ ଉଠାଜଳସେଚନ ଜରିଆରେ ଜଳସେଚନ ପାଇଁ ସର୍ବାଧିକ ବିଜୁଳି ଖର୍ଚ୍ଚ ହୋଇଥାଏ । ଏଥିଯୋଗୁଁ ଖରିଫ ତୁଳନାରେ ରବିରେ ଅଧିକ ବିଜୁଳି ବିଲ୍ ଆସୁଛି । ବରଗଡ଼ ଚାଷୀ ଥବିର ସାହୁଙ୍କ ଅନୁସାରେ, ଉଠାଜଳସେଚନ ଜରିଆରେ ସେ ୩ ଏକର ଜମିକୁ ଜଳସେଚିତ କରୁଛନ୍ତି ।

ପୂର୍ବରୁ ମାସକୁ ୮୦୦ରୁ ୯୦୦ ଟଙ୍କା ବିଜୁଳି ବିଲ ଆସୁଥିଲା ବେଳେ ବର୍ତ୍ତମାନ ଏହା ୬ ହଜାର ଟଙ୍କା ପର୍ଯ୍ୟନ୍ତ ପହଞ୍ଚି ସାରିଛି । ଏପରିକି ବକେୟା ସହିତ ଚଳିତ ମାସ ତାଙ୍କ ବିଜୁଳି ବିଲ ଦେୟ ୧ ଲକ୍ଷ ୯୦ ହଜାର ଟଙ୍କା ଆସିବା ତାଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ବିଜୁଳି ବିତରଣ ଦାୟିତ୍ୱ ଘରୋଇ ସଂସ୍ଥା ଉପରେ ରହିଥିବାରୁ ବକେୟା ପ୍ରଦାନରେ ବିଳମ୍ବ ହେଲେ ମାତ୍ରାଧିକ ଜରିମାନା ଆଦାୟ ହେଉଛି । ଯଦି ସରକାର ଆଜି ପର୍ଯ୍ୟନ୍ତ ଶତପ୍ରତିଶତ ଅଞ୍ଚଳକୁ ଜଳସେଚିତ କରିପାରୁ ନାହାନ୍ତି ତେବେ ବିଜୁଳି ବିଲ୍ ମାତ୍ରାଧିକ କାହିଁକି ନିଆଯାଉଛି ବୋଲି ଚାଷୀ ସଂଗଠନମାନେ ପ୍ରଶ୍ନ କରୁଛନ୍ତି । ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, କର୍ଣ୍ଣାଟକ, ପଞ୍ଜାବ, ହରିୟାଣା, ରାଜସ୍ଥାନ ଏବଂ ଛତିଶଗଡ଼ରେ ୟୁନିଟ ହିସାବରେ ଚାଷୀଙ୍କ ଠାରୁ ନାମକୁ ମାତ୍ର କିମ୍ବା ମାଗଣାରେ ବିଜୁଳି ଦିଆଯାଉଛି । ଓଡ଼ିଶାରେ ଚାଷ ଏବଂ ଚାଷୀଙ୍କ ସ୍ୱାର୍ଥ ପାଇଁ ସେହି ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ଦାବି ହୋଇଛି । ଓୟୁଏଟି କୃଷି ଗବେଷଣା ଅଧକ୍ଷ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁଙ୍କ ଅନୁସାରେ, ଜଳସେଚନ, ଅମଳ ଯନ୍ତ୍ର ଏବଂ ପ୍ରୋସେସିଂ ପାଇଁ ବିଜୁଳି ଖର୍ଚ୍ଚ ହୋଇଥାଏ । କେବଳ ଉଠାଜଳସେଚନ ପାଇଁ ନୁହେଁ ଜଳସେଚିତ ଅଞ୍ଚଳରେ ମଧ ଚାଷ ଅଧିକ ହେଉଥିବାରୁ ସେହି ଅନୁଯାୟୀ ଅଧିକ ବିଜୁଳି ଖର୍ଚ୍ଚ ହୋଇଥାଏ । ସେଥିପାଇଁ କୃଷି ଅଭିବୃଦ୍ଧି ସହିତ ଚାଷରେ ବିଜୁଳିର ବ୍ୟବହାର ବୃଦ୍ଧି ପାଇ ଚାଲିଛି । ରାଜ୍ୟରେ ଚଳିତ ବର୍ଷ ଏହାର ପାଖାପାଖି ସ୍ଥିତିକୁ ପହଞ୍ଚିଛି । ବିଶେଷଜ୍ଞଙ୍କ ଅନୁସାରେ, ବର୍ତ୍ତମାନ ଯେଉଁଭଳି ଭାବରେ କୃଷି ଅଭିବୃଦ୍ଧି ଏବଂ କୃଷି ଯାନ୍ତ୍ରିକୀକରଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ସେହି ଅନୁଯାୟୀ ବିଜୁଳି ଖର୍ଚ୍ଚ ବଢୁଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ବିଜୁଳି ବିଲ୍‌ର ମାଡ଼ରୁ ଚାଷୀଙ୍କୁ ରକ୍ଷା ନକଲେ କୃଷି ଅଭିବୃଦ୍ଧି ଚାଷୀଙ୍କ ପାଇଁ ବୁମେରାଂ ହୋଇ ପଡ଼ିବ । ଟିଡିସିଏଲ ଅନୁସାରେ, ଚାଷୀଙ୍କୁ ରିହାତିରେ ୧ ୟୁନିଟ ପିଛା ୧ଟ.୬୦ ପଇସା ଦରରେ ବିଲ୍ ନିଆଯାଉଥିବା ସୂଚନା ଦିଆଯାଇଛି ।

# ମେଳଣ ପୂର୍ବରୁ ବଜାର ସଫେଇ କଲେ ଆମେ ବିପଦରେ ସାଥି

କୋରେଇ, ୧୩/୦୩ (ନି.ପ୍ର): ଆସନ୍ତା ୧୪ ତାରିଖ ରାତ୍ରୀରୁ ପାଣିକୋଇଲି ମେଳଣ ଉତ୍ସବ ଅନୁଷ୍ଠିତ ହେବ । ଏହାକୁ ଆଖି ଆଗରେ ରଖି ସ୍ୱଚ୍ଛତା ପାଇଁ ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ବିପଦରେ ସାଥି ପକ୍ଷରୁ ପାଣିକୋଇଲି ବଜାର ସଫେଇ କରାଯାଇଛି । ଆଜି ସକାଳୁ ସଦସ୍ୟ ମାନେ ଓଭରବ୍ରିଜ ତଳ ଓ ତାର ଉଭୟ ପାର୍ଶ୍ୱକୁ ସମ୍ପୂର୍ଣ୍ଣ ଭାବେ ସଫା କରିବା ସହ ଆବର୍ଜନା ବସ୍ତୁକୁ ଟ୍ରାକ୍ଟର ଯୋଗେ ସ୍ଥାନାନ୍ତର କରିଛନ୍ତି । ସଦସ୍ୟ ମାନଙ୍କ ମନୋବଳ ବୃଦ୍ଧି କରିବାକୁ ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା, ପେଟ୍ରୋଲିଙ୍ଗ ସବଇନ୍ସପେକ୍ଟର ଅଶୋକ କୁମାର ବଳ, ବରିଷ୍ଠ ନାଗରିକ ମଂଚ ସଭାପତି ନୃସିଂହ ଚରଣ ଦଳାଇ, ସମାଜସେବୀ ସୂର୍ଯ୍ୟମଣି ପଣ୍ଡା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସଙ୍ଗଠନ ପକ୍ଷରୁ ସୁବାସ ଧଳ, ଅଶୋକ କମ୍ପାର ବେହେରା, ରବିନ୍ଦ୍ର ବେହେରା, ତାରିଣୀ ପଟ୍ଟନାୟକ, ତପନ ମହାନ୍ତି, ବାଦଲ ନାୟକ, ଗୋଲକ ବିହାରୀ ପରିଡା, ବିଜୟାନନ୍ଦ କବି, ରାକେଶ ରଂଜନ ପଣ୍ଡା, ସତ୍ୟ ବାରିକ, ଶୁଭ୍ରାଂଶୁ ନାୟକ, ସନ୍ତୋଷ କୁମାର ମହାନ୍ତି, ଦିଲ୍ଲୀପ କୁମାର ସ୍ୱାଇଁ, ମହେଶ୍ୱର ମହୀ, ଅନୁପ ବେହେରା, ପ୍ରକାଶ ମଲ୍ଲିକ, ଚନ୍ଦ୍ରକାନ୍ତ ବିଶ୍ୱାଳ, ରାଜ କିଶୋର କର, ଧନୁଷ ଦଳାଇ, ସୁଶାନ୍ତ ରାୟ ପ୍ରମୁଖ ସାମିଲ ହୋଇଥିଲେ ।

# ତ୍ରୁଟିପୂର୍ଣ୍ଣ ବାଗ୍ରାଗୁଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ: ୬ କୋଟିର ପ୍ରକଳ୍ପ, ୧୨ବର୍ଷରେ ଅଚଳ



କୋରାପୁଟ , ୧୩/୦୩ (ନି.ପ୍ର): ଖରିଫ ଋତୁରେ ୫୭୬ ହେକ୍ଟର ଓ ରବି ଋତୁରେ ୩୧୪ ହେକ୍ଟର ଜମିକୁ ଜଳସେଚିତ କରିବା ଲକ୍ଷ୍ୟନେଇ କୋରାପୁଟ ବ୍ଲକ୍ ?ରେ ନିର୍ମାଣ ହୋଇଥିଲା ବାଗ୍ରାଗୁଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ । କିନ୍ତୁ, ବୈଷୟିକ ତ୍ରୁଟି ଏବଂ ନିମ୍ନମାନର କାମ ଯୋଗୁ ୬କୋଟି ଟଙ୍କାର ପ୍ରକଳ୍ପ ବର୍ତ୍ତମାନ ଅଚଳ ହୋଇଯାଇଛି । ଶୁଖିଲା ପଡ଼ିଥିବା ଜଳଭଣ୍ଡାରକୁ ଜବରଦଖଲ କରି ଗଢ଼ି ଉଠିଛି ଅନେକ ଇଟାଭାଟି । ଯାହାକିଛି ପାଣି ଗଚ୍ଛିତ ରହୁଛି, ତାହାକୁ ଶୁଖାଇ ଦେଉଛନ୍ତି ବେଆଇନ ଇଟାଭାଟି ।

ବାଗ୍ରା ନାଳରେ ପାଣିକୁ ଗଚ୍ଛିତ ରଖି ଚାଷୀଙ୍କୁ ଯୋଗାଇ ଦେବାକୁ ୨୦୦୯ ମାର୍ଚ୍ଚ ମାସ ୧ ତାରିଖରେ ରାଜ୍ୟ ସରକାର ବାଗ୍ରା-ଜଗମଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଘୋଷଣା କରିଥିଲେ । ୨୦୧୧ ମସିହାରେ ପ୍ରକଳ୍ପ ସଂପୂର୍ଣ୍ଣ ହୋଇଥିଲା । ତଳମୁଣ୍ଡକୁ ଜଳ ଯୋଗାଣ ନିମନ୍ତେ ସେହି ସମୟରେ ପ୍ରାୟ ୪୫ କିଲୋମିଟର କେନାଲ ଖନନ ହୋଇଥିଲା । କିନ୍ତୁ, ଡିଜାଇନ୍‌ରେ ହୋଇଥିବା ତ୍ରୁଟି ତଥା ନିମ୍ନମାନର କାମ ଯୋଗୁ ଅଧିକାଂଶ କେନାଲ ପୋତି ହୋଇସାରିଲାଣି । ବର୍ତ୍ତମାନ ମାତ୍ର ୧୨ରୁ ୧୩ କିଲୋମିଟର ଅଞ୍ଚଳ ଜଳସେଚିତ ହୋଇପାରୁଛି । ୬୩.୬୭ ହେକ୍ଟର ବିଶିଷ୍ଟ ଡ୍ୟାମ୍‌ରେ ଆଦୌ ପାଣି ରହୁନି । ବର୍ଷାଦିନେ ଯେଉଁ ପାଣି ଜମା ହେଉଛି, ବର୍ଷା ଛାଡ଼ିବାପରେ ତାହା ଖାଲି ହୋଇଯାଉଛି । ତେଣୁ ରବି ଫସଲ ପାଇଁ ଚାଷୀ ପାଣି ପାଉନାହାନ୍ତି । ଅନ୍ୟପଟେ ପ୍ରକଳ୍ପ ଆଖପାଖରେ ରହିଥିବା ବେଆଇନ ଇଟାଭାଟି ଚାଷୀଙ୍କ ପାଣି ଶୋଷି ଚାଲିଛି ।

ଅପରପକ୍ଷରେ, ଜଳ ନିଷ୍କାସନ ପାଇଁ ଯେଉଁ ବ୍ୟବସ୍ଥା ହୋଇଥିଲା ତାହା ବି ଅଚଳ ହୋଇଯାଇଛି । ଦୁଇଟି କେନାଲ ଗେଟ୍ ମଧ୍ୟରୁ ଗୋଟିଏ ଅକାମି । ଜଳସ୍ତର ଅତି ତଳକୁ ଚାଲି ଯାଇଥିବାରୁ ଅନ୍ୟ ଗେଟ୍ ଦେଇ ମଧ ଜଳ ନିଷ୍କାସନ ହୋଇପାରୁନି । ଗୋଟିଏ ଜଳସେଚନ ପ୍ରକଳ୍ପର ଅବଧି ୬୦ରୁ ୭୦ବର୍ଷ ହୋଇଥିବା ବେଳେ ମାତ୍ର ୧୧ବର୍ଷ ମଧରେ ଏହି ପ୍ରକଳ୍ପରେ ପାଣି ରହୁନି । ପ୍ରକଳ୍ପ ଆରମ୍ଭ ସମୟରେ ପ୍ରକଳ୍ପରୁ କ୍ୟାଚ୍‌ମେଣ୍ଟ୍ ଅଞ୍ଚଳକୁ ବର୍ଷା ଋତୁରେ ୫୫ କ୍ୟୁସିକ ମିଟର ଜଳ ପ୍ରବେଶ କରୁଥିଲା । ଏଥିପାଇଁ ଜଳାଶୟରେ ୪୪ମିଟର ଜଳ ଗଚ୍ଛିତ ରଖିବାକୁ ଯୋଜନା କରାଯାଇଥିଲା । ଚଳିତବର୍ଷ ମାତ୍ର ୫ରୁ ୧୦ମିଟର ଜଳ ରହିଥିବା ଦେଖିବାକୁ ମିଳିଛି । ଚାଷୀଙ୍କ ବ୍ୟବହାରରେ ଏହି ପ୍ରକଳ୍ପ ଲାଗୁନଥିବା ସତ୍ତ୍ୱେ ଏଥିପ୍ରତି ପ୍ରଶାସନ କିମ୍ବା ଜଳସେଚନ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉନି । ଅଚଳ ପ୍ରକଳ୍ପ ଯୋଗୁ ଶହ ଶହ ଏକର ଜମି ଚଳିତ ରବି ଋତୁରେ ପଡ଼ିଆ ପଡ଼ିବା ନିଶ୍ଚିତ ବୋଲି ଚାଷୀ କହିଛନ୍ତି ।

ଏ ନେଇ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲ ଖୋଲା ଯାଇଥିବା ବେଳେ ଡାହାଣ ପାର୍ଶ୍ୱ କେନାଲ ଖୋଲା କାର୍ଯ୍ୟ ଜାରି ରହିଛି । ସ୍ଥାନୀୟ ଲୋକ ମୁଖ୍ୟ ଫାଟକୁ ବାରମ୍ବାର ଖୋଲି ଦେଉଥିବାରୁ ପାଣି ରହୁନି । ଆଗମୀ ଦିନରେ ଜଳ ଯେମିତି ଗଚ୍ଛିତ ରହିବ ସେଥିପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ଦେଓଗାଁ ଚିନିକଳ କାର୍ଯ୍ୟକ୍ଷମ ହେବ

ବଲାଙ୍ଗୀର, ୧୩/୦୩ (ନି.ପ୍ର): ନିକଟରେ ରାଜ୍ୟ ବିଧାନସଭାରେ ବନ୍ଦ ପଡିଥିବା ଚିନିକଳ ଗୁଡ଼ିକ ପୁନଃ କାର୍ଯ୍ୟକ୍ଷମ ହେବାକୁ ଅର୍ଥ ଅନୁଦାନ ବ୍ୟବସ୍ତା ହୋଇଥିବା ଯୋଗୁଁ ଦେଓଗାଁ ଚିନିକଳ ଚାଲିବା ନେଇ ଆଶା ସଂଚାର ହୋଇଛି । ଶିଳ୍ପବିହୀନ ବଲାଙ୍ଗୀର ଜିଲ୍ଲାରେ ଏକମାତ୍ର ଶିଳ୍ପାନୁଷ୍ଠାନ ଯାହା ଏକଦା ଶହ ଶହଶହ ଲୋକଙ୍କ ପାଇଁ ଜୀବନଜୀବିକାର ଏକ ମାଧ୍ୟମ ହୋଇଥିଲା, ତାହା ଏବେ ମୃତବତ୍ ପଡିରହିଛି । ଏହା ହେଉଛି ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ସାଗରପାଲି ସ୍ଥିତ ବିଜୟାନନ୍ଦ ଚିନି କଳ । ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଏହି ଚିନିକଳଟି ଏବେ ଭୂତକୋଠି ପାଲଟି ଯାଇ ନିଜର ଅସ୍ତିତ୍ୱ ଖୋଜୁଛି । ଏପଟେ ଚିନିକଳକୁ ପୁନଃକାର୍ଯ୍ୟକ୍ଷମ ଦାବିରେ ଭିଲେଜର୍ସ ପାର୍ଟି ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଚିନିକଳ ଆଗରେ ଅନିର୍ଣ୍ଣିତକାଳୀନ ଧାରଣା ଦିଆଯାଇଛି । ଦୀର୍ଘ ୫୦୦ ଦିନ ହେବ ଏହି ଧାରଣା ଜାରି ରହିଥିଲେ ମଧ ସରକାର ଲୋକଙ୍କ ପେଟପାଟଣା ବିଷୟ ଉପରେ ଆଖି ବୁଜି ଦେଇଛନ୍ତି । ଦେଓଗାଁ ଚିନିକଳ କେବେ କାର୍ଯ୍ୟକ୍ଷମ ହେବ, ଏହା ଉପରେ ନିର୍ଭର କରୁଥିବା ଲୋକଙ୍କ ମୁହଁରେ କେବେ ହସ ଫୁଟିବ ଓ ରାଜ୍ୟ ସରକାର କେବେ ଏହି ଦାଦନ ପ୍ରବଣ ଜିଲ୍ଲା ଉପରେ ନିଜର ସୁଦୃଷ୍ଟି ପକାଇବେ ତାହାକୁ ନେଇ ଘୋର ଅନିଶ୍ଚିତତା ଦେଖାଦେଇଛି । ତେଣୁ ଲୋକଙ୍କ ଜୀବନଜୀବିକାକୁ ସୁନିଶ୍ଚିତ କରିବା ପାଇଁ ଏହି ଚିନିକଳ କୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି ।

# ମହିଳା ମହାବିଦ୍ୟାଳୟରେ ମହିନ୍ଦ୍ରା ପ୍ରାଇଡ ତରଫରୁ ରୋଜଗାର ଭିତିକ କର୍ମଶାଳା

ଭୁବନ, ୧୩/୦୩ (ନି.ପ୍ର): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ମହିନ୍ଦ୍ରା ପ୍ରାଇଡ କ୍ଲାସରୁମ ଆନୁକୂଲ୍ୟରେ ତିନି ଦିନିଆ ରୋଜଗାର ଭିତିକ କୌଶଳ ବିକାଶ ଟ୍ରେନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପିକା ଡ.ମମତା ପାତ୍ର ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଟ୍ରେନିଂ କାର୍ଯ୍ୟକ୍ରମରେ ସମୁଦାୟ ୧୨୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ନିଜ ଅନ୍ତଃନିର୍ହିତ ଗୁଣକୁ କିପରି ବିକାଶ ବିକାଶ କରାଯାଇ ପାରିବ ଓ ତାହା ଦ୍ୱାରା ପାଠ ପଢିସାରିବା ପରେ ନିଜ କୁ କିପରି ପ୍ରସ୍ତୁତ କରି ରୋଜଗାରକ୍ଷମ ହୋଇପାରିବେ, ବିଭିନ୍ନ ସାକ୍ଷାତକାରରେ ସଫଳତା ପାଇବା ପାଇଁ କିଭଳି ପ୍ରସ୍ତୁତି କରିବେ ଏବଂ ଜ୍ଞାନର ପରିସୀମାକୁ ବୃଦ୍ଧି କରିବା ସହ କୌଶଳ ବିକାଶ ହୋଇପାରିବ ସେ ସମ୍ବନ୍ଧରେ ଗତ ୧୦ ତାରିଖ ଠାରୁ ତିନିଦିନ ପର୍ଯ୍ୟନ୍ତ ଟ୍ରେନିଂ ଦିଆଯାଇଥିଲା । ମହିନ୍ଦ୍ରା ପ୍ରାଇଡ କ୍ଲାସରୁମ, ନନ୍ଦୀ ମାଧମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ସୁପ୍ରଭା ମହାରଣା, ବର୍ଣ୍ଣାଭୋଧାରା ଉପସ୍ଥିତ ରହି ଦକ୍ଷତା ବିକାଶ ଟ୍ରେନିଂ ପ୍ରଦାନ କରିଥିଲେ । ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ଦିଲ୍ଲୀପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଶାନ୍ତ ରାଉତରାୟ , ନିରଂଜନ ନାୟକ, ଅମ୍ବୁଜ ସାହୁ, ଲକ୍ଷ୍ମଣ ସାହୁ, ରଙ୍ଗଲତା ବେହେରା, ନିର୍ମଳା ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

# ଜିଲ୍ଲା ଏକ୍ସକେଡର ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ

ନୂଆପଡ଼ା, ୧୩/୦୩ (ନି.ପ୍ର): ଆଜି ନୂଆପଡା ଜିଲା ଏକ୍ସକେଡର ଶିକ୍ଷକ ସଂଘର କାୟକାରୀଣୀ ବୈଠକ ଡିଖାଲି ଠାରେ ସଭାପତି ଅରୁଣ ଯୋଷୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକ ଏକ୍ସକେଡର ଉଚ୍ଛେଦ ସହ ଇନକ୍ରିମେଣ୍ଟ ପ୍ରଦାନ, ଗଣଶିକ୍ଷକଙ୍କୁ ନିୟମିତ କରିବା ସହିତ ଏନପିଏସ ମେଚିଙ୍ଗ ଗ୍ରାଣ୍ଡ ପ୍ରଦାନ ଦାବୀରେ ସଂଘ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ସୁଫଳ ମିଳୁନଥିବାରୁ ସରକାରଙ୍କୁ ସମାଲୋଚନା କରାଯାଇଥିଲା । ଚଳିତ ବଜେଟ ଅଧିବେଶନ ସୁଦ୍ଧା ଚାରିଦଫା ଦାବି ପୁରଣ ନହେଲେ ବ୍ଲକସ୍ତରରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ଉକ୍ତ ବୈଠକରେ ରାଜ୍ୟ ଏକ୍ସକେଡର ମହାସଂଘର କାର୍ଯ୍ୟକାରୀ ସଭାପତି ଅଲେଖ ସାହୁଙ୍କ ସହିତ ଜିଲ୍ଲା କର୍ମକର୍ତା ଭୋଜରାମ ଅହିର, ମିତ୍ରବାଦୀ ମଲ୍ଲିକ, ସନୁଧର ନାଗ, ନିରୋଜ ଖମାରୀ, ଦେବକୁ ଗୁଆଲ, ବ୍ଲକ କର୍ମକର୍ତାମାନଙ୍କ ମଧ୍ୟରୁ ବୃଷକେତନ ଅଗସ୍ତୀ, ଗୌର ସାହୁ, ଜୟନ୍ତ ପ୍ରଧାନୀ, ତରୁଣ ମେହେର, ବେଣୁଧର ନାୟକ, ସାମନ୍ତ ଦାସ, ଅଜୟ ହେର୍ଣାଙ୍କ ସହିତ ଶତାଧିକ କର୍ମକର୍ତା ଉପସ୍ଥିତ ଥିଲେ ।

# ଏସବିଆଇ ଗ୍ରାହକ ସେବାକେନ୍ଦ୍ରରୁ ଚୋରି

ମୁଖୀଗୁଡ଼ା, ୧୩/୦୩ (ନି.ପ୍ର): କଳାହାଣ୍ଡି ଜିଲ୍ଲା ମୁଖୀଗୁଡା ସ୍ଥିତ ଏସବିଆଇ ଗ୍ରାହକ ସେବା କେନ୍ଦ୍ରରୁ ଚୋରି ହୋଇଥିବା ଜୟପାଟଣା ଥାନାରେ ଅଭିଯୋଗ ହୋଇଛି । ଶନିବାର ରାତିରେ ମୁଖୀଗୁଡା ପାୱାର ରାସ୍ତା କଡ଼ରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରର ଆଜବେଷ୍ଟର ଛାତ ଭାଙ୍ଗି ଦୁଇଟି ଲ୍ୟାବଟପ ଏବଂ ଗୋଟିଏ ମୋବାଇଲ ଫୋନ ଚୋରି ହୋଇ ଥିବା ନେଇ ମାଲିକ ଜୟପାଟଣା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇଲାପରେ ପୁଲିସ ସାଇଂଟିଫିକ ଟିମ ଏବଂ ସନ୍ଧାନୀ କୁକୁର ସହ ତଦନ୍ତ ଜାରି କରାଯାଇଛି । ହେଲେ ଚୋର ଧରାପଡି ନାହି । ମୁଖୀଗୁଡା ମୁଖ୍ୟ ରାସ୍ତା କଡ଼ରେ ଥିବା ଏହି ଗ୍ରାହକ କେନ୍ଦ୍ରରୁ ଚୋରି ହେବା ପରେ ମୁଖୀଗୁଡାରେ ପୁଲିସ ପେଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ପାଇଁ ଦାବି ହୋଉଛି ।

# ଦାନ୍ତରେ ପୋକ ଲାଗିବାରୁ ରକ୍ଷା କରିବା ସହ ଏହି ସବୁ ଉପକାରୀ ଗୁଣରେ ଭରପୁର ଗୁଜୁରାତି...

ଖାଦ୍ୟକୁ ସ୍ୱାଦିଷ୍ଟ କରିଥାଏ ଗୁଜୁରାତି । ମସଲାରେ ସୁଗନ୍ଧ ବଢାଏ ଗୁଜୁରାତି । ଏହି ଗୁଜୁରାତିରେ ବହୁ ଔଷଧୀୟ ଗୁଣ ରହିଛି । ଏହା ଶରୀରକୁ ବହୁ ରୋଗରୁ ରକ୍ଷା କରିଥାଏ । ଏଥିରେ ମାୟକେନିନ, ଲାଇମୋନିନ, ମେନଥୋଫୋନ, ଅଲ୍ଫା ଟେରପିନାଲ ରହିଛି । ତେବେ ଗୁଜୁରାତିର ସବୁଠୁ ବଡ ଉପକାରିତା ହେଉଛି ଏହା ଦାନ୍ତରେ ପୋକ ଲାଗିବା ଦାଉରୁ ରକ୍ଷା କରେ । ଏହା ସହ ଓଜନ ହ୍ରାସ କରିବାରେ ସହାୟକ ହୁଏ । ଏତଦ୍ ବ୍ୟତୀତ ରକ୍ତଚାପ, ମଧୁମେହ, ଏବଂ ମୁଖ କ୍ୟାନସର ଭଳି ରୋଗ ଦାଉରୁ ରକ୍ଷା କରେ ।

## ତେବେ ଜାଣନ୍ତୁ ଗୁଜୁରାତିର ଉପକାରିତା ବିଷୟରେ



ଦାନ୍ତରେ ପୋକ ଲାଗିବାରୁ ରକ୍ଷା କରେ: ଗୁଜୁରାତିରେ ବହୁ ପ୍ରକାରର ପୋଷକ ତତ୍ତ୍ୱ ରହିଛି । ଏହା ଦାନ୍ତକୁ ପୋକ ଲାଗିବାରୁ ରକ୍ଷା କରେ । ଏଥିରେ ଥିବା ଫାଇଟୋକେମିକାଲ, ଏକ ଶକ୍ତିଶାଳୀ ଆଣ୍ଟିସେପଟିକ୍ ବ୍ୟାଟେରିଆ ମାରିବାରେ ସହାୟକ ହୁଏ । ଏତଦ୍ ବ୍ୟତୀତ ମୁଖ ଦୁର୍ଗନ୍ଧ ମଧ ଦୂର କରେ ।

ପାଚନ କରିବାରେ ସହାୟକ ହୁଏ: ପ୍ରତିଦିନ ଗୁଜୁରାତି ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଠିକ୍ ଭାବରେ ହୋଇଥାଏ । ଏହା ଓଜନ ହ୍ରାସ କରିବାରେ ସହାୟକ ହୁଏ ।

କାଶ-ଥଣ୍ଡା ପାଇଁ ଲାଭଦାୟକ: ଗୁଜୁରାତି ଖାଇବା ଦ୍ୱାରା କାଶ-ଥଣ୍ଡା ଭଲ ହୋଇଥାଏ । ଏଥିପାଇଁ ରାତିରେ ଶୋଇବା ପୂର୍ବରୁ ଏକ ଗ୍ରାମ ଗୁଜୁରାତି ଗୁଣ୍ଡ ମହୁ ସହ ମିଶାଇ ଖାଆନ୍ତୁ । ଦୁଇରୁ ତିନି ଦିନ ଖାଇବା ଦ୍ୱାରା କାଶ ଥଣ୍ଡା ଭଲ ହୋଇଥାଏ ।

ରକ୍ତଚାପ ନିୟନ୍ତ୍ରଣ କରେ: ଗୁଜୁରାତି ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରିତ ରୁହେ । ଏଥିରେ ଥିବା ପୋଟାଶିୟମ, ମାଗ୍ନେସିୟମ ରକ୍ତଚାପକୁ ନିୟନ୍ତ୍ରଣରେ ରଖେ ।

ନଂପୁଶକତା ଦୂର କରିବାରେ ସହାୟକ ହୁଏ- ଗୁଜୁରାତି କାମୋତେଜକ ହୋଇଥାଏ । ଏହା ନଂପୁଶକତା ଦୂର କରିବାରେ ସହାୟକ ହୋଇଥାଏ ।

# ଚିତ୍ର ଆଙ୍କି ଲକ୍ଷାଧିକ ଟଙ୍କା ରୋଜଗାର କରୁଛି ଘୁଷୁରୀ



ଚିତ୍ର ଆଙ୍କିବାକୁ ଅନେକ ନିଜ ପେଶା ଭାବେ ଗ୍ରହଣ କରିଥାନ୍ତି । କିନ୍ତୁ ଏକ ପଶୁ ଚିତ୍ର ଆଙ୍କି ଲକ୍ଷ-ଲକ୍ଷ ଟଙ୍କା ରୋଜଗାର କରୁଥିବା ଆପଣ ଶୁଣିଛନ୍ତି କି ? ଅବିଶ୍ୱାସ ହେଉଥିଲେ ବି ଏହା ସତ । ଦକ୍ଷିଣ ଆଫ୍ରିକାରେ ରହୁଥିବା ପିଗ୍‌କାସୋ ନାମକ ଏକ ଘୁଷୁରୀ ଚିତ୍ର ଆଙ୍କି ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଛି ।

ପିଗ୍‌କାସୋ ବ୍ରିଟେନର ପ୍ରିନ୍ସ ହେରୀଙ୍କର ଏକ ଚିତ୍ର ଆଙ୍କିଥିଲା । ଉକ୍ତ ଚିତ୍ରଟିକୁ ସ୍ୱେନର ଜଣେ ବ୍ୟକ୍ତି ୨.୩୬ ଲକ୍ଷ ଟଙ୍କା ମୂଲ୍ୟରେ କିଣିଛନ୍ତି । ପିଗ୍‌କାସୋର ବୟସ ବର୍ତ୍ତମାନ ୪ ବର୍ଷ । ଜୋନେ ଲେଫସନ ନାମକ ଜଣେ ମହିଳା ତାକୁ ଅସୁସ୍ଥ ଅବସ୍ଥାରେ ପାଇଥିଲେ । ସେବେଠାରୁ ସେ ତା'ର ଲାଳନପାଳନ କରିଥିଲେ । ପିଗ୍‌କାସୋ ମୁହଁରେ ରଙ୍ଗତୁଳୀ ଧରାଇଦେଲେ ସେ ଚିତ୍ର ଆଙ୍କିବା ଆରମ୍ଭ କରିଥାଏ ବୋଲି ଲେଫସନ କହିଛନ୍ତି । ପିଗ୍‌କାସୋର ଚିତ୍ର ବିକ୍ରି କରି ପାଉଥିବା ଟଙ୍କାରେ ଲେଫସନ ନିଜ ଫାର୍ମରେ ରଖିଥିବା ଅନ୍ୟ ପଶୁପକ୍ଷୀଙ୍କର ପ୍ରତିପୋଷଣ କରୁଛନ୍ତି । ବଳକା ଟଙ୍କା ସେ ସମାଜସେବାରେ ନିୟୋଜିତ କରୁଛନ୍ତି । ସେ ନିଜର ପୁଅ ଭଳି ପିଗ୍‌କାସୋର ଯତ୍ନ ନେଉଥିବା ପ୍ରକାଶ କରିଛନ୍ତି । ପିଗ୍‌କାସୋର ଏକ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ମଧ ରହିଛି । ଯେଉଁଥିରେ ସେ ଚିତ୍ର କରୁଥିବା ସମୟର ଭିଡିଓ ଅପଲୋଡ ହୋଇଥାଏ । ଏହି ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଲକ୍ଷାଧିକ ଫଲୋୟର୍ସ ଅଛନ୍ତି ।

# ଘରେ ପ୍ରସ୍ତୁତ କରନ୍ତୁ ସ୍ୱାଦିଷ୍ଟ ଚିକେନ ପଟିଆଲା

**ଆବଶ୍ୟକ ଉପକରଣ:**
ଚିକେନ, ଦହି, ପିଆଜ, କ୍ୟାପ୍‌ସିକମ୍, ଅଦାରସୁଣ ପେଷ୍ଟ, ହଳଦି, ଲାଲ ଲଙ୍କା, ଗୋଲମରିଚ ଗୁଣ୍ଡ, ଲୁଣ, ରିଫାଇନ ତେଲ, ଗୋଟା ଗରମ ମସଲା, କଞ୍ଚା ଲଙ୍କା, କାଜୁ ପେଷ୍ଟ, ଜିରା ଗୁଣ୍ଡ ଓ ଧନିଆ ଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନକୁ ଭଲ ଭାବେ ଧୋଇ ସେଥିରେ ଦହି, ଅଦାରସୁଣ ପେଷ୍ଟ, ହଳଦି, ରେଡ୍ ଚିଲି, ଗୋଲମରିଚ ଗୁଣ୍ଡ ଓ ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ ଓ କିଛି ସମୟ ରଖି ଦିଅନ୍ତୁ । ପରେ କଡ଼େଇରେ ତେଲ ଗରମ କରନ୍ତୁ । ସେଥିରେ ଗୋଟା ଗରମ ମସଲା ପକାନ୍ତୁ । ଏହାପରେ ଜିରା, ଛେଚା ଅଦା ଓ ରସୁଣ ପକାନ୍ତୁ । ଏହା ଟିକେ ଭାଜି ହୋଇଗଲେ କଟା ପିଆଜ ପକାନ୍ତୁ । ଏହାକୁ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ ।

ଏବେ ସେଥିରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ (ମନେ ରଖନ୍ତୁ ପୂର୍ବରୁ ଚିକେନ୍‌ରେ ଲୁଣ ଗୋଳା ଯାଇଛି) ପକାଇ ଗୋଳାନ୍ତୁ ।

କିଛି ସମୟ ପରେ ୨ଟି ଟମାଟୋ ପକାନ୍ତୁ । ଏହାକୁ ଭଲ ଭାବେ ଗୋଳାନ୍ତୁ । ସେଥିରେ ହାଫ୍ କପ୍ ପାଣି ପକାନ୍ତୁ । କିଛି ସମୟ ପରେ କଡ଼େଇରେ ଅଳ୍ପ ମସଲା ରଖି ଅବଶିଷ୍ଟ ବାହାର କରି ଥଣ୍ଡା କରନ୍ତୁ । ଏହାପରେ ତାକୁ ପେଷ୍ଟ କରି ନିଅନ୍ତୁ ।

କଡ଼େଇରେ ଥିବା ଅଳ୍ପ ମସଲାରେ ମ୍ୟାରିନେଟ ହୋଇଥିବା ଚିକେନ ମିଶାନ୍ତୁ । ଏହାପରେ ସେଥିରେ ୨ ଚାମଚ କଞ୍ଚା ଲଙ୍କା ବଟା ମିଶାନ୍ତୁ । ଏହାକୁ ସିମ୍‌ରେ ଘୋଡ଼ାଇ ଚିକେନ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ । ଅନ୍ୟ ଏକ କରେଇରେ ତେଲ ଗରମ କରି କିଛି ଜିରା ପକାନ୍ତୁ । ସେଥିରେ ଅଦା, ରସୁଣ ଛେଚା ପକାନ୍ତୁ । ଏହାପରେ ଚପ୍ ହୋଇ କଟା ହୋଇଥିବା ମେଥି ପକାନ୍ତୁ । ଏହାପରେ ମିଡିୟମ ସାଇଜରେ କଟା ହୋଇଥିବା ପିଆଜ ଓ କ୍ୟାପସିକମ ପକାନ୍ତୁ । ସେଥିରେ ହଳଦି, ଲଙ୍କା, ଜିରା, ଧନିଆ ପାଉଡର ପକାନ୍ତୁ । ଏହାପରେ ସେଥିରେ ହାଫ କପ୍ କାଜୁ ପେଷ୍ଟ ପକାନ୍ତୁ । ହାଫ କପ୍ ପାଣି ପକାଇ କିଛି ସମୟ ଫୁଟିବାକୁ ଛାଡ଼ି ଦିଅନ୍ତୁ ।



ଏହାପରେ ଚିକେନ ସିଝୁଥିବା କରେଇରେ ଏହି ମସଲାକୁ ଢାଳି ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହା ଉପରେ ଗରମ ମସଲ, କଟା କଞ୍ଚାଲଙ୍କା ଓ କସ୍ତୁରୀ ମେଥି ପକାନ୍ତୁ । ଏହାକୁ ଢାଙ୍କୁଣି ଘୋଡ଼ାଇ କିଛ ସମୟ ପାଇଁ ଛାଡ଼ି ଦିଅନ୍ତୁ । ତା' ପରେ ଫ୍ରେଶ୍ କ୍ରିମ ପକାଇ ଦିଅନ୍ତୁ । ଏହାପରେ ସର୍ଭ କରନ୍ତୁ ।

# ଘାତକ ଛତୁ, ଛୁଇଁଲେ ଚରିଯାଏ ବିଷ

ଛତୁ ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର ବୋଲି ଆମେ ଜାଣୁ । କିନ୍ତୁ ଏଭଳି ଏକ ଛତୁ ଅଛି, ଯାହା ଅତ୍ୟନ୍ତ ଭୟଙ୍କର । ନାଁ ପୋଡୋଷ୍ଟ୍ରୋମା କର୍ନୁ-ଡାମା । ଅଷ୍ଟ୍ରେଲିଆର କ୍ୱିନ୍‌ସଲ୍ୟାଣ୍ଡରେ ଦେଖାଯାଉଥିବା ଏହି ଛତୁ ଅତ୍ୟନ୍ତ ଘାତକ ଓ ବିଷାକ୍ତ । ଲାଲ୍ ରଙ୍ଗର ଏହି ବିଷାକ୍ତ କବକ ମଣିଷ ପାଇଁ ପ୍ରାଣଘାତକ ହୋଇଥାଏ । ଏହାକୁ ଖାଇବା ତ ଦୂରର କଥା, ଛୁଇଁବା ମାତ୍ରେ ଶରୀରରେ ବିଷ ଚରିଯାଏ, ଫଳରେ ବ୍ୟକ୍ତି ରୋଗଗ୍ରସ୍ତ ହୋଇଥାନ୍ତି । ପ୍ରଥମେ ଏହି କବକ ଜାପାନ ଓ କୋରିଆ ଲଭି ଏସୀୟ ଦେଶରେ ଦେଖାଯାଉଥିଲା । ଏବେ ଏହା ଅଷ୍ଟ୍ରେଲିଆରେ ମଧ ଦେଖାଯାଉଛି । ୧୮୯୫ ମସିହାରେ ଚୀନ୍‌ରେ ସର୍ବପ୍ରଥମେ ଏହି ବିଷାକ୍ତ କବକ ଆବିଷ୍କୃତ ହୋଇଥିଲା । ଏହି କବକ କାରଣରୁ ଜାପାନ ଓ ଦକ୍ଷିଣ କୋରିଆରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି । ଲୋକେ ଏହାକୁ ପାରମ୍ପରିକ ଚିକିତ୍ସାରେ ପ୍ରୟୋଗ ହେଉଥିବା ଖାଇବାଯୋଗ୍ୟ କବକ ମନେକରି ଚା'ରେ ମିଶାଇ ପିଇଥିଲେ । ଏହା ପରେ ସେମାନଙ୍କର ମୃତ୍ୟୁ ହୋଇଥିଲା ।

ବୈଜ୍ଞାନିକଙ୍କ ସୂଚନା ଅନୁସାରେ, ଏହି ବିଷାକ୍ତ କବକକୁ ଯଦି କେହି ଭୁଲରେ ଖାଇଦିଏ, ତେବେ ଅଙ୍ଗ ଅଚଳ ହେବା ଆରମ୍ଭ ହୁଏ । ଧୀରେ ଧୀରେ ଅଙ୍ଗପ୍ରତ୍ୟେଙ୍ଗ କାମ କରିବା ବନ୍ଦ କରିଦିଏ । ଖାସ୍ କଥା ହେଉଛି ଏହା ମନୁଷ୍ୟର ମସ୍ତିଷ୍କକୁ କ୍ଷତି ପହଞ୍ଚାଏ । କବକକୁ ଛୁଇଁବା ମାତ୍ରେ ଶରୀର



# ଶୀତଦିନେ ବାରମ୍ବାର ଓଠ ଫାଟିବା ସମସ୍ୟାକୁ ଦୂରେଇବା ପାଇଁ ଆପଣାନ୍ତୁ ଏହି ଉପାୟ

ଶୀତ ଋତୁରେ ବାୟୁରେ ଆର୍ଦ୍ରତା କମ୍ ଥାଏ, ଯେଉଁ କାରଣରୁ ଚର୍ମରେ ଶୁଷ୍କତା ଦେଖାଯାଏ । ଏହି ସମୟରେ, ଆପଣଙ୍କ ଚର୍ମ ମଧ ଶୁଷ୍କ ହେବା ଆରମ୍ଭ କରେ । ଶୀତଦିନେ, ଅଧିକାଂଶ ଲୋକ ଓଠ ଫାଟିବା ସମସ୍ୟାର ସମ୍ମୁଖୀନ ହୁଅନ୍ତି । କିଛି ଲୋକଙ୍କର ଓଠ ଫାଟିଯାଇ ରକ୍ତ ମଧ ବାହାରିଥାଏ । ଯଦି ଆପଣ ମଧ ଏହି ସମସ୍ୟାରେ ପିଡ଼ିତ, ତେବେ ଆପଣ ମଧ କିଛି ଘରୋଇ ଉପଚାର କରିପାରିବେ । ଯଦି ଆପଣଙ୍କର ଓଠ ଫାଟୁଛି ତେବେ ଆପଣ କଣ ଘରୋଇ ଉପଚାର କରିବା ଉଚିତ୍ ଜାଣି ରଖନ୍ତୁ ।

ମହୁ: ମହୁରେ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିସେପ୍ଟିକ୍ ଗୁଣ ରହିଛି ଯାହା ଆପଣଙ୍କୁ ଅନେକ ସମସ୍ୟାରୁ ମୁକ୍ତି ଦେଇଥାଏ । କିନ୍ତୁ ଆପଣ ଜାଣିଛନ୍ତି କି ମହୁ ଦ୍ୱାରା ଆପଣ ନିଜ ଓଠ ଫାଟିଥିଲେ ଏହାକୁ ଭଲ କରିପାରିବେ । ଓଠରେ ମହୁ ଲଗାଇବା ଦ୍ୱାରା ଆପଣଙ୍କ ଓଠ ନରମ ଏବଂ ଗୋଲାପୀ ହୋଇଯାଏ । ଏହାକୁ ପ୍ରୟୋଗ କରିବା ପାଇଁ, ଆଙ୍ଗୁଠିରେ ମହୁ ନେଇ ଏହାକୁ ଓଠରେ ଲଗାଇ ଏକ ଘଣ୍ଟା ପର୍ଯ୍ୟନ୍ତ ଛାଡିଦିଅନ୍ତୁ । ଏହା ପରେ ଓଠକୁ ଧୋଇ ଦିଅନ୍ତୁ । ଏହା କରିବା ଦ୍ୱାରା ଆପଣଙ୍କ ଓଠ ଗୋଲାପୀ ଏବଂ ନରମ ହେବ ।

ଗୋଲାପ ଫୁଲ ପାଖୁଡ଼ା ଏବଂ କ୍ଷୀର:ଏକ ମୁଠା ଗୋଲାପ ଫୁଲକୁ ନେଇ ଏକ କପ୍ କଞ୍ଚା କ୍ଷୀରରେ କିଛି ଘଣ୍ଟା ପାଇଁ ଭିଜାନ୍ତୁ । ଭିଜାଇଥିବା ପତ୍ରକ ଏକ ମିଶ୍ରଣ ପ୍ରସ୍ତୁତ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ଏହି ପେଷ୍ଟକୁ ଦିନକୁ ତିନିଥର ଓଠରେ ଲଗାନ୍ତୁ । ଏହାକୁ ପ୍ରତିଦିନ ବ୍ୟବହାର କଲେ, ଏହା ଆପଣଙ୍କ ଓଠର ମୃତ କୋଷକୁ ବାହାର କରିଥାଏ ଏବଂ ଆପଣଙ୍କ ଫଟା ଓଠରୁ ସମସ୍ୟାକୁ ମଧ ଦୂରେଇ ଥାଏ ।

# ଉତ୍ତର କୋରିଆରେ ଲାଲ ରଙ୍ଗର ଲିପଷ୍ଟିକ୍ ବ୍ୟାନ: କାରଣ ଜାଣିଲେ ହେବେ ଆଶ୍ଚର୍ଯ୍ୟ



ମହିଳାମାନେ ସାଧାରଣତଃ ଲିପଷ୍ଟିକ୍ ଲଗାଇବାକୁ ଭଲ ପାଆନ୍ତି । ଲିପଷ୍ଟିକ ଲଗାଇବା ଦ୍ୱାରା ମହିଳାମାନଙ୍କ ସୁନ୍ଦରତା ଅଧିକ ବଢିଥାଏ । ଅନେକ ମହିଳା ଅଛନ୍ତି ଯେଉଁମାନେ ଲାଲ୍ ଲିପଷ୍ଟିକ୍ ଅଧିକ ଲଗାଇଥାନ୍ତି । କିନ୍ତୁ ଏପରି ଏକ ଦେଶ ଅଛି ଯେଉଁଠାରେ ଲାଲ ଲିପଷ୍ଟିକ୍ କୁ ବ୍ୟାନ କରାଯାଇଛି । ଯଦି ଆପଣ ଏହାର କାରଣ ଜାଣିବେ ଆପଣ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ହେବେ । ତେବେ ଉତ୍ତର କୋରିଆ ହେଉଛି ଏପରି ଏକ ଦେଶ ଯେଉଁଠାରେ ଓଠରେ ଲାଲ୍ ଲିପଷ୍ଟିକ୍ ଲଗାଇବାକୁ ନିଷେଧ କରାଯାଇଛି । ଖବର ଅନୁଯାୟୀ କିମ ଜୋଙ୍ଗ ସରକାର ଏଥିପାଇଁ ନିୟମ କରିଛନ୍ତି । ଆସନ୍ତୁ ଜାଣିବା କ'ଣ ରହିଛି ଏହାର କାର ।

ରିପୋର୍ଟ ଅନୁଯାୟୀ, ଏହି ଲିପଷ୍ଟିକର ରଙ୍ଗ ଲାଲ ହୋଇଥିବାରୁ ଏହାକୁ ବ୍ୟାନ କରାଯାଇଛି । ସରକାର ବିଶ୍ୱାସ କରନ୍ତି ଯେ ଏହି ରଙ୍ଗ ପୁଞ୍ଜିବାଦକୁ ପ୍ରୋତ୍ସାହିତ କରିଥାଏ, ତେଣୁ ମହିଳାମାନଙ୍କୁ ଏହି ରଙ୍ଗର ଲିପଷ୍ଟିକ୍ ଓଠରେ ଲଗାଇବାକୁ ବ୍ୟାନ କରାଯାଇଛି । ଦେଶରେ କେବଳ ଲାଲ୍ ଲିପଷ୍ଟିକ୍ ନୁହେଁ, ଅନ୍ୟାନ୍ୟ କେତେକ ଉତ୍ପାଦ ଉପରେ ମଧ ନିଷେଧାଦେଶ ଦିଆଯାଇଛି । ଉତ୍ତର କୋରିଆ ଏପରି ଏକ ଦେଶ ଯେଉଁଠାରେ ସାଧାରଣ ଲୋକଙ୍କ ବୃତ୍ତିଗତ ତଥା ବ୍ୟକ୍ତିଗତ ଜୀବନରେ ଅଧିକ ସରକାରୀ ହସ୍ତକ୍ଷେପ ରହିଛି । ଏହି ରଙ୍ଗର ମେକଅପ୍ ପ୍ରଡକ୍ଟ ପ୍ରୟୋଗ କରିବା ପରିବର୍ତ୍ତେ ମହିଳାମାନଙ୍କୁ ହାଲୁକା ରଙ୍ଗ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦେଶର ଲୋକଙ୍କୁ ଏହି ରଙ୍ଗର ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରି ସର୍ବସାଧାରଣ ସ୍ଥାନକୁ ଯିବାକୁ ଅନୁମତି ଦିଆଯାଇ ନାହିଁ । ଏଠାରେ ମହିଳାମାନଙ୍କୁ ହାଲୁକା ରଙ୍ଗର ଲିପଷ୍ଟିକ୍ ପ୍ରୟୋଗ କରିବାକୁ ଅନୁମତି ଦିଆଯାଇଛି । କେବଳ ଏତିକି ନୁହେଁ, ମହିଳାମାନେ ଏପରି ଭୁଲ ନକରିବା ପାଇଁ ଦେଶର ଅନେକ ସ୍ଥାନରେ ପାଟ୍ରୋଲିଂ ପାଇଁ ବ୍ୟବସ୍ଥା ମଧ କରାଯାଇଛି । ଏଠାରେ କେବଳ ଚେହେରାରେ ପ୍ରୟୋଗ କରାଯାଉଥିବା ବ୍ୟୁଟି ପ୍ରଡକ୍ଟସ୍ ନୁହେଁ, କେଶର ରଙ୍ଗ ଉପରେ ମଧ ନିୟମ କରାଯାଇଛି । ମହିଳା ଏବଂ ପୁରୁଷମାନଙ୍କୁ କେଶରେ ଲାଲ ରଙ୍ଗ କରିବାକୁ ବ୍ୟାନ କରାଯାଇଛି, ସେମାନେ ହାଲୁକା ରଙ୍ଗ ଲାଗାଇ ପାରିବେ ।

# ପିରିୟଡସ୍ ସମୟର ଯନ୍ତ୍ରଣାରେ ଖାଆନ୍ତୁ ନାହିଁ ପେନକିଲର: ଏହି ଘରୋଇ ଖାଦ୍ୟରୁ ମିଳିବ ତୁରନ୍ତ ମୁକ୍ତି



ପିରୟଡସ୍ ମହିଳାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହି ସମୟରେ ଜଣେ ମହିଳା ଯନ୍ତ୍ରଣା, ଥକାପଣ, ପେଟ କଷ୍ଟ ଭଳି ସମସ୍ୟା ଅନୁଭବ କରନ୍ତି । ଏହି ଯନ୍ତ୍ରଣା ଅତ୍ୟନ୍ତ କଷ୍ଟଦାୟକ ହୋଇଥାଏ । ତେଣୁ, ଯଦି ଆପଣ ଋତୁସ୍ରାବର କଷ୍ଟକୁ ହ୍ରାସ କରିବାକୁ ଚାହାଁନ୍ତି, ତେବେ ଏଥିପାଇଁ ଆପଣଙ୍କୁ ଏକ ଉତ୍ତମ ଜୀବନଶୈଳୀ ଏବଂ ଏକ ଭଲ ଡାଏଟ୍ ଅନୁସରଣ କରିବାକୁ ପଡିବ । ଯଦି ଆପଣ ଭଲ ଏବଂ ପୁଷ୍ଟିକର ଖାଦ୍ୟ ଖାଉଛନ୍ତି, ତେବେ ଆପଣ ପିରିୟଡସ୍ ସମୟର ଯନ୍ତ୍ରଣାରେ ଆରାମ ପାଇ ପାରିବେ । ତେଣୁ ଏପରି କିଛି ଖାଦ୍ୟ ରହିଛି ଯାହାକି ଆପଣ ନିଜ ଖାଦ୍ୟରେ ସାମିଲ କରିପାରିବେ । ଏହି ଖାଦ୍ୟଗୁଡ଼ିକ ମାସିକ ଋତୁସ୍ରାବର କଷ୍ଟକୁ ହ୍ରାସ କରିବାରେ ସାହାଯ୍ୟ କରିବ ।

**ଏହି ଖାଦ୍ୟ ଦେବ ପିରିୟଡସ୍ ଯନ୍ତ୍ରଣାରୁ ମୁକ୍ତି ।**

୧. ଦହି : ଚିନି, କ୍ଷୀର କିମ୍ବା ଗ୍ଲୁଟେନ୍ ଖାଇବା ଦ୍ୱାରା ପିରିୟଡସ୍ ଯନ୍ତ୍ରଣା ହୋଇପାରେ । ଏହି ଜିନିଷଗୁଡ଼ିକରେ ଇନଫ୍ଲେମେଟରୀ ଗୁଣ ମିଳିଥାଏ ଯାହା ଶରୀରର ଉତ୍ତାପକୁ ବଢାଇଥାଏ । ଏପରି ପରିସ୍ଥିତିରେ, ଆପଣ ଶରୀରକୁ ଥଣ୍ଡା କରିବା ପାଇଁ ଦହି ଖାଇପାରିବେ । ଏହା ପ୍ରୋବାୟୋଟିକ୍ସରେ ଭରପୁର ଖାଦ୍ୟ ଯାହାକି ଆପଣଙ୍କ ସ୍ୱାସ୍ଥ୍ୟକୁ ଭଲ ଅବସ୍ଥାରେ ରଖେ ଏବଂ ପିରିୟଡସ୍ ସମୟର କଷ୍ଟକୁ କମାଇଥାଏ ।

୨. ମୌସମୀ ଫଳ: ପିରିୟଡସ୍ ସମୟରେ ଯନ୍ତ୍ରଣା କମାଇବା ପାଇଁ ଆପଣ ମୌସମୀ ଫଳ ଖାଇପାରିବେ । ଏହି ଫଳଗୁଡ଼ିକ ଯନ୍ତ୍ରଣା ହ୍ରାସ କରିବାରେ ବହୁତ ସହାୟକ ହୋଇଥାଏ । ଆପଣ ସେଗୁଡ଼ିକୁ ସକାଳେ ଜଳଖିଆ ଭାବରେ ଖାଇପାରିବେ । ଏହା ବ୍ୟତୀତ ଶରୀରକୁ ହାଇଡ୍ରେଟ୍ ରଖିବା ପାଇଁ ଆପଣ ତରଭୁଜ ଏବଂ କାକୁଡି ପରି ଫଳ ମଧ ଖାଇପାରିବେ ।

୩. ଡ୍ରାଏ ଫ୍ରୁଟସ୍ : ଡ୍ରାଏ ଫ୍ରୁଟସ୍ ଏବଂ ବାଦାମ ଯନ୍ତ୍ରଣା ହ୍ରାସ କରିବାରେ ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥାଏ । ଏଥିରେ ଓମେଗା -୩, ମ୍ୟାଗ୍ନେସିୟମ୍, ù_ûÜi dcþ @Ae^þGaõù_ûÜôþc kÞþÜGöGj ûLû ýbf ^ôüe i ûj û¨ý KeþÜGö Gj ûaýZúZ WûG` ÑUi ùe cýûiMÜdcþc kÞþÜG ~ûj û @ûc Kêi Üê_ýk úKêg û« Keàûe i ûj û¨ý KeþÜGö

4. j aû þPû _ûe: K` ôþKôûc\ ý_û^ Keàû\ûeû ~ªYû cÉaûGaû Rc _ûde i ci ýûi Áûj ûA_ûe öûi [ ôûAñ_ede W þi cdùe ^ûû¨ê _\ûj ûLûAaûVûeê \ ûeAeþê«ôôÿ@û_Yu Lû ýùe ei ùaeúPû, _ êôûPû Kôûj aû Pû i ûcô Ke«ê~ûj û~ªYûKêKcþKeàûe i j ûdK ùj a ö

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ତିନିବର୍ଷ ଧରି କଲବଲ କରି ଚାଲିଛି...

କରୋନା ବା କୋଭିଡ୍-୧୯-ଚୀନର ଉହାନ୍ ସହରରୁ ବିଶ୍ୱର ଦ୍ୱିଶତାଧିକ ଦେଶକୁ ବ୍ୟାପି ପାଖାପାଖି ଦୁଇବର୍ଷ ଧରି ଜନଜୀବନକୁ କଲବଲ କରିଥିବା ଏବଂ ଏଯାବତ୍ ସୁଦ୍ଧା ଏହାର ପାର୍ଶ୍ୱ ପ୍ରତିକ୍ରିୟାରୁ ବିଶ୍ୱର ଅଧିକାଂଶ ରାଷ୍ଟ୍ର ଉଧୁରି ପାରିନଥିବାରୁ ଜଣାପଡ଼େ ଏହାର ଭୟାବହତା କେତେ। ୨୦୨୦ ମାର୍ଚ୍ଚ ୧୧ ତାରିଖରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କୋଭିଡ୍-୧୯କୁ ଏକ ମହାମାରୀ ଭାବରେ ଘୋଷଣା କରିଥିଲା, କାରଣ ଏହି ରହସ୍ୟମୟ ଭୂତାଣୁ ସୀମା ଏବଂ ବ୍ୟବସାୟିକ କାରବାରକୁ ବନ୍ଦ କରିଦେଲା, ଅର୍ଥନୀତିକ ପଙ୍ଗୁ ହେବା ଭଳି ଅବସ୍ଥାକୁ ନେଇ ଆସିଲା ଏବଂ ପୂର୍ବରୁ କେବେହେଲେ ଦେଖା ଯାଇନଥିବା ତାଲାବନ୍ଦ ବା ଲକଡାଉନ୍ ପରିଲକ୍ଷିତ କରାଇଥିଲା ଏବଂ ସର୍ବୋପରି ଲକ୍ଷଲକ୍ଷ ଲୋକଙ୍କ ଜୀବନ ହାନିର କାରଣ ପାଲଟି ଥିଲା। ତେବେ ପରବର୍ତ୍ତୀ ସମୟରେ ଚିକିତ୍ସା ବିଜ୍ଞାନୀଙ୍କ ଅକ୍ଳାନ୍ତ ପରିଶ୍ରମ ପରେ ଅନେକାଂଶରେ ଏହାକୁ କାବୁ କରିହେଲା। ତଥାପି ତିନି ବର୍ଷ ପରେ ବିଶ୍ୱର ଏଇ ସର୍ବବୃହତ୍ ଜନସ୍ୱାସ୍ଥ୍ୟ ସଂକଟର ହୃଦୟର ଏକ ମୌଳିକ ପ୍ରଶ୍ନ ଅନୁତ୍ତରିତ ହୋଇ ରହିଛି; ପ୍ରଥମ ଭୂତାଣୁ କେମିତି ବ୍ୟାପିଲା ? ଏହି ପ୍ରଶ୍ନର ଉତ୍ତର ଏଯାବତ୍ ନ ମିଳିବାର କାରଣ ହେଉଛି-ପ୍ରତିଯୋଗିତାମୂଳକ ଭୂ-ରାଜନୀତିକ ସ୍ୱାର୍ଥଗୁଡ଼ିକ ସମଗ୍ର ବିଶ୍ୱକୁ ଏମିତି ଏକ ପରିସ୍ଥିତିକୁ ଠେଲି ନେଇଛି, ଯେଉଁଠି ବିଶ୍ୱର ସମସ୍ତ ରାଷ୍ଟ୍ରଙ୍କ ମଧ୍ୟରେ ଏକତା ଦେଖାଯିବା ପରିବର୍ତ୍ତେ ଚୀନ୍ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଏକ କୂଟନୀତିକ ଯୁଦ୍ଧ ସୃଷ୍ଟି ହୋଇଯାଇଛି ଯାହା କୋଭିଡ୍ ମହାମାରୀ ଭଳି ଭୟଙ୍କର ଜନସ୍ୱାସ୍ଥ୍ୟ ସମସ୍ୟାକୁ ପଛକୁ ଠେଲି ଦେଇଛି। ପରିଣତି: ପରବର୍ତ୍ତୀ ମହାମାରୀ, ଯେତେବେଳେ ବି ଆସିବ, ସେତେବେଳେ ଏହି ଅନିବାର୍ଯ୍ୟ ବିପତ୍ତି ପାଇଁ ପ୍ରସ୍ତୁତ ହେବାର ଏକ ସୁଯୋଗକୁ ହରାଇବା। ନିକଟରେ କୋଭିଡ୍-୧୯ ମହାମାରୀର ଉଦ୍ଭବକୁ ନେଇ ପୁଣିଥରେ ବିତର୍କ ଆରମ୍ଭ ହୋଇଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାର ଶକ୍ତି ବିଭାଗ ଦାବି କରିଛି ଯେ ଏହି ଭୂତାଣୁ ସମ୍ଭବତଃ ଚୀନର ଉହାନସ୍ଥିତ ଏକ ଗବେଷଣାଗାରରୁ ସୃଷ୍ଟି ହୋଇଥିଲା। କିନ୍ତୁ ଏହି ଏଜେନ୍ସି ଏକଥା ମଧ୍ୟ କହିଥିଲା ଯେ ଏହାର ଆକଳନ ଗୁଇନ୍ଦା ବିଭାଗର କମ୍ ଭରସା ଉପରେ ଆଧାରିତ, ଯାହା ପ୍ରଶ୍ନ ଉଠାଇଥାଏ କି ତା'ହେଲେ ଏହାକୁ କାହିଁକି ପ୍ରଥମେ ଆମେରିକୀୟ କଂଗ୍ରେସର ସଦସ୍ୟମାନଙ୍କୁ ଅବଗତ କରାଗଲା। ପରେ ପରେ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସ୍‌ର ମୁଖ୍ୟ ମଧ୍ୟ କହିଥିଲେ ଯେ ତାଙ୍କ ସଂସ୍ଥା ମଧ୍ୟ କିଛିଦିନ ହେବ ଏଥିରେ ବିଶ୍ୱାସ କରି ଆସୁଛି ଯେ ଏକ ଗବେଷଣାଗାରରୁ ଲିକ୍ ହୋଇଯିବା ହେଉଛି ଏହି ଭୂତାଣୁର ଉଦ୍ଭବ ଓ ପ୍ରସାର ପଛର କାହାଣୀ।

ଚୀନ୍ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଉତ୍ତେଜନାପୂର୍ଣ୍ଣ ରହିଥିବାବେଳେ ଏଭଳି ଦାବିକୁ ଚୀନ୍ ପ୍ରତ୍ୟାଖ୍ୟାନ କରିବା ସ୍ୱାଭାବିକ। ବସ୍ତୁତଃ, ଏକାଧିକ ଆମେରିକୀୟ ଏଜେନ୍ସି ନିଜେ ବିଶ୍ୱାସ କରିବା ସହିତ ପୂର୍ବରୁ ମଧ୍ୟ କହି ସାରିଛନ୍ତି ଯେ ଏହି ଭୂତାଣୁ ସମ୍ଭବତଃ ଉହାନର ଓ୍ୱେଟ୍ ମାର୍କେଟରୁ ସୃଷ୍ଟି ହୋଇଛି। ତେବେ ଏ ସମ୍ପର୍କରେ କୌଣସି ସିଦ୍ଧାନ୍ତମୂଳକ ତଥ୍ୟ ଏଯାବତ୍ ମିଳିପାରିନାହିଁ। ଚୀନ୍ ଏବଂ ଆମେରକା ମଧ୍ୟରେ ସମ୍ପର୍କ ଅଧିକରୁ ଅଧିକ ତିକ୍ତ ହୋଇ ଚାଲିଛି। ସମ୍ପ୍ରତି ଏହା ଏଭଳି ରୂପ ଆପଣାଇଲାଣି ଯେ ବିଶ୍ୱର ଏ ଦୁଇ ମହାଶକ୍ତି ଏ ବାବଦରେ ଯେତିକି ଆଗେଇଗଲେଣି, ସେଠୁ ଆଉ ପଛକୁ ଫେରିବା ସହଜ ମନେହୁଏ ନାହିଁ। ବେଜିଂ ଅବଶ୍ୟ ଏଇ ବାର୍ତ୍ତାକୁ ପୁଷ୍ଟ କରିଛି, ଯେଉଁଠି ଏହାର ନ୍ୟାସନାଲ ପିପଲ'ସ୍ କଂଗ୍ରେସର ବାର୍ଷିକ ଅଧିବେଶନରେ ଚୀନ୍ ନେତାମାନେ ଆମେରିକାର ଏହା ସହିତ ସମ୍ପର୍କ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ରାଷ୍ଟ୍ରପତି ଭାବରେ ତୃତୀୟ ଥର ପାଇଁ ପୁନଃନିଯୁକ୍ତି ପାଇଥିବା ଜି ଜିନପିଙ୍ଗ ମାର୍ଚ୍ଚ ୬ ତାରିଖରେ ଏକ ସଂସଦୀୟ ପ୍ରତିନିଧି ଦଳଙ୍କୁ ଅବଗତ କରାଇଛନ୍ତି ଯେ ଚୀନ୍ ସମ୍ପ୍ରତି 'ଦେଶର ବିକାଶ ପ୍ରତି ଅଭୂତପୂର୍ବ ଭାବରେ ଭୟଙ୍କର ଆହ୍ୱାନଗୁଡ଼ିକର ସାମନା କରୁଛି' ଏବଂ ଏହାର କାରଣ ହେଉଛି- 'ଆମେରିକା ନେତୃତ୍ୱରେ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଚୀନ୍ ଉପରେ ସବୁ ପ୍ରକାରର କଟକଣା ଜାରି କରୁଛନ୍ତି ଏବଂ ଦମନଲୀଳା ଚଳାଇବାକୁ ଆରମ୍ଭ କରିଛନ୍ତି। ପୂର୍ବରୁ କେବେହେଲେ ସିଧାସଳଖ କୌଣସି ରାଷ୍ଟ୍ରର ନାମ ନ ନେଉଥିବା ଚୀନର ରାଷ୍ଟ୍ରପତି ଏଥର ଆମେରିକାର ନାମ ସିଧାସଳ ନେବାରୁ ଅନୁମେୟ ଯେ ଏହି ଉଭୟ ଦେଶଙ୍କ ମଧ୍ୟରେ ତିକ୍ତତା କେତେ ଗଭୀରକୁ ଯାଇ ସାରିଲାଣି, ଅର୍ଥାତ ସମ୍ପର୍କରେ କେତେ ଅବକ୍ଷୟ ଘଟି ସାରିଲାଣି। ଚୀନର ନୂଆ ବିଦେଶ ମନ୍ତ୍ରୀ କିନ୍ ଗାଙ୍ଗ ମଧ୍ୟ କହିଥିଲେ ଯେ ଆମେରିକା 'ଚୀନକୁ ଘେରିବାକୁ' ଉଦ୍ୟମ କରୁଛି। କେବଳ ଏତିକି ନୁହେଁ, ଆମେରିକା ଚୀନକୁ ପ୍ରତିଯୋଗିତାରେ ପଛରେ ପକାଇ ଦେବାକୁ ଚାହୁଁଛି; କୌଣସି ପ୍ରକାରର ଯୁଦ୍ଧ ଇଚ୍ଛା କରୁନାହିଁ ବୋଲି ଆମେରିକୀୟ ପ୍ରଶାସନ ଯାହା କହୁଛି, ତାକୁ ମଧ୍ୟ ଚୀନ୍ ବିଦେଶ ମନ୍ତ୍ରୀ ଅଗ୍ରାହ୍ୟ କରି କହିଥିଲେ ଯେ 'ଆମେରିକା ଯଦି ନିଜ ଉପରେ ଲଗାମ୍ ନଦିଏ... ତା'ହେଲେ ନିଶ୍ଚିତ ଭାବରେ ପରିସ୍ଥିତି ଅଣାୟତ୍ତ ହେବ' ଅର୍ଥାତ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହେବାର ସମ୍ଭାବନା ରହିବ।

# ଆଲବର୍ଟ ଆଇନଷ୍ଟାଇନ୍ : ଆଧୁନିକ ପଦାର୍ଥ ବିଜ୍ଞାନର ଜନକ

### ଡକ୍ଟର ରାଜକିଶୋର ମିଶ୍ର

ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କୁ ଆଧୁନିକ ପଦାର୍ଥ ବିଜ୍ଞାନର ଜନକ କୁହାଯାଇଥାଏ । ସେ ସୈଦ୍ଧାନ୍ତିକ ଭୌତିକ ବିଜ୍ଞାନ, ବିଶେଷତଃ ଆଲୋକ ବିଦ୍ୟୁତ୍ ବିକିରଣର ସନ୍ଧାନ ପାଇଁ ୧୯୨୧ ମସିହାରେ ନୋବେଲ ପୁରସ୍କାର ପାଇଥିଲେ । ପଦାର୍ଥ ବିଜ୍ଞାନ ଗବେଷଣା କ୍ଷେତ୍ରରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ଆଇନ୍‌ଷ୍ଟାଇନ୍ ମୁଖ୍ୟତଃ ଆପେକ୍ଷିକ ତତ୍ତ୍ୱ ଏବଂ ବସ୍ତୁତ୍ୱ ଶକ୍ତି ସମୀକରଣ 'ଇ=ଏମ୍‌ସି ସ୍କୋୟାର୍' ଥିଓରୀର ଉଦ୍ଭାବନ ପାଇଁ ଜଣାଶୁଣା । ଏହାବ୍ୟତୀତ ସାଧାରଣ ଆପେକ୍ଷିକ ତତ୍ତ୍ୱ, ବିଶେଷ ଆପେକ୍ଷିକ ତତ୍ତ୍ୱ, ବିଦ୍ୟୁତ୍ ଚୁମ୍ବକୀୟ ପ୍ରଭାବ, ବସ୍ତୁତ୍ୱ ଶକ୍ତି ସମୀକରଣ, ବ୍ରାଉନିଆନ୍ ଗତି ତତ୍ତ୍ୱ, ଆଇନ୍‌ଷ୍ଟାଇନ୍ ସମୀକରଣ, ବୋଷ ଆଇନଷ୍ଟାଇନ୍ ପରିସଂଖ୍ୟାନ, ୟୁନିଫାଏଡ୍ ଫିଲ୍ଡ ଥିଓରୀ, ଇପିଆର୍ ପାରାଡକ୍ସ ଆଦି ସିଦ୍ଧାନ୍ତର ଉଦ୍ଭାବନ କରିଥିଲେ । ଆଇନ୍‌ଷ୍ଟାଇନ୍ ୫୦ରୁ ଅଧିକ ବିଜ୍ଞାନ ଗବେଷଣା ପତ୍ର ଓ ପୁସ୍ତକ ଲେଖିଯାଇଛନ୍ତି । ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ବିବେଚନା କରାଯାଇଥାଏ । ତାଙ୍କର ପ୍ରଖର ବୁଦ୍ଧିମତା ଅତୁଳନୀୟ । ୧୪ ମାର୍ଚ୍ଚ ୧୮୭୯ରେ ଜର୍ମାନୀର ବୁଟେମ୍‌ବର୍ଗର ଏକ ଇହୁଦୀ ପରିବାରରେ ଆଇନ୍‌ଷ୍ଟାଇନ୍ ଜନ୍ମ ଗ୍ରହଣ କରିଥିଲେ । ପିଲାବେଳେ ଠିକ୍ ଭାବେ କଥା କହିପାରୁନଥିବା ଆଇନ୍‌ଷ୍ଟାଇନ୍ ଜଣେ ମେଧାବୀ ଛାତ୍ର ଥିଲେ ।

ପିଲାଟି ଦିନରୁ ଆଇନଷ୍ଟାଇନ୍ ସର୍ବଦା ନିଃସଙ୍ଗତାକୁ ଭଲ ପାଉଥିଲେ। ଏବଂ ଅନେକ ସମୟ ସିଏ ବଡ଼ଲୋକଙ୍କ ପରି କିଛି ଚିନ୍ତା କରୁଥିବା ପରି ତାଙ୍କ ଆଚରଣ ବାହାରକୁ ପ୍ରଦର୍ଶିତ ହେଉଥିଲା। ତେବେ ଆଇନଷ୍ଟାଇନ୍‌ଙ୍କର ପିତା ଜଣେ ଇଞ୍ଜିନିୟର ଥିବାରୁ ସେ ଚାହୁଁଥିଲେ ତାଙ୍କ ପୁଅଟି ଜଣେ ଦକ୍ଷ ଇଞ୍ଜିନିୟର ହେଉ। ତେବେ ତାଙ୍କୁ ପନ୍ଦର ବର୍ଷ ବୟସ ହେବାପୂର୍ବରୁ ସେ ସକ୍ରେଟିସ୍, ଇଉକ୍ଲିଡ୍, ନିଉଟନ୍, ସିନୋଜା, ବିଥୋଭେନ୍, ହେନ୍ ମେ ଜାଟ୍ ପ୍ରଭୃତି ମହାମନୀଷୀଙ୍କର ରଚିତ ଗ୍ରନ୍ଥସବୁ ଅଧ୍ୟୟନ କରିଥିଲେ। ଏତେ ପଢୁଥିଲେ ମଧ ବେଳେ ବେଳେ ସେ ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିଲେ। ସେ ଥରକରେ ମାଟ୍ରିକ୍ୟୁଲେସନ ପାଶ୍ କରିପାରି ନଥିଲେ। କିନ୍ତୁ ତାଙ୍କର ମନୋବଳ କେବେ ବି ଭାଙ୍ଗିପଡୁ ନଥିଲା। ବହୁ ପୁସ୍ତକ ଅଧ୍ୟୟନକୁ ସେ ତାଙ୍କର ଜୀବନର ଲକ୍ଷ୍ୟ ବୋଲି ଧରିନେଇଥିଲେ। ପିଲାଦିନରୁ ପଦାର୍ଥ ବିଜ୍ଞାନ ଓ ଗଣିତ ଶାସ୍ତ୍ର ପ୍ରତି ବିଶ୍ୱର ଆଇନ୍‌ଷ୍ଟାଇନ୍‌ଙ୍କର ଦୁର୍ବଳତା ରହିଥିଲା ତେବେ ଜୀବିକାର୍ଜନ ପାଇଁ କୌଣସି ମତେ ଶିକ୍ଷକତା କରି ନିଜ ଦାୟିତ୍ୱ ତୁଲାଇବା ପାଇଁ ସେ ସ୍ଥିର କଲେ। ମାନ-ସମ୍ମାନ, ଖ୍ୟାତି-କ୍ଷମତା ଠାରୁ ଦୂରରେ ରହି ଏହି ନିରଳସ ନୀରବ ଗବେଷକ ଦୀର୍ଘ ଛବିଶ ବର୍ଷ ତାଙ୍କର ଗବେଷଣା ଚଳାଇ ୧୯୦୫ ଖ୍ରୀଷ୍ଟାବ୍ଦଠାରୁ ପଦାର୍ଥବିଜ୍ଞାନ ସମ୍ପର୍କରେ ତାଙ୍କର ସନ୍ଦର୍ଭମାନ ପ୍ରକାଶ କରିବାକୁ ଲାଗିଲେ। ତାଙ୍କର ବିଶେଷ ଆପେକ୍ଷିକ ତତ୍ତ୍ୱ ତାଙ୍କୁ ସମଗ୍ର ଜଗତ୍‌ରେ ବିଶ୍ୱବିଖ୍ୟାତ



ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ରୂପେ ପରିଚିତ କରାଇଲା। ବିଶ୍ୱବାସୀଙ୍କର ଶ୍ରଦ୍ଧାଞ୍ଜଳି ତାଙ୍କରି ପାଦତଳେ ଅଜାଡ଼ି ହୋଇପଡ଼ିଲା। ୧୯୦୯ରେ ଜୁରିଚ୍ ବିଶ୍ୱବିଦ୍ୟାଳୟର ପଦାର୍ଥବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକରୂପେ ସେ ଯୋଗଦାନ କଲେ। ୧୯୨୧ ଖ୍ରୀଷ୍ଟାବ୍ଦରେ ସେ ବ୍ରିଟିଶ ରୟାଲ୍ ସୋସାଇଟିର ସଭ୍ୟରୂପେ ନିର୍ବାଚିତ ହେଲେ ଓ ୧୯୨୨ ମସିହାରେ ନୋବେଲ ପୁରସ୍କାର ଲାଭ କଲେ। ଦେଶବିଦେଶରେ ଏହି ବିଶ୍ୱବରେଣ୍ୟ ବୈଜ୍ଞାନିକଙ୍କର ସାଧନା ଓ ପ୍ରତିଭାର ସମ୍ବାଦ ପ୍ରଚାରିତ ହେଲା। ୧୯୨୧ ମସିହାରେ ସେ ନୋବେଲ ପୁରସ୍କାର ମିଳିଥିବା ୧ଲକ୍ଷ ୯୨ ହଜାର ଟଙ୍କାକୁ ଦାନ କରି ଦେଇଥିଲେ। ସକ୍ରେଟିସ୍‌ଙ୍କ ପରି ତାଙ୍କର କିଛି ହେଲେ ଆବଶ୍ୟକ ନଥିଲା। ସତ୍ୟାନୁସନ୍ଧାନ ବ୍ୟତୀତ ଆମୋଦ ପ୍ରମୋଦ ବା ବିଳାସ୍ୟବେସନରେ ସମୟ କଟାଇବା କଥା ତାଙ୍କ ମନ ମଧ୍ୟରେ କେବେହେଲେ ସ୍ଥାନ ଲାଭ କରି ନଥିଲା। ୧୯୫୨ରେ ଇହୁଦୀରାଷ୍ଟ୍ର ଇସରାଏଲର ପ୍ରେସିଡେଣ୍ଟ ହେବା ନିମିତ୍ତ ତାଙ୍କୁ ଯେତେବେଳେ ନିମନ୍ତ୍ରଣ କରାଗଲା ସେ ତାହା ପ୍ରତ୍ୟାଖ୍ୟାନ କରିଥିଲେ। ଆଇନଷ୍ଟାଇନ୍‌ଙ୍କର ୧୯୦୫ ମସିହାରେ ପ୍ରଚାର କରିଥିବା ତଥ୍ୟ ବିଶ୍ୱକୁ ତ୍ରସ୍ତ ଚକିତ କରିଥିଲା। ଗୋଟିଏ ଗ୍ରାମ ଜଡ଼ବସ୍ତୁକୁ ଶକ୍ତିରେ ରୂପାନ୍ତରିତ କଲେ ସେହି ଶକ୍ତିରେ କଲିକତାରୁ ଦିଲ୍ଲୀ ଯାଉଥିବା ଗୋଟିଏ ରେଳଗାଡ଼ି କଲିକତାରୁ ଦିଲ୍ଲୀ ଛଅ ଥର ଯିବା ଆସିବା କରିପାରିବ। ତାଙ୍କର ଏହି ତଥ୍ୟ ଜଗତ୍‌କୁ କେବଳ ଚମତ୍କୃତ କରି ନାହିଁ, ମଣିଷର ଜୀବନଧାରାରେ ବିପୁଳ ପରିବର୍ତ୍ତନର ସୂତ୍ରପାତ କରିଛି। ଭାରତୀୟ କାଳଗଣନାର ଧାରାକୁ ପ୍ରକାରାନ୍ତରେ ସେ ମଧ ସ୍ୱୀକୃତି ପ୍ରଦାନ କରିଅଛନ୍ତି। ଗାନ୍ଧିଜୀଙ୍କର ଅହିଂସାବ୍ରତ, କର୍ମଯୋଗ, ସତ୍ୟାନୁରାଗ ଓ ମାନବଜାତିପ୍ରୀତି ତାଙ୍କୁ ତନ୍ମୟ କରିଥିଲା। ତାଙ୍କ ମତରେ ଭବିଷ୍ୟତ ବଂଶଧରମାନେ କେବେ ବିଶ୍ୱାସ କରିବେ ନାହିଁ ଯେ ଏପରି ଜଣେ ରକ୍ତମାଂସଧାରୀ ବ୍ୟକ୍ତି ପୃଥିବୀରେ ବିଚରଣ କରୁଥିଲା। ସମ୍ପଦ ଓ ସମ୍ମାନ ସାଧାରଣ ସଂସାରୀ - ଜୀବନରେ ବ୍ୟତିକ୍ରମ ସୃଷ୍ଟିକରେ, ମାତ୍ର ଜ୍ଞାନୀ ବ୍ୟକ୍ତିର ହୃଦୟକୁ ତାହା ଯେ କଳୁଷିତ କରିପାରେ ନା ଆଇନ୍‌ଷ୍ଟାଇନଙ୍କର ଜୀବନରେ ଏହା ପ୍ରମାଣିତ ହୋଇଥିଲା। ପୃଥିବୀର ଶାନ୍ତି ଓ ପ୍ରଗତି ପାଇଁ ତାଙ୍କର ଜୀବନର ପ୍ରତିଟି ମୁହୂର୍ତ୍ତକୁ ଦାନ କରି ୧୯୯୫ ମସିହା ଏପ୍ରିଲ ମାସ ୧୮ ତାରିଖରେ ସେ ଏହି ଧାମରୁ ଚିରବିଦାୟ ଗ୍ରହଣ କଲେ।


+ପୂର୍ବତନ ସମ୍ପାଦକ,
ଶ୍ରୀସତ୍ୟସାଇ ବିଦ୍ୟାଳୟ,
କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ମୋ: ୭୦୦୮୧୮୧୮୨୦


# ନଦୀ : ମାନବ ସମାଜ ପାଇଁ ଜୀବନ ରେଖା

### ଶ୍ୟାମ ସୁନ୍ଦର ସାମଲ

ନଦୀ ମାନବ ସମାଜ ପାଇ ଜୀବନରେଖାର ଭୂମିକା ନିର୍ବାହ କରିଆସିଛି । ମନୁଷ୍ୟକୁ ଜଳ ଯୋଗାଇ ଦେବା ସହ ଜୈବ ବିବିଧତା ସଂରକ୍ଷଣ, କୃଷି କାର୍ଯ୍ୟରେ ସହାୟତା କରିଆସିଛି ନଦୀ । ମାନବ ସଭ୍ୟତା ଗଢ଼ି ଉଠିବା ଦିନ ଠାରୁ ନଦୀ ଏକ ଉପକାରୀ ପ୍ରାକୃତିକ ଜଳ ଉତ୍ସ ଭାବେ ସର୍ବଦା ମଣିଷକୁ ସହାୟତା ଯୋଗାଇ ଆସିଛି । ନଦୀ ଉପତ୍ୟାକାରେ ଅନେକ ସମୃଦ୍ଧ ସଭ୍ୟତା ଗଢ଼ି ଉଠିଥିବା ଇତିହାସରେ ବର୍ଣ୍ଣିତ । ହେଲେ ବର୍ତ୍ତମାନ ନଦୀ ଜଳର ଅପବ୍ୟବହାର କରାଯାଉଛି । ଶିଳ୍ପାୟନ ଯୋଗୁଁ ନଦୀ ଜଳ ଦୂଷିତ ହେବା ସହ ଅପଚୟ ହେଉଛି । ନଦୀ ଜଳକୁ ଶିଳ୍ପ କାର୍ଯ୍ୟରେ ବ୍ୟବହାର କରାଯାଇଥିବାବେଳେ ଏହାର ସଂରକ୍ଷଣ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ । ସେହିପରି ବିଦ୍ୟୁତ୍ ଉତ୍ପାଦନ, ଜଳସେଚନ ପାଇଁ ବଡ଼ ବଡ଼ ଡ୍ୟାମ୍ ନିର୍ମାଣ କରାଯାଉଛି । ନଦୀର ଗତିପଥ ବଦଳା ଯାଉଛି । ଏଥିଯୋଗୁଁ ମରୁଡ଼ି, ବନ୍ୟା, ଭଳି ପରିସ୍ଥିତି ସୃଷ୍ଟି ହେଉଛି । କେବଳ ଭାରତୀୟ ଜନଜୀବନ ନୁହେଁ ସମଗ୍ର ପୃଥିବୀର ମୁଖ୍ୟ ଜୀବନ ଜୀବିକାର ଅବଲମ୍ବନ କ୍ଷେତ୍ର ହେଉଛି ପ୍ରମୁଖ ନଦୀ। ଇତିହାସ ପୃଷ୍ଠାରେ ଦେଖାଯାଇଛି ମାନବ ସଭ୍ୟତା ପ୍ରତିଷ୍ଠା ହୋଇଥିବା ବେଳେ ସେମାନେ ସର୍ବପ୍ରଥମେ ନିଜ ଦୈନନ୍ଦିନ ଜୀବନଯାପନ ପାଇଁ ନଦୀକୂଳକୁ ଗୁରୁତ୍ୱ ଦେଉଥିଲେ। ଐତିହାସିକମାନେ ବିଭିନ୍ନ ପ୍ରାମାଣିକ ଭାବରେ ଏସବୁ ଉଲ୍ଲେଖ କରିଛନ୍ତି। ଆଜି ଭାରତର ପ୍ରମୁଖ ନଦୀମାନେ ନିଜର ଗତିପଥକୁ ବାଧାବିଘ୍ନତାର ସହିତ ସମ୍ମୁଖୀନ ହେଉଛନ୍ତି। ଦିନକୁ ଦିନ ମନୁଷ୍ୟକୃତ କୁଢ଼ କୁଢ଼ ବିଭିନ୍ନ ଆବର୍ଜନା ନଦୀ ଜଳକୁ ଭୟଙ୍କର ଭାବେ ପ୍ରଦୂଷିତ ସହ ଏହାର ଗଭୀରତାକୁ କ୍ଷତବିକ୍ଷତ କରୁଛନ୍ତି। ଭାରତର ବିଶିଷ୍ଟ ଜନନାୟକ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତାଙ୍କ ଶାସନ ସମୟରେ ଭାରତରେ ନଦୀ ସଂଯୋଗୀକରଣ ଯୋଜନାକୁ ଗୁରୁତ୍ୱ ଦେଇ ଏକ ବହୁତ ବଡ଼ ପଦକ୍ଷେପ ହାତକୁ ନେଇଥିଲେ ଯାହାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗଙ୍ଗା ସଫେଇ ଅଭିଯାନ ଏକ ଦୃଷ୍ଟାନ୍ତମୂଳକ ଯୋଜନା କହିଲେ ଅତ୍ୟୁକ୍ତି ହେବନାହିଁ। ନଦୀଜଳ ମନୁଷ୍ୟର ପାନୀୟର ମୁଖ୍ୟ ଅବଲମ୍ବନ ହେବା ସହ କୃଷି କାର୍ଯ୍ୟ, ବିଭିନ୍ନ ବ୍ୟବସାୟ ବିପଣନ, ଗୃହପାଳିତ ପଶୁପକ୍ଷୀଙ୍କ ମୁଖ୍ୟ ଆଧାର ଏହିପରି ବିଭିନ୍ନ ଭାବରେ ଆମ ମାନଙ୍କୁ ପରିତୃପ୍ତି ଦେଇଥାନ୍ତି। କିନ୍ତୁ ଘୋର ଦୁଃଖର ପ୍ରସଙ୍ଗ ହେଉଛି ଯେଉଁ ନଦୀ ଆମ ମାନଙ୍କୁ ପିଇବା ପାଣି ଦେଉଛି ଆମ୍ଭମାନଙ୍କୁ ଚାଷର କ୍ଷେତକୁ ସୁଜଳା ସୁଫଳା କରୁଛି



ଆମେ ସେହି ନଦୀଜଳକୁ ପ୍ରଦୂଷିତ କରିବାରେ ପଛାଉ ନାହିଁ। ଭାରତର ଅନେକ ପ୍ରମୁଖ ସହର ଏହି ନଦୀ ତଟରେ ଗଢ଼ି ଉଠିଛି। ମୁମ୍ବାଇ କୁହନ୍ତୁ ବା ନୂଆଦିଲ୍ଲୀ, କାନପୁର କୁହନ୍ତୁ ବା ଆହ୍ଲାବାଦ, ହରିଦ୍ୱାରା, ଋଷିକେଶ ଏପରିକି ହଜାର ବର୍ଷର ସହର ଭାବରେ ପରିଚିତ କଟକର ଦୁଇପଟେ ରାଜ୍ୟର ପ୍ରମୁଖ ନଦୀ ମହାନଦୀ ଓ କାଠଯୋଡ଼ି ବୋହି ଯାଇଛି। ନଦୀଠାରୁ ଆମେ ଏତେ ଉପକାର ପାଇ ମଧ ଆମ କାଳକାରଖାନାର ସମସ୍ତ ବର୍ଜ୍ୟବସ୍ତୁକୁ ନଦୀ ଜଳ ଭିତରକୁ ଛାଡ଼ି ଦେଉଛୁ ଯାହାଦ୍ୱାରା କଳକାରଖାନାର ଭୟଙ୍କର ବର୍ଜ୍ୟ ସମାଗ୍ରୀ ନଦୀଜଳକୁ ଭୟଙ୍କର ଭାବରେ ପ୍ରଦୂଷିତ କରି ଏହା ପ୍ରକାରାନ୍ତରେ ଆମ ପାଇଁ କ୍ଷତିକାରକ ସାଜିଛି। କେବଳ ସହରାଞ୍ଚଳ ନୁହେଁ ଭାରତର ଗ୍ରାମ୍ୟ ଜନଜୀବନ ମଧ ଏହି ନଦୀର ଅବବାହିକାର ସ୍ମୃତିକୁ ନେଇ ଗଢ଼ି ଉଠିଛି। ସଂପ୍ରତି ବିଶ୍ୱର ବଡ଼ ବଡ଼ ଶକ୍ତିଶାଳୀ ଦେଶମାନେ ନିଜ ନିଜ ଦେଶର ନଦୀର ସୁରକ୍ଷା ଓ ଗଭୀର ଖନନ ପାଇଁ ଅନେକ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। କେବଳ ସେତିକି ନୁହେଁ ଦିନ ଥିଲା ବିଭିନ୍ନ ନଦୀରେ ଡଙ୍ଗା ଚାଳନା କରି ଲୋକମାନେ ଯାଆସ କରିବା ସହ ନିଜ ଜିନିଷପତ୍ର ମଧ ପରିବହନ କରୁଥିଲେ। ସଡ଼କର ବିକାଶ ନ ହୋଇଥିବା ସମୟରେ ଆନ୍ତଃ ନଦୀ ପରିବହନ ବ୍ୟବସ୍ଥା ଥିଲା ମୁଖ୍ୟ ଯୋଗାଯୋଗର ମାଧ୍ୟମ। ଭାରତର ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର, ମହାନଦୀ, ଗୋଦାବରୀ, କ୍ରିଷ୍ଣା, କାବେରୀ ପ୍ରଭୃତି ନଦୀମାନେ କେତେକ କ୍ଷେତ୍ରରେ ନିଜ ଗତିପଥ ବଦଳାଇବା ପାଇଁ ବାଧ୍ୟ ହୋଇଛନ୍ତି। କେତେକ ଘଟଣା ପାଇଁ ଆମ ପରିପାର୍ଶ୍ୱିକ ଭୌଗୋଳିକ ପରିସ୍ଥିତି ଦାୟୀ କିନ୍ତୁ ଆଉ କିଛି ଘଟଣା ପାଇଁ ଏହା ମନୁଷ୍ୟକୃତ ତ୍ରୁଟି। ଶାସ୍ତ୍ରରେ ନଦୀମାନଙ୍କୁ ଦିବ୍ୟ ଜନନୀ ଭାବରେ ପୂଜା କରାଯାଇ ସେମାନଙ୍କ ପ୍ରତି ସମ୍ମାନ ଜଣାଯାଇଛି। ଆଜି ପର୍ଯ୍ୟନ୍ତ ଆହ୍ଲାବାଦର ବିଭିନ୍ନ ଘାଟରେ ଗଙ୍ଗା ଆରତୀ ଯେଉଁମାନେ ଦେଖିଥିବେ ବା ହରିଦ୍ୱାରରେ ଗଙ୍ଗା ପୂଜନ ମହା ଆଳତୀ ଦର୍ଶନର ଯେଉଁମାନେ ସୁଯୋଗ ପାଇଥିବେ ସେମାନେ ଜାଣିଥିବେ ଯେ ନଦୀକୁ ଆମ ପୂର୍ବଜମାନେ କେତେ ସମ୍ମାନର ସ୍ଥାନ ଦେଉଥିଲେ। ନଦୀର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୧୪ ତାରିଖକୁ ଆନ୍ତର୍ଜାତିକ ନଦୀ ସୁରକ୍ଷା ଦିବସ ବା 'ଇଣ୍ଟରନ୍ୟାସନାଲ ଡେ ଅଫ୍ ଆକ୍ସନ୍ ଫର ରିଭର୍ସ୍' ଭାବେ ପାଳିତ ହୋଇଥାଏ । ଏହି ଅବସରରେ ବିଭିନ୍ନ ରାଷ୍ଟ୍ରରେ ଶୋଭାଯାତ୍ରା, ସଚେତନତା କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଥାଏ।


+ବିଡ଼ାନାସୀ ବନ୍ଧଛକ, କଟକ,
ମୋ : ୯୭୭୮୬୩୫୯୨୬





## ଶୂନ୍ୟ ଆକାଶ ଓ ଡେଣା

### ନୂତନ କୁମାର ବେହେରା

ଶୂନ୍ୟ ଆକାଶର ନାହିଁ ଟିଳେ ବି କୁଣ୍ଠା
ବିସ୍ତାରି ଦେଇଛି ତାର ଅସୀମ ନୀଳ ବକ୍ଷ
ସେ ଆକାଶରେ ଉଡ଼ିବାକୁ ମନେ ଜାଗେ ଉତ୍କଣ୍ଠା
ପକ୍ଷୀ ଉଡ଼େ ଉଡାଉଁ ଗୁଡ଼ି ଲଙ୍ଘିବାକୁ ତା'ର ସୀମା,
ଉଡାଉଁ ବ୍ୟୋମଯାନ ବୁଦ୍ଧି ବାହୁ ବଳରେ
ପୃଥିବୀର ଚାରିପାଖକୁ କରିବା ପାଇଁ ପରିକ୍ରମା।
ମଣିଷ ବି ଉଡ଼େ କଳ୍ପନାରୁ କାଢ଼ି ଡେଣା
ଭାବେ ଭାବନାରେ ଦେଖେ ସ୍ୱପ୍ନରେ ସ୍ୱପ୍ନ
ମଜି ଯାଏ ହଜି ଯାଏ ଭୁଲି ତା' ନିଜ ଠିକଣା,
ଶୂନ୍ୟ ଆକାଶ ଓ ଡେଣାର ସଂପର୍କ
ଅତି ନିବିଡ଼ ପ୍ରେମମୟ ବୋଧେ ସୃଷ୍ଟି ଆରମ୍ଭରୁ
ଆକାଶ ଅଛି ଏ ଯାଏଁ ରହିବ ବି ସେମିତି
ସମୟର ପରିବର୍ତ୍ତନରେ ହୁଅନ୍ତି ସବୁ ବାଟବଣା।
ଥିଲେ ଯେଉଁମାନେ ଗତକାଲି ପଥର ଦିନ
ଆଜି ଶୂନ୍ୟ ଆକାଶରେ ସେମାନେ ହୋଇଛନ୍ତି ଶୂନ୍ୟ
ଅତୀତ କହୁଛି କିଛି କିଛି ଯା' ଯାଇଛି ବିତି,
ଉଡ଼ନ୍ତା ଡେଣା ଥକିଯାଏ ଥାଉ ଯେତେ ବି ଶକ୍ତି
ଶେଷରେ ହୁଏ ଆକାଶ ପରି ଶୂନ୍ୟ ପାଇ ମୁକ୍ତି।
ତେଣୁ ଆକାଶ କହେ ଦେଖ ' ମୁଁ ଶୂନ୍ୟ ମହାଶୂନ୍ୟ,
ସବୁ ଦେଇ ଦିଏ ତୁମର ସେ ପୃଥିବୀକୁ...
ଆଲୋକ ଉତ୍ତାପ ଝଡ଼ ବର୍ଷା ବିଜୁଳି ବଜ୍ରପାତ,
ତୁମ କ୍ରିୟାର ପ୍ରତିକ୍ରିୟାରେ ମୁଁ ନିରୁପାୟ ବିବଶ
ଅନୁଭବ କର ତୁମେ ସବୁ ଦୋଷ ଦିଅନି ମୋତେ
ପୃଥିବୀର ଆବର୍ତ୍ତନ ବିବର୍ତ୍ତନ ଲମ୍ବିଛି କାହାର ହାତ ?
ସବୁରି ମୂଳରେ ତୁମେ ହିଁ ମଣିଷ ତୁମର ଜାତି
ଯା' କରୁଛ ତୁମେ ବି ତ ଏଇ ପୃଥିବୀ ପାଇଁ
କ'ଣ କେହି କିଛି ମୁଠାଇ ଧରି ରଖି ପାରିଛି କି ?
ତେବେ ଏ ଶୂନ୍ୟକୁ ପୂର୍ଣ୍ଣ କରିବା ପାଇଁ ବ୍ୟସ୍ତ କାହିଁକି ?
ଏ ଅପଚେଷ୍ଟା ପ୍ରବଞ୍ଚନା ନୁହେଁ ତ......
ସୁନ୍ଦର ଜୀବନ ପାଇଛ କଳ୍ପନାର ଡେଣା ମେଲୁଛ
ଉପଭୋଗର ବାହାନାରେ ଏତେ କ'ଣ ପାଇଁ ମିଛ ?
ବୁଲୁଛ ମୋ ଶୂନ୍ୟ କୋଳରେ ଅନ୍ତତଃ କିଛି ଶିଖ
ଅଳ୍ପ ଦିନର ଜୀବନରେ ତୁମର ସୁନ୍ଦର ଗଳ୍ପ ଲେଖ
ଅନର୍ଥ କରିବାକୁ ଆଉ କିଛି ଅନ୍ୟଥା ନ କଳ୍ପ
ସୃଷ୍ଟିର ନିୟମ ବିରୁଦ୍ଧରେ ଯିବା କି ସତ୍ୟର ପ୍ରକଳ୍ପ ' ?
ଆକାଶ ଓ ଡେଣା ଦିଅନ୍ତି ଜୀଇଁବାକୁ ପ୍ରେରଣା
ଭଲ ପାଇବା ଭିତରକୁ ଆଣ ନାହିଁ ଘୃଣା...।


+ ବାରିପଦା, ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨


## ହୁଅ ଏବେ ସଚେତନ

### ସୁଦର୍ଶନ ମହାପାତ୍ର

ନିର୍ଦ୍ଦୟ ମଣିଷ ଖେଳଇ ସତେକି
ରକତରେ ହୋଲି ଆଜି
ମାନବିକତାକୁ ଜଳାଞ୍ଜଳି ଦିଏ
ସ୍ୱାର୍ଥପରଟିଏ ସାଜି।
ଏଇ ପୃଥିବୀରେ କେତେ ଜୀବଜନ୍ତୁ
ଆଦିମ ଯୁଗରୁ ଥିଲେ
ବନକ୍ଷୟ ଯୋଗୁଁ ପଶୁପକ୍ଷୀ କେତେ
ମୃତ୍ୟୁ ପଥ ବାଛିନେଲେ ।
ଶାଗୁଣା, ବିଲୁଆ, କୁଆ ଭଳି ଜୀବ
ସ୍ୱଚ୍ଛତାର ବନ୍ଧୁ ପରା
ହୋଇଲେ ନିଶ୍ଚିନ୍ନ ବିଷ ଖାଦ୍ୟ ଖାଇ
ଦୂଷିତ ହୋଇଲା ଧରା ।
ପରିବେଶ ତେଣୁ ହୋଇ ବିଷମୟ
ଭୟଙ୍କର ରୂପ ନିଏ
କେତେ ନୂଆ ନୂଆ ମହାମାରୀ ଆସେ
ଆତଙ୍କ ଖେଳାଇ ଦିଏ ।
ଜୀବଜନ୍ତୁ ପରେ ଆସିଛି ଏଥର
ସତେ ମଣିଷର ପାଳି
ନିୟତି ରଚିଛି ମୃତ୍ୟୁର ତାଣ୍ଡବ
ଯନ୍ତ୍ରଣା ଯାଇଛି ବଳି ।
ହେ ପୃଥିବୀବାସୀ
ଏବେ ମିଳିମିଶି
ସ୍ୱଚ୍ଛତାରେ ଦିଅ ଧ୍ୟାନ
ସମୟ ଦେଉଛି ସତର୍କ ସୂଚନା
ହୁଅ ଏବେ ସଚେତନ ।


+କୁଞ୍ଜବିହାରୀ ଲେନ, କଟକ
ମୋ:୯୪୩୮୧୭୫୫୪୨


## କହ କାଳିଆ କି ପାପ ମୋର ଅଛି ?

### ଅନନ୍ତ କୁମାର

କହରେ କାଳିଆ କି ପାପ କରିଛି
ମଣିଷ ଜନମ ନେଇ
ସଞ୍ଜରୁ ସକାଳ ଆଖିରୁ ମୋର
ଲୁହ ଜମା ଶୁଖୁ ନାହିଁ।
ଦୁଃଖର ନର୍କରେ ଘାଣ୍ଟି ହେଉଅଛି
ଅହରହ ଦିବସନିଶି
ଶୋକର ଗର୍ତ୍ତରେ ପଡି ରହିଅଛି
ମରଣର ଜାଲରେ ଛନ୍ଦି।
ମନର କଥା ମନରେ ମାରି ରଖୁଛି
ଛାତିକୁ ପଥର କରି
ଆଖିର ଲୁହକୁ ଆଖିରେ ଭିଜାଉଛି
ହୃଦୟକୁ କୋଠର କରି।
ମିଛ ନିନ୍ଦା ଅପବାଦ ସହୁଛି କେତେ,
ତୁଣ୍ଡକୁ ନିରବ ରଖି।
ସତକୁ ଲୁଚାଇ ରଖୁଛି ପୁଣି କେତେ
ସମ୍ପର୍କକୁ ଆଖିରେ ରଖି।
ଏତେ ଯନ୍ତ୍ରଣା ଏତେ ବିରହ ବେଦନା
କହିବି ପାରୁ ନାହିଁ କାହାକୁ
ଏତେ ଅଛପା କୋହ ମନକୁ ଜାଳୁଛି
ଦେଖାଇ ପାରୁନି କାହାକୁ।
ମନର କଥାକୁ ମନରେ ପଚାରୁଛି
ଏକାନ୍ତରେ ବସି
ଆଖିର ଲୁହକୁ ଓଠରେ ପିଉଅଛି
ପଛ କଥା ଭାବି।
କହରେ କାଳିଆ କି ପାପ କରିଛି
ମଣିଷ ଜନମ ନେଇ
ସଞ୍ଜରୁ ସକାଳ କାହିଁ ମୋ ଆଖିରୁ
ଲୁହ ଜମା ଶୁଖୁଆ ନାହିଁ।


+କାର୍ଯ୍ୟକାରୀ ସମ୍ପାଦକ,
ଜାତୀୟ କବି ଲେଖକ ସଂଗଠନ ,
ଓଡ଼ିଶା
ମୋ: ୮୩୩୯୯୩୯୯୨୯


## ବିଚିତ୍ର ପୁଅ

### ଜଗଦୀଶ ସାହୁ

ଅନ୍ତଫାଡ଼ି ମାଆ ଜନ୍ମଦେଇଥିଲା
ବୃଦ୍ଧାକାଳେ ସେବା ପାଇବା ପାଇଁ
ସେଇ ପୁଅ ଲାଗି ମାଆ ବାପା ଦୁଇ
ଜରା ଆଶ୍ରମରେ ଅଛନ୍ତି ଯାଇ !
ମୂଲଲାଗି ବାପା ପାଠ ପଢ଼େଇଲେ
ବାବୁ ବାବୁ ଡାକ ଶୁଣିଲା ପୁଅ
ସେଇ ପୁଅ ଆଜି ବିଦେଶରେ ରହି
ଚାହିଁ ନାହିଁ ବାପାମାଆଙ୍କ ମୁହଁ !
କୁକୁର ସାଥିରେ ସକାଳ ସଂଜରେ
ବୁଲୁ ଅଛି ପୁଅ ମନ ଖୁସିରେ
କୁକୁରଠୁ ହୀନ ହେଲେ ବାପାମାଆ
ଏ ଦୁଃଖ କହିବେ କାହା ଆଗରେ !
ପୁଅ କହେ ତୁମ ପରିଚୟ ଦେଲେ
ହାନୀ ହେବ ମୋର ମାନ ସଂମ୍ମାନ
ଯେତେ ଶୀଘ୍ର ତୁମେ ଯମଦ୍ୱାରେ ଯିବ
ଚିନ୍ତାମୁକ୍ତ ହେବ ମୋର ଜୀବନ !
ସମାଜରେ ଏଇଭଳି ଯେତେ ପୁଅ
ଅଛନ୍ତି ବାବୁର ଖୋଳପା ନାଇ
ତାଙ୍କ ଚରିତ୍ରକୁ ସମସ୍ତଙ୍କ ଆଗେ
ଜଣାଇବା ଆସ ଭଉଣୀ ଭାଇ !


+ସଞ୍ଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :୯୦୭୮୧୮୫୬୧୬

# କବିତାମାଳା

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୪ ମାର୍ଚ୍ଚ, ମଙ୍ଗଳବାର, ୨୦୨୩

## ତୁମକୁ ବିଦାୟ ଦିଏ
### ରତ୍ନାକର ରାଉତ



ଲୁହର ନଈ ଯାଉଛି ବହି
ବୁକୁ ଥରେଇ
ସଭିଙ୍କୁ ଛୁଇଁ ଛୁଇଁ ।

ସେ ନଈ ସୁଅ ଅକୁହା କୋହ
ଯା ସାଥେ ବହି ଅଲିଭା ସ୍ମୃତି
ଯାଉଛି ଅତୀତ ହୋଇ
ତୁମ ଗୁଣ ଗାଇ ଗାଇ ।

ସେ ନଈ ସୁଅର କୂଳେ ଠିଆ ଆମେ
ଅନାଥ ନାବିକ କୂଳ
ତୁମ ଚଲାପଥେ ଢାଳୁଛୁ ନୀରବେ
ପ୍ରୀତିର ଅଶ୍ରୁଧାର ।

ତୁମ ଏ ବିଦାୟେ
ଗଗନେ ପବନେ ଏକତାର ରାହା
ଏବେବି ଉଠୁଛି ଭାସି
ଲାଲ ପତାକାକୁ ସଲାମ ଜଣାଇ
ତୁମେ ଗଲ ହସି ହସି ।

ତୁମ ସ୍ୱପ୍ନର ଦୁନିଆ ଆହୁରି
ରହିଛି ଅନେକ ବାକି
ଶପଥ କରୁଛୁ ସାଥୀ
ସତୀ ଚଉରାର ପବିତ୍ର ମାଟିକୁ ଛୁଇଁ
ତୁମ ଆଦର୍ଶକୁ ଜଗତେ ରଖିବୁ
ଟେକି ।

ମୃତ୍ୟୁର ଜଳେ ପହଁରି ପହଁରି
ତୋଳୁଥିଲ ନିତି ରକ୍ତକଇଁ
ପୁଂଜିବାଦର ସ୍ୱର୍ଦ୍ଧିତ ଶକ୍ତି
ପାଇଲାନି ତୁମ ଉନ୍ନତ ଶିର ନଇଁ
ମୃତ୍ୟୁ ଦ୍ୱତ ତୁମେ ସାମନ୍ତ ବାଦର
କୃଷ୍ଣନାଗର ଦଂଶନେ ଆଜି
ପଡ଼ିଲ ଶୋଇ ହେ ପଡ଼ିଲ ଶୋଇ
ତଥାପି ସେ ଶକ୍ତି ପାରିବକି କେବେ
ଏ ଧରାପୃଷ୍ଠରୁ ତୁମ ନାମ
ପୋଛିଦେଇ ?

ବାଇମୁଣ୍ଡି ତୁମ ଭିତରେ ସାଇତା
ତୁମରି ଭିତର କଥା
କଳ୍ପିତ ସାମ୍ୟ ସମାଜ ପାଇଁ କି
ଘୂରୁଥିଲା ତୁମ ମଥା ।

ଏବେବି ଏ ଦେଶ ସୀମାନ୍ତେ ଦେଖୁଛ
ଘନଘନ ଘନ ଗର୍ଜେ କମାଣ
ବର୍ଷୁଛି ଗୁଳି କ୍ଷଣକୁ କ୍ଷଣ,
ଗଗନେ ପବନେ ଜଳୁଛି ଅଗ୍ନି
ଜଳୁଛି ନଗର ପଲ୍ଲିବଣ ।

ବୀର ଅବଦୁଲ୍ ହମିଦ୍‌ରେ ଆଜି
ଏ ଦେଶ ହୋଇଛି ଦୀନ
ଦେଶପାଇଁ, ଜାତି ପାଇଁ ଆଜି
ଜନ୍ମନେଉନି
ଏ ଦେଶ ମାଟିରେ ନୂତନ କୀର୍ତ୍ତିବାନ ।

ତୁମରି ପ୍ରେରଣା ରହିଛି ମନେ
କରୁଛୁ ପଣ
ବୀର ପୁଙ୍ଗବ ସାଜିବୁ ସଭିଏଁ
ଏ ମାଟି ମାଆର ରଖିବୁ ମାନ ।

ସଭ୍ୟ ସମାଜ କୁଟିଳ ଜୀବନ କୁଟିଳ
ମନ
କିଏ ଲୋଟେ ଏଠି ଅନ୍ନ ବିହୁନେ
ଅୟସରେ କିଏ ମାତେ ଏଠି ପୁଣି
ରାତ୍ର ଦିନ,
କିଏ ପାଏ ନାହିଁ ଔଷଧ ଏଠି
ମୃତ୍ୟୁକୋଳେ
ଦିନେ ଦୁଇଦିନ କାହା ଚୁଲି ନାହିଁ ଜଳେ
କେଉଁଠାରେ ପୁଣି ମାତୃସ୍ତନରୁ କ୍ଷୀରବି
ପଡ଼େନି ଝରି
ଯା ପାଇଁ ଚାଲିବି ସଦ୍ୟ ଜାତର କାତର
ଜୀବନତରୀ

ଏବେବି ଏଠାରେ ଶୋଷଣ, କଷଣ,
ନିର୍ଯ୍ୟାତନା
ସବୁ ସେହିପରି ରହିଛି ପୂରି
ଗରୀବଟି ଏଠି ଗରୀବ ହେଉଛି
ପୁଂଜି ମାଲିକର ପ୍ରାସାଦଟି ଜିତି ଆକାଶ
ଛୁଏଁ
ସଭିଙ୍କୁ ମିଳୁନି ରହିବାକୁ ଘର,
ପିନ୍ଧିବାକୁ କନା, ଖାଇବାକୁ ଦାନା
ଯେଉଁଟାକି ଆଦୌ ସ୍ୱପ୍ନ ନୁହେଁ ।

ଏହି କଥା କହି ଏକଦା ତୁମର
ଲେଖନୀ ଉଠିଲା ମାତି
କହିଲ ସଭିଏଁ ଜାତିଧର୍ମ ବର୍ଣ୍ଣ
ନିର୍ବିଶେଷରେ
ଆମେ ଗୋଟିଏ ମଣିଷ ଜାତି ।

ତୁମ କଥା ଶୁଣି ସେ ଧନିକ ଗୋଷ୍ଠୀ
ସହସା ଉଠିଲେ ତାତି
ହସି ହସି ତୁମେ କାରାରେ କାଟିଲେ
ନବ ଯୌବନେ ଅନେକ ବିନିଦ୍ର ରାତି ।

ସେହିଦିନୁ ସାଥୀ;
ଆଗକୁ ଚାଲିଲ ମାତି
ଚାହିଁଲନି କେବେ ପଛକୁ ଫେରି
କୃଷି ଆନ୍ଦୋଳନେ କୃଷକ ସାଥେ
କେବେ କେବେ ପୁଣି ଶ୍ରମିକ ସାଥେ
ପୁଣି କେତେବେଳେ ଲେଖନୀ ମୁନରେ
ଯୁବକ ଛାତ୍ର ସାଥେ,
ଶେଷ ନିଃଶ୍ୱାସ ଛାଡ଼ିବା ଯାଏଁ
ଲେଖନୀ ତୁମର ଥମି ନାହିଁ କେବେ
ଭାଙ୍ଗି ପଡ଼ି ନାହିଁ ପୁଂଜିବାଦର ନିର୍ମମ
ପ୍ରତିଘାତେ ।

ହେ ସାଥୀ;
ଆଜି ତୁମକୁ ବିଦାୟ ଦିଏ ନନ୍ଦନଦୀଗିରି
ତୁମକୁ ବିଦାୟ ଦିଏ ଶୋଷିତଙ୍କ ସଂଖ୍ୟା
ଅସୁମାରି
ତୁମକୁ ବିଦାୟ ଦିଏ ମେଘହୀନ ଫୁଙ୍ଗୁଳା
ଆକାଶ
ତୁମକୁ ବିଦାୟଦିଏ ପୁଂଜିପତି କ୍ରୁର
ଅଟ୍ଟହାସ
ତୁମକୁ ବିଦାୟ ଦିଏ ଶୌରାଚାରୀ
ଶାସକର କୁଳ
ତୁମକୁ ବିଦାୟ ଦିଏ ସାହିତ୍ୟର
ନୀରବ ପୂଜାରୀ
ତୁମକୁ ବିଦାୟ ଦିଏ ସମାଜର ଜାଗ୍ରତ
ପ୍ରହରୀ
ତୁମକୁ ବିଦାୟ ଦିଏ ଯୁବ, ଛାତ୍ର,
କୃଷକ, ଶ୍ରମିକ
ତୁମକୁ ବିଦାୟ ଦିଏ ଅସହାୟ ଅନାଥ
ଭିକ୍ଷୁକ
ତୁମକୁ ବିଦାୟ ଦିଏ ମହାନଦୀ,
କାଠଯୋଡ଼ି ବାଲି
ତୁମକୁ ବିଦାୟ ଦିଏ ପ୍ରାତଃସୂର୍ଯ୍ୟ,
ପକ୍ଷୀର କାକଳି
ତୁମକୁ ବିଦାୟ ଦିଏ ଏ ମଣିଷ, ଏ
ସମାଜ, ଏ ପୃଥିବୀ, ଏ ଜନମ ପାଇଁ
ଏ ବିଦାୟ ସାଥେ ସାଥେ
ଜଳି ଉଠେ ଜୁଇ
ହୁତ୍ ହୁତ୍ ହୋଇ
ଲହଲହ ଜିହ୍ୱା ତୋଳି
ତୁମ ନଶ୍ୱର ପିଣ୍ଡ
ଚାହୁଁ ଚାହୁଁ ଦିଏ ଗିଳି ।

କାଠଯୋଡ଼ି କୂଳ ସତୀ ଚଉରାରୁ
ଉଠୁଛି ଏ ଯେଉଁ ଅମର ହେଉ ଧ୍ୱନି
ଲାଲ ସଲାମର ଧ୍ୱନି
ଏକତାର ରାହା ଅଚିରେ ଉଠିବ ପୁଣି
ସେହିଦିନ ତୁମେ ଦେଖିବ ସେପାରେ
ଥାଇ
ଯୁଗଜନ୍ମା ହେ ସାମ୍ୟଦର୍ଶନ ମୁନି
ତାହା ଦୁନିଆକୁ ଯିବ ଜିଣି
ଦିନେ ଦୁନିଆକୁ ଯିବ ଜିଣି ।

ଭୁବନେଶ୍ୱର

## ପାପୁଲିଏ ଅସ୍ତରାଗ
### ଶରତ କୁମାର ଦାସ



କେବେ ଯଦି ଆଖିମେଲି ଚାହେଁ
ସଂଧ୍ୟା ଆକଶକୁ
ଜିଭ କାଢ଼ି ତାରାମାନେ ଖତେଇହୁଅନ୍ତି
ଦର୍ପିତ ଭଙ୍ଗୀରେ
ଜହ୍ନ ଲୁଚିଯାଏ ପାହାଡ ପଛରେ
ଶୂନଶାନ୍ ଲାଗେ ବିଲବାଟ,
ନଈପଠା, ଝାଉଁବଣ
ଅସ୍ପଷ୍ଟ ଶୁଭେ ସଂଜର ସାୟେରୀ ।

ପାଦ ଘୁଂଚିଯାଏ, ହାତ ଥରିଉଠେ
ଆପାଦମସ୍ତକ ମୋର ରୁନ୍ଧି ହାଇଯାଏ
ପ୍ରାଣ ହୁଏ ଡହଳ ବିକଳ
ବତୁରିଯାଏ ମୋ' ଆଖିହଳକ
ଅଦୃଶ୍ୟ ଆତଙ୍କରେ
ଆହତ କପୋତର ଅସହାୟତା
ଠାଣିରେ।

ପବନର ଡେଣାରେ ବସି ବାସି
ସ୍ୱପ୍ନମାନେ
ଆହୁଲା ମାରୁଥାନ୍ତି ମହାଶୂନ୍ୟରେ
ଛାତି ଫୁଲେଇ ଖିଲି ଖିଲି
ହସୁଥାଏ ନିର୍ଜନ ରାତି
କେଉଁ ଏକ ଅଜଣା ଗ୍ରହର ଅପହଂଚ
ଇଲାକାରେ ।

ଆରଣ୍ୟକ କ୍ଷୁଧାରେ ଆଉଟୁ ପାଉଟୁ
ହେଉଥାନ୍ତି
ଅୟୁତ ଦିନର ଇଚ୍ଛାମାନେ,
ଜିଇଁବାକୁ ଚିତ୍କାର କରୁଥନ୍ତି ଜୀବନ
ଯୁଦ୍ଧରେ
ଲୁହଢାଳୁଥାନ୍ତି ଆଶଙ୍କାରେ ହାଡ,
ମାଂସ, ରକ୍ତ ଓ ମଗଜ ।

ଏପଟେ ଅଷ୍ଟବେତାଳ ଭଳି
ମୋ ପିଠିରେ ଲାଉହୋଇ
ଲଟକିଥାଏ ମହାକାଳ
ଆଉ ତା' କଳା କଳା ଶକ୍ତ ପଂଝାରେ
ଲହୁଲୁହାଣ କରୁଥାଏ ସୁଯୋଗ ଦେଖି
ବାରୟାର ମୋତେ ।

ଅନ୍ୟପଟେ ବେଗମତୀ ନଈମାନେ
ଏକମୁହାଁ ହୋଇ ନୀରବର
ଧାଉଁଥାନ୍ତି ଆଗକୁ ଆଗକୁ
ଏକକାର ହେବାକୁ ସମୁଦ୍ର ଗର୍ଭରେ
ନିର୍ବାଣ ପ୍ରାପ୍ତିର
ଅସରନ୍ତି ଉନ୍ମୁକ୍ତ ଇଚ୍ଛାରେ।

ଅନ୍ତରଙ୍ଗ ଅବିଶ୍ୱାସର ପାହାଡୀ
ଗୁମ୍ଫାରେ
ଆତ୍ମଗୋପନ କରିଥାନ୍ତି ତନ୍ମୟ
ଚେତନା, ଶାଶ୍ୱତ ମୂର୍ଚ୍ଛନା
ଆତ୍ମାର ଡାକ ଛୁଇଁ ପାରେନା
ଆଲୋକର ଆସ୍ତରଣ
ନିୟତ ଅନ୍ଧକାରର କଣ୍ଟକିତ
ଏରୁଣ୍ଡି ଡେଇଁ ।

ନିସ୍ତବ୍ଧ ପୃଥିବୀର ଛାତି ଚିରି ଭାସି
ଆସେ
ଅଟ୍ଟହାସ୍ୟ କେଉଁଠୁ କେଜାଣି
ପ୍ରାପ୍ତି ଓ ଅପ୍ରାପ୍ତିର ଜଟିଳ ଅସମାହିତ
ଭଗ୍ନାଂଶରେ
ବନ୍ଧାପଡିଯାଏ ମୋ ସକଳ ଆବେଗ
ଓ ଆକାଂକ୍ଷା ।

ନିମିଷକେ ଆତ୍ମାମାତ୍ମା ହୋଇଯାଏ ମୁଁ
ସମୟର ଅଶ୍ୱଟାପୁ ଶବ୍ଦ ଖୁବ୍ ଜୋର୍
ରେ ପିଟି ହୁଏ
ମୋ ପଂଜରା ହାଡରେ,
ଏକ ଲମ୍ବା ପୂର୍ଣ୍ଣଛେଦ ପଡିଯାଏ ମୋ
ଦୀର୍ଘ ଯାତ୍ରାରେ ।

ଅଣନିଃଶ୍ୱାସୀ ଲାଗେ ପ୍ରତିଟି ମୂହୁର୍ତ୍ତ
ନୈରାଶ୍ୟର ନିବୁଜ କୋଠରୀରେ ମୁଁ
ଖୋଜୁଥାଏ ପାପୁଲିଏ ଅସ୍ତରାଗ
ମନ୍ମୟ ମୁଦ୍ରାରେ
ମାପୁଥାଏ ଏକା ଏକା ମୋ' ରାତିରୁ
ସକାଳ କେତେ ଦୂର ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଓଡ଼ିଆ ମୋ ଭାଷା
### ପ୍ରତାପ କୁମାର ପଣ୍ଡା



ପିଶିତ ରୁଧିରେ ଗଢ଼ା ଏ ଶରୀର
ଜନ୍ମେ ସେ ଅବୋଧ ତୁଲ୍ୟ,
ମାଆ ଶିଖା ଭାଷା ଏକା ତା' ଭରସା
ବୁଝିବାକୁ ଜୀବ ମୂଲ୍ୟ।
ଶବଦେ ପ୍ରକାଶ ମାଟି ଇତିହାସ
ପୂରୁବ ଗାରିମା ଗାଥା,
ଶୁଣି ପଢ଼ି ତାକୁ ଦୁନିଆ ଦାଣ୍ଡରେ
ଚାଲେ ଟେକି ନିଜ ମଥା ।
ଭାଷା ବଇଭବ ଜାତି ଗଉରବ
ସେହି ତା'ର ପରିଚୟ ,
ମଧୁରତା ଭରା ଆପଣା ପଣରେ
ଲାଗେ ସତେ ମଧୁମୟ ।
ଭାଷା ବିନା ଜାତି ସମୃଦ୍ଧି ପ୍ରଗତି
ନିଷ୍ଫଳ ଭାବନା ସାର ,
ଭାଷାରେ ବିଜ୍ଞାନ ଭାଷାରେ ଜୀବନ
ଆଧାର ସେ ଚେତନାର।
ଓଡ଼ିଆ ମୋ ଭାଷା ସୁନ୍ଦର ସରସା
ଶୁଦ୍ଧତାରେ ହରେ ଚିତ୍ତ ,
ଭାରତରେ ଖ୍ୟାତ ସେ ଭାଷା ସାହିତ୍ୟ
ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ।
ଓଡ଼ିଆ ସାହିତ୍ୟ ଗତିଶୀଳ କେତେ
ଉତ୍ଥାନ ପତନ ଦେଇ,
ଧିରେ ଧିରେ ଭାଷା ଶିଖରକୁ ଛୁଏଁ
କ୍ରମ ବିକଶିତ ହୋଇ ।
ଆଜିର ଓଡ଼ିଆ ସେଦିନର ସେହି
ପାଲୀ ଭାଷାରୁ ଯେ ଜାତ ,
ସମୟ କାଳକୁ ବିଚାରକୁ ନେଇ
ନାନା ଯୁଗେ ବିଭାଜିତ ।
ଚର୍ଯ୍ୟାରୁ ଶାରଳା, ପଞ୍ଚସଖା ,ରୀତି
ପରେ ରାଧାନାଥ ଯୁଗ ,
ତହୁଁ ସତ୍ୟବାଦୀ ,ପ୍ରଗତି ,ସବୁଜ
ଏହିପରି ଭାବେ ଭାଗ ।
କେତେ ଯେ ମନୀଷୀ ଦିବାନିଶି ବସି
ସେ ଦିନରୁ ଆଜି ଯାଏ ,
ଲେଖି ଚାଲିଛନ୍ତି ଏମିତି ସାହିତ୍ୟ
ଆତ୍ମାକୁ ସନ୍ତୁଷ୍ଟି ଦିଏ ।
ଭ୍ରମନ୍ତି ଭ୍ରମରେ ଯେ ଜନ ଭୁବନେ
ନିଜ ମାତୃଭାଷା ତ୍ୟଜି
ବୃଥା ଅହଂକାରେ ରହିଯାନ୍ତି ଖାଲି
ଅନ୍ୟର କିଙ୍କର ସାଜି ।
ଆସୁ ପଛେ ଯେତେ ଘାତ ପ୍ରତିଘାତ
ବଞ୍ଚିଛି ବଞ୍ଚିବ ଭାଷା
ସେ ଭାଷା ସାଗରେ
ନାବ କେଳି ମୋର
ଥିବା ଯାଏ ଜୀବଦ୍ଦଶା ।

ରାଉରକେଲା

## ଜୟ ମାଁ ତାରାତାରିଣୀ
### ସୁନୀଲ କୁମାର ପ୍ରଧାନ



ଚଇତ୍ର ମାସରେ ଆସେ ପରବ ଲୋ
ଚଇତି ଓଷା ପାଳିତ
ତାରାତାରିଣୀଙ୍କ ଯାତରା ଆରମ୍ଭ
ମନ୍ଦିରେ ଉଡୁଛି ନେତ ।

ବହୁ ଦୂର ଦେଶୁ ଆସନ୍ତି ଭକତ
ମାଆଙ୍କ ଦର୍ଶନ ପାଇଁ
ପାହାଚ ପାହାଚ ଚଢି କରି ଆସି
ଆନନ୍ଦ ଲଭିବା ପାଇଁ ।

ପରବତ ଶିଖେ ଠିଆ ହୋଇଗଲେ
ଦେଖିବ ଗ୍ରାମ ପ୍ରଦେଶ
ଋଷିକୂଲ୍ୟା ନଦୀ ବହୀ ଯାଉଥିବ
ସୁନ୍ଦର ଲାଗିବ ଦୃଶ୍ୟ ।

ଓଡ଼ିଶାର ଅଟେ ମହାଶକ୍ତି ପୀଠ
ରହିଛି ଗଞ୍ଜାମ ଠାରେ
ବହୁତ ଗହଳି ଦେଖିବାକୁ ମିଳେ
ଏହି ଚଇତ୍ର ମାସରେ ।

ମାନସିକ ନେଇ ଭକତ ଆସନ୍ତି
ତାରାତାରିଣୀ ପୀଠକୁ
ନାନା ଭୋଜି ଭାତ ଆୟୋଜନ ହୁଏ
ମଉଜ କରି ମନକୁ ।

ଆସନ୍ତୁ ଭକତେ ଥରେ ବୁଲିଯିବା
ମାଆଙ୍କ ଶକ୍ତିପୀଠକୁ
ଥରେ ଯିଏ ଭାଇ ଯାଏ ସେ ସ୍ଥାନକୁ
ଧନ୍ୟ କହେ ଏ ଧାମକୁ ।

ଝାଟିପଦର, ପାଲୁର,ଗଞ୍ଜାମ
ମୋ: ୭୬୦୯୯୩୪୩୬୬

## କୁପିତ ଗ୍ରୀଷମ
### ଗିରିଧାରୀ ପଣ୍ଡା



ହୁ ହୁ ହୋଇ ଗ୍ରୀଷମ ଆସଇ ମାଡ଼ି
ତୀବ୍ର ରଉଦ୍ର ତାପ ଶୁଷ୍କ ଧରଣୀ
ବକ୍ଷ ଦିଅଇ ଫାଡ଼ି
ଅଂଶୁଘାତ ଭୟେ ରୁଦ୍ଧ କୋଠରୀ
ଆବୋରି ରହନ୍ତି ଜନେ

ଶୂନ୍ ଶାନ୍ ଦିଶେ ବାଟ ଘାଟ ସବୁ
ବିପଣୀ ରେ କେହି
ଗ୍ରାହକ ନାହାନ୍ତି ଜଣେ।
ଅରଣ୍ୟ ଝରଣା
ଜଳାଶୟ ମାନେ

ହେଉଛନ୍ତି ଜଳହୀନ
ପଶୁ ପକ୍ଷୀ ମାନେ
ନପାଆନ୍ତି ପାଣି
କରି ବାକୁ ସ୍ନାନ ପାନ।
ସହରେ ବଜାରେ
ଜଳଛତ୍ର ଖୋଲି
ବିତରନ୍ତି ସାଧୁଜନେ

ଗାଁ ଗହଳିରେ
ପଙ୍କିଳ ପୋଖରୀ
ଜଳ ପାନ କରି
ସଂକ୍ରାମକ ରୋଗ
ଭୋଗିଲେଣି ଲୋକମାନେ

ଶିଳ୍ପ କାରଖାନା
ଯାତାୟତ ଯାନ
ଧୂଆଁ ଧୂଳୀ ନିର୍ଗମନ
ପ୍ରକୃତି ମାତାକୁ
ବିବର୍ଣ୍ଣ କଲାଣି
ଚତୁର୍ଦ୍ଦିଗେ ପ୍ରଦୂଷଣ
ଷଡରତୁ ମାନେ

ବିଶୃଙ୍ଖଳ ଆଜି
ତାଣ୍ଡବ ରଚନ୍ତି ସର୍ବେ
ନିଜ କୃତ କର୍ମେ
କଷଣକୁ ବରି
ଆମେ ତ ଚାଲିଛୁ
ଛାତିକୁ ଫୁଲାଇ ଗର୍ବେ

ନିଜ ବିନାଶ କୁ ମହାପ୍ରଳୟକୁ
କରିଅଛୁ ଆମନ୍ତ୍ରଣ
କାହାକୁ କହିବା
କି ବୁଦ୍ଧି କରିବା
ନିଜ ବୁଦ୍ଧି ଯଦି ଭ୍ରମ ?

ଜାଗମରା, ଖଣ୍ଡଗିରି
ଭୁବନେଶ୍ୱର
ମୋ: ୭୮୫୫୯୩୬୪୬୪

## ଫୁଲ
### କୀର୍ତ୍ତନ ସାହୁ



ତୁ
ସମ୍ଭାବନାର ସମ୍ମୋହନ
ସୁଖ ଦୁଃଖର ସହଯାତ୍ରୀ
କ୍ଳାନ୍ତି ଅବସାଦ
ନିମିଷେ ଦୂରେଇ ପାରୁ
ମୁହଁରେ ଆଶ୍ୱସ୍ତିର
ମଳୟ ଲେପି
ହୃଦୟରେ ପ୍ରଶାନ୍ତି
ନିଳୟ ଗଢି
ସରଗରେ ବୁଲାଇ ପାରୁ

ଶ୍ରୀକୃଷ୍ଣଙ୍କ ବଇଁଶୀରେ
ସ୍ୱର ତୋଳୁ
ପ୍ରୀତିରସ ବୋଳି
ଶ୍ରୀରାଧାଙ୍କ ମନ ମୋହୁ
ଗଭାରେ ନାନା
ରଙ୍ଗ ଭରି

ତୁ ସବୁଠି
ପହଞ୍ଚି ଯାଉ
ଗରିବ କୁଟୀର
ଦୁଆରେ ତ
ଧନୀ ବାଲକୋନିରେ
ଶିଖେଇ ଚାଲୁ
ସମ ଦୃଷ୍ଟି ଭାବ
ତୁ ତ ଲମ୍ଭିଥାଉ
ଖୁସିର ପସରା ମେଲି
ଗଳାରେ ଗଳାରେ
ପୁଣି ବିଚ୍ଛେଇ ହେଉ
ଶବର ଦେହରେ

ତୋ ସମ୍ପର୍କ ଡୋରୀରେ
ବାନ୍ଧି ରଖୁ ସଭିଙ୍କ ହୃଦୟ
ଏ ବିଶାଳ ରାଇଜେ
ତୋର ସବୁ ଆପଣାର
ଶିଖେଇ ଚାଲୁ
ଜୀବନ ଜିଇଁବାର
ମହାମନ୍ତ୍ର
କାନ୍ଦି ପୁଣି ହସିବାର
ଅସଲି ରହସ୍ୟ ।

ମିଶ୍ର କଲୋନୀ
ଶାଳପଡା , କେନ୍ଦୁଝର - ୨୦
ଦୂରଭାଷ - ୯୪୩୮୪୧୪୭୦୧

## ଫୁଟି ଉଠୁ ମୁଖେ ହସ...
### ରାମଚନ୍ଦ୍ର ବେହେରା

ସଚ୍ଚା ପ୍ରେମିକଟେ କରିଦିଅ ମୋତେ
ଫୁଟିଉଠୁ ମୁଖେ ହସ
ଅସହିଷ୍ଣୁ ଭାବ ମନରୁ ଦୂରେଇ
ହେଉ ପ୍ରୀତି ଅଧିବାସ...

ଶାଶ୍ୱତ ପ୍ରାଣ ମୋ ନହେଉ ନିଷ୍କ୍ରିୟ
ଜଳୁଥାଉ ହୁତୁହୁତୁ
ପାପ ଦୃଷ୍ଟି ମୋର ଜଳି ଭସ୍ମ ହେଉ
ଶାନ୍ତିରେ ଜୀବନ ବିତୁ
ପଂଚମ ରାଗିଣୀ ସୁରେ ରହୁ ଲୟ
ସାଥେ ପ୍ରେମର ପରଶ
ସଚ୍ଚା ପ୍ରେମିକଟେ କରିଦିଅ ମୋତେ
ଫୁଟି ଉଠୁ ମୁଖେ ହସ।

ପ୍ରୀତିର ସୁଆଗ କଲାଣି ଅଥୟ
ମଳୟ ମୁରୁକି ହସେ
ନିଦୁଆ ଆଖି ମୋ ଚେଇଁ ଉଠିଲାଣି
ପ୍ରେମର ରସ ପରଶେ
ଅସରା ଅସରା ପ୍ରୀତି ବରଷାରେ
ଭାସିଆସେ ତା'ର ବାସ
ସଚ୍ଚା ପ୍ରେମିକଟେ କରିଦିଅ ମୋତେ
ଫୁଟି ଉଠୁ ମୁଖେ ହସ।

ଅସରନ୍ତି ସ୍ୱପ୍ନ ଅସରନ୍ତି ଆଶା
ସମର୍ପି ତୁମରି ପାଶେ
କର୍ମ ଯଜ୍ଞେ ତୁମ କର୍ପୂର ଆଳତୀ
ମହ ମହ ହୋଇ ବାସେ
ଜୀବନ ଯମୁନା ଉଛୁଳି ପଡଇ
ତୁମେ ଥିଲେ ମୋର ପାଶ
ସଚ୍ଚା ପ୍ରେମିକଟେ କରିଦିଅ ମୋତେ
ଫୁଟି ଉଠୁ ମୁଖେ ହସ।

ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

## ଅଫେରା ରାଇଜର ସ୍ମୃତି...
### ଶିଶିରା ବିଧୌତା ସାମଲ



ଶିଶିରା ବିଧୌତା ସାମଲ
ବୋଉଲୋ.....
ଅଜରା ବାଟରେ
ବାଟୋଇ ସାଜିଲୁ

ପଛକୁ ଚାହିଁଲୁ ନାହିଁ,
କି ଦୋଷ କରିଲୁ
ମନୁ ଭୁଲିଗଲୁ
ପର କରିଦେଲୁ କାହିଁ ?
ନିଦରେ ଆସୁଛୁ
ମଥା ସାଉଁଳୁଛୁ
କଥା କହୁନାହୁଁ କିଛି,
ତୋ ହାତ ରାନ୍ଧଣା
ଖାଇ ପାରୁନାହିଁ
ଭଲ ମନ୍ଦ ବାଛି ବାଛି।
ଏକୁଟିଆ ହେଲେ
ତୋର ଡାକ ଶୁଭେ
ଧାଏଁ ମୁଁ ଏରୁଣ୍ଡି ଡେଇଁ,
ପାଏ ନାହିଁ ତୋତେ
ଯେତେ ବି ଖୋଜିଲେ
ଲୁହ ଧାର ଯାଏ ବହି।
ତୋ ପରି କିଏ
ଡାକୁନି ସରଗେ
ନାମଟିକୁ ମୋର ଧରି,
ବଦଳି ଯାଇଛି
ଆମ ପରିବେଶ
ସେନେହ ଯାଇଛି ସରି।
ସେଇ ଘର ଅଛି
ସେଇ ବିଛଣା ଅଛି
ତୁ କିନ୍ତୁ ନାହୁଁ ଆଜି,
ଖୋଜୁଛି ଖୋଜିବି
ଜନ୍ମ ଜନ୍ମାନ୍ତର
ତୋହରି ଝିଅଟେ ସାଜି।
ଫେରିବୁକି ବୋଉ
କେଉଁ ଦିନ କହ
ସପନରେ ଥରେ ଆସି,
ଅନାଇ ଥିବି ମୁଁ
ତୋର ବାଟ ଚାହିଁ
ଦାଣ୍ଡ ଅଗଣାରେ ବସି।

କମ୍ପ୍ୟୁଟର ଶିକ୍ଷୟିତ୍ରୀ, ବିଡ଼ାନାସୀ
ବନ୍ଧଛକ, କଟକ
ମୋ: ୯୭୭୮୬୩୫୯୨୬

## ଜଙ୍ଗଲ ଜଳୁଛି
### କବି ବିପ୍ଳବ



ଚଉକି ଚିନ୍ତାରେ ଯେ ମଗ୍ନ
ସିଏ ଚଢ଼େଇ ଚିନ୍ତା
କଣ ପାଇଁ କରିବ ?
ଜଙ୍ଗଲ ଜଳୁଛି ତ ଜଳୁ

ଅସହାୟମାନେ
ଜଳିବେ ତ... ଜଳନ୍ତୁ
ନା ଏମାନେ କ୍ଷତି ପୂରଣ ଦାବି କରିବେ
ନା କରିବେ ସଂଘବଦ୍ଧ କୋଳାହଳ
ନା ଏକଜୁଟ ହୋଇ
କରି ପାରିବେ ହରତାଳ
ନା ଦୋହଲାଇ ପାରିବେ କା ଚଉକି !
ଜଙ୍ଗଲ ଜଳୁଛି ତ ଜଳୁ

ଜଳିଲା ପରେ ତ
ରଡ ନିଆଁରେ ରୁଟି ସେକା ହେବ
ନେତା ଠୁଁ ପ୍ରଶାସନ ଯାଏଁ
ହେବେ ମାଲେମାଲ
ପୁଣି ଥରେ ବନୀକରଣ ବାହାନାରେ
ଚଳ ଚଞ୍ଚଳ ହେବ
ଜଙ୍ଗଲ ବିଭାଗ
ବୃକ୍ଷ ବଞ୍ଚାଓ ବାହାନାରେ
ପ୍ରସ୍ତୁତ ହେବ ରାଲି
ଦିଆ ହେବ ଲମ୍ବା ଚଉଡା ଭାଷଣ
ଅଟକଳ ହେବ ବ୍ୟୟ ବରାଦ
ବ୍ୟାନର, ହୋର୍ଡିଙ୍ଗ, ବିଜ୍ଞାପନରେ
ପୃଥିବୀ ଲାଗିବ ସବୁଜ ସବୁଜ,

ଜଙ୍ଗଲ ଜଳୁଛି ତ ଜଳୁ
ନେତାର କଣ ବା ଜଳିଯିବ !

ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# କାଗଜ କଲମରେ ଚାଲିଛି ବଡ଼ଡୁରାଲ ପ୍ରାଥମିକ ବିଦ୍ୟାଳୟ

ମାଲକାନଗିରି, ୧୩/୦୩ (ନି.ପ୍ର): ବିଦ୍ୟାଳୟର ଚିହ୍ନବର୍ଣ୍ଣ ନାହିଁ । ଅଥଚ ଏଠାରେ ପଢୁଛନ୍ତି ୨୦ ପିଲା । ୮ ଜଣ ଝିଅ ଓ ୧୨ ଜଣ ପୁଅ । ରକ୍ଷଣାବେକ୍ଷଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଆସୁଛି । ନିଯୁକ୍ତି ପାଇଥିବା ଦୁଇ ଜଣ ଶିକ୍ଷକ ଦରମା ବି ପାଉଛନ୍ତି । ହେଲେ ବିଡମ୍ବନାର କଥା ସ୍କୁଲ ନଥାଇ ପାଠପଢ଼ା ଏବଂ ମଧ୍ୟାହ୍ନ ଭୋଜନ ସବୁ କିଛି ଚାଲିଛି କାଗଜ କଲମରେ । ଦୀର୍ଘ ୮ ବର୍ଷ ଧରି ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳି ଚାଲିଛି ପ୍ରଶାସନ । ସ୍କୁଲ ଭୁଶୁଡ଼ି ପଡ଼ି ଦୀର୍ଘ ଆଠ ବର୍ଷ ବିତିଯାଇଥିଲେ ମଧ ଏହାର ପୁନଃ ନିର୍ମାଣ କରୁନାହିଁ ପ୍ରଶାସନ । ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଗ୍ରାମବାସୀ । ଶିକ୍ଷାର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି ମାଲକାନଗରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଡ଼ଡୁରାଲ ପଂଚାୟତର କୁଟୁନିପଦର ଗ୍ରାମରେ । କୁଟୁନିପଦର ଗାଁକୁ ଲାଗିରହିଛି ନୂଆଗୁଡା ଗାଁ । ଉଭୟ ଗାଁର ପିଲା ସଂଖ୍ୟା ପ୍ରାୟ ୬୦ । ସେମାନଙ୍କ ମଧ୍ୟରୁ ସରକାରୀ କାଗଜ ପତ୍ରରେ ରହିଛି ମାତ୍ର ୨୦ ପିଲାଙ୍କ ନାମ ଲେଖା ଯାଇଛି । ଅନ୍ୟ ୪୦ ପିଲାଙ୍କ ଠିକଣା ପାଉନି ପ୍ରଶାସନ ।

୨୦୧୪ ପୂର୍ବରୁ ଗାଁରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ରହିଥିଲା । ସାମୁଦ୍ରିକ ଝଡ଼ ହୁଡହୁଡ୍ ରେ ଅର୍ଥାତ୍ ୨୦୧୪ ରେ ଉଡିଗଲା ସ୍କୁଲର ଛାତ। ମାଟିରେ ମିଶିଗଲା ସ୍କୁଲ । ତା ପର ଠାରୁ ଶିକ୍ଷା ବିଭାଗର କୌଣସି ଅଧିକାରୀ କିମ୍ବା ପ୍ରଶାସନ ବାବୁଙ୍କ ପାଦ ପଡିନି ଏଠାରେ। ଥରୁଟିଏ ହେଲେ ବିଭାଗୀୟ ବଡ଼ ପଣ୍ଡାମାନେ ସ୍କୁଲ ଚାଲିଛି କି ନାହିଁ ଦେଖିବାକୁ ଆସୁନାହାନ୍ତି । ଦୀର୍ଘ ୮ ବର୍ଷ ହେଲା ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ । ନିଯୁକ୍ତି ପାଇଥିବା ଦୁଇ ଶିକ୍ଷକ କାଁ ଭାଁ କେମିତି ଆସୁଛନ୍ତି । ଏବେ ବିଦ୍ୟାଳୟ ବନ୍ଦ ଥିବାରୁ ଗାଁର ପିଲାମାନେ ପଥର ଫଟାଇବା, କେନ୍ଦୁ ପତ୍ର ତୋଳିବା, ମହୁଲ ସଂଗ୍ରହ କରିବା, ଗାଇ ଗୋଠ ଜଗିବା କାମ କରିବା ସହ ବାଟୁଲି ଧରି ସକାଳ ହେଲେ ବଣ ଜଙ୍ଗଲରେ ଘୁରି ବୁଲୁଛନ୍ତି । ପାଠରୁ ବଂଚିତ ହେବା ପରେ ଏପରି ଭାବରେ ଘୁରି ବୁଲୁଛନ୍ତି । ଏବେ ଉଭୟ ଗାଁର ପିଲାଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଇଛି। ମଧ୍ୟାହ୍ନ ଭୋଜନ ଦିଆଯାଉନି । ସରକାରଙ୍କ ଅନୁଦାନ ଯାଉଛି କୁଆଡେ, ଖାଉଛି କିଏ, ଜିଲ୍ଲା ପ୍ରଶାସନ ଏବଂ ଶିକ୍ଷା ବିଭାଗ ଏହାର ଜବାବ ଦିଅନ୍ତୁ ବୋଲି ଦାବି କରିଛନ୍ତି ଗ୍ରାମବାସୀ । ଭିଜିଲାନ୍ସ ପକ୍ଷରୁ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି । ଖବର ପ୍ରସାରଣ ପରେ ଆଗାମୀ ଦିନରେ ଏହାର ନିରପେକ୍ଷ ତଦନ୍ତ କରାଯାଉଛି କି ନାହିଁ ତାହା ଦେଖିବାକୁ ବାକି ରହିଲା ।

# ଅତି ନିମ୍ନମାନର କାମ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ: ନିରପେକ୍ଷ ତଦନ୍ତ ଦାବି କଲେ ଗ୍ରାମବାସୀ

ମାଲକାନଗିରି, ୧୩/୦୩ (ନି.ପ୍ର): ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ମହାଘୋଟାଲା । ଅତି ନିମ୍ନମାନର କାମ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ । ଯାତାୟତ ଲାଗି ଲୋକେ ହନ୍ତସନ୍ତ । ମୁହଁ ଖୋଲିଲେ ମିଳୁଛି ଧମକ । ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକରେ ଚାଲିଛି କାମ । ନିରପେକ୍ଷ ତଦନ୍ତ ଦାବି କଲେ ଅଂଚଳବାସୀ ।

ଉପାନ୍ତ ଅଂଚଳ ରେ ରାସ୍ତା ଫିଟାଇବା ପାଇଁ ସରକାର ଯୋଜନା ଉପରେ ଯୋଜନା କରିଚାଲିଛନ୍ତି । ଗାଁକୁ ରାସ୍ତା ଫିଟିଲେ ଗାଁର ବିକାଶ ହେବ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାଜ କୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଜିଲ୍ଲା ପ୍ରଶାସନ ମଧ ଅଂଚଳର ବିକାଶ ଦିଗରେ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ କେତେକ ଅସାଧୁ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟ କଳା ପ ଯୋଗୁଁ ଅଂଚଳର ବିକାଶ ହୋଇପାରୁନାହିଁ। ଅଂଚଳର ବିକାଶ ପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଟଙ୍କାକୁ ସଠିକ୍ ଭାବରେ କାର୍ଯ୍ୟରେ ନ ଲଗାଇ ଅତି ନିମ୍ନମାନର କାମ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରୁଥିବା ସାଙ୍ଘାତିକ ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା, ମାଥିଲି ଏବଂ ଖଇରପୁଟ ବ୍ଲକ ରେ । ମାଥିଲି ବ୍ଲକ,ଉଦୁଲିବାଡା ପଂଚାୟତର ପୂଜାରିଗୁଡା ଗ୍ରାମରେ । ଜୟପୁର ଏବଂ ବାଲିମେଳା ମୁଖ୍ୟ ରାସ୍ତାରୁ ପୂଜାରିଗୁଡ଼ା ଗାଁକୁ ରାସ୍ତା ନିର୍ମାଣ କରାଯାଇଛି । ରାସ୍ତା ନିର୍ମାଣର ଦୁଇ ମାସ ନ ପୁରୁଣୁ ରାସ୍ତାର ପିଚୁ ଉଟିଯାଉଛି । ରାସ୍ତା ଖାଲ ଖ ମାରେ ପରିଣତ ହୋଇଛି । ଲୋକେ ଯାତାୟତ ସମୟରେ ଅନେକ ଦୁର୍ଘଟଣା ଘଟୁଛି । ଏବେ କଷ୍ଟେ ମଷ୍ଟେ ଯାତାୟତ କରୁଛନ୍ତି । ବର୍ଷା ଆସିଲେ କଥା ସରିଲା ।

ସେହିପରି ଖଇରପୁଟ ବ୍ଲକର ମୁଣ୍ଡିଗୁଡ଼ା ଛକ ଠାରୁ ପୋଡଘାଟ, ଟଙ୍କମୁଣ୍ଡା ଓ କାଳାପାଲି ରାସ୍ତା କାମ ଚାଲିଛି। ଏହି ରାସ୍ତା ଅତି ଶୋ ଚନୀୟ ହୋଇଥିବାରୁ ପୁଣି ଥରେ ଏହାର ରାସ୍ତା କାମ କରାଯାଉଛି । କିନ୍ତୁ ରାସ୍ତା କାମ ସଠିକ୍ ଭାବରେ ନ କରି ଅତି ନିମ୍ନମାନର କାମ କରାଯାଉଛି । ଏହି ରାସ୍ତାରେ ଚାରୋଟି କଲଭର୍ଟ ନିର୍ମାଣ ହେଉଛି । ତାହା ମଧ ଅତି ନିମ୍ନମାନର। ହାତ ମାରିଲେ ସବୁ ଉଠି ଯାଉଚଛି । ଅତି ନିମ୍ନମାନର ସିମେଂଟ ଓ କାଦୁଅ ବାଲି ଦ୍ୱାରା କରାଯାଇଛି କାମ । କୌଣସି ଦିନ ମଧ କାମ ସାଇଡ୍ କୁ ଯନ୍ତ୍ରୀ ନଯାଇ ଅଫିସରେ ଥାଇ କାଗଜ ପତ୍ରରେ କାମ ତଦାରଖ କରୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି । ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ରେ କାମ ଚାଲୁଥିବା ଯୋଗୁଁ ଠିକାଦାର ତାର ମନମୁଖୀ କାମ କରି ଚାଲିଛି । ଯଦି ବା ଲୋକେ ମୁହଁ ଖୋଲିଲେ ମିଳୁଛି ଧମକ । ସରକାର ଏହାକୁ ଅତି ଗୁରୁତ୍ୱ ସହ ନେଇ ନିରପେକ୍ଷ ତଦନ୍ତ କରି ସଂପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ । ତେବେ ଖବର ପ୍ରସାରଣ ପରେ ସରକାର ସଂପୃକ୍ତ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାର ବାକି ରହିଲା ।

# ବଳକା ଖାଦ୍ୟ ବଂଟନ

କୋରେଇ, ୧୩/୦୩ (ନି.ପ୍ର): ପାଣିକୋଇଲିସ୍ଥିତ ମହାବୀର କଲୋନୀରେ ଯଯାତୀଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଷ୍ଠା ଉତ୍ସବର ଶେଷ ସନ୍ଧ୍ୟାରେ ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ହେଲେ ଶେଷରେ ୧ହଜାରରୁ ଉର୍ଦ୍ଧ ଲୋକଙ୍କ ଖାଦ୍ୟ ବଳିପଡିଥିଲା । ଏନେଇ ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ବିପଦରେ ସାଥିଙ୍କୁ ଖବର ଦିଆଯାଇଥିଲା । ବିପଦରେ ସାଥି ସଦସ୍ୟ ମାନେ ସେଠାରୁ ଖାଦ୍ୟ ଆଣି ପଥରପଦା ପଂଚାୟତର ବେଙ୍ଗା ଆଦିବାସୀ ସାହି, କାଳିପାଟଣା, ବଡବରୁଣାଇପଦା(ମରିଚିଆ) ଆଦି ସ୍ଥାନରେ ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମନମୋହନ ବାରିକ, ରବିନ୍ଦ୍ର ବେହେରା, ତପନ ମହାନ୍ତି, ଗୋଲକ ବିହାରୀ ପରିଡା, ରାକେଶ ରଂଜନ ପଣ୍ଡା, ସତ୍ୟବ୍ରତ ପଣ୍ଡା, ଦିଲ୍ଲୀପ କୁମାର ସ୍ୱାଇଁ, ଅନୁପ ବେହେରା, ସୁଦର୍ଶନ କୁଣ୍ଡୁ ପ୍ରମୁଖ ସାମିଲ ହୋଇଥିଲେ ।

# ଉତ୍କଳ ସମ୍ମିଳନୀ ତରଫରୁ ଓଡ଼ିଆ ଶାସ୍ତ୍ରୀୟ ଭାଷା ମାନ୍ୟତା ଦିବସ ପାଳିତ

ଜୟପୁର, ୧୩/୦୩ (ନି.ପ୍ର): ଜୟପୁର ସ୍ଥାନୀୟ ଯାଦବ ଭବନରେ ଉତ୍କଳ ସମ୍ମିଳନୀ କୋରାପୁଟ ତରଫରୁ ଓଡ଼ିଆ ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ କରାଯାଇଥିଲା। ସଭାପତି ମଦନ ମୋହନ ନାୟକଙ୍କ ସଭାପତିତ୍ୱରେ ରାଜ୍ୟ ସମ୍ପାଦକ ବିରେନ୍ ପଟ୍ଟନାୟକ, ପରାମର୍ଶଦାତା ବିନୋଦ ମହାପାତ୍ର, ହରିହର କରସୁଧା ପଟ୍ଟନାୟକ,ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ଦାସ,ବାଲା ରାୟ, ମାଧବ ଚୌଧୁରୀ,ଚନ୍ଦ୍ରକାନ୍ତ ସୁତାର, ରାଜେନ୍ଦ୍ର ଗୌଡ, ବୁଲୁ ସାହୁ, ନବୀନ ମାଦଳା, ଯଜ୍ଞେଶ୍ୱର ପଣ୍ଡା ଓ ସହରର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ୨୦୧୪ ମାର୍ଚ୍ଚ ୧୧ତାରିଖରେ ଓଡ଼ିଆକୁ ଷଷ୍ଠ ଶାସ୍ତ୍ରୀୟ ଭାଷା ଭାବେ ମାନ୍ୟତା ମିଳିଲା। ସରକାର ଉତ୍ସବ ପାଳିଲେ । ରାଜ୍ୟବାସୀ ଖୁସି ହେଲେ । ଜାତୀୟ ଦରବାରରେ ଓଡିଆ ଭାଷାର ଗୁରୁତ୍ୱ ବଢ଼ିଲା । ଶାସ୍ତ୍ରୀୟ ମାନ୍ୟତା ପରେ ଓଡିଆ ଭାଷାରେ କିଛି ବଡ ଧରଣର ବିକାଶ ହେବ ବୋଲି ସମସ୍ତେ ଭାବିନେଲେ । ଏହା ମଧରେ ବିତିଯାଇଛି ୮ ବର୍ଷ । ଶାସ୍ତ୍ରୀୟ ମାନ୍ୟତା ପାଇଲା ପରେ ଓଡିଆ ଭାଷାର କି ବିକାଶ ହେଲା ? ଗବେଷଣା ପାଇଁ ପର୍ଯ୍ୟାପ୍ତ ଭିତିଭୂମି ପ୍ରସ୍ତୁତ ଅଛି ତ ? ଓଡିଆ ଭାଷାର ବହୁଳ ବ୍ୟବହାର ହେଉଛି କି ? ଅତୀତକୁ ନେଇ ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଆମ ଭାଷାର ବର୍ତମାନ ସ୍ଥିତି କଣ ? ଭାଷାର ଭବିଷ୍ୟତକୁ ମଜବୁତ୍ କରିବା ପାଇଁ ଆମେ ଏବେ ପଦକ୍ଷେପ ନେଉଛୁ ତ ? ଏହି ପ୍ରଶ୍ନ ଏବେ ସାଧାରଣ ଓଡିଆଟିର ମନକୁ ଆନ୍ଦୋଳିତ କରୁଛି । ଏହି ୮ ବର୍ଷ ଭିତରେ ସରକାର ଓ ପ୍ରଶାସନିକ ବ୍ୟବସ୍ଥାର କାର ?ୟକଳାପକୁ ଅନୁଧ୍ୟାନ କଲେ ସଚେତନ ଓଡିଆଙ୍କୁ ନିରାଶ ହେବାକୁ ପଡୁଛି । ଯାହା ସାଧାରଣ ଲୋକ ସିଧାସଳଖ ଅନୁଭବ କରୁଛନ୍ତି ତାହା ହେଲା ଗତ ୮ ବର୍ଷ ଭିତରେ ଓଡିଆ ଭାଷା ସର୍ବାଧିକ ଅବହେଳାର ଶୀକାର ହୋଇଛି। ମଝିରେ ମଝିରେ ଭାଷାକୁ ନେଇ ମନ୍ତ୍ରୀ ଓ ଅଧିକାରୀ କିଛି ମନଲୋଭା କଥା କହୁଛନ୍ତି । ଐତିହ୍ୟ କ୍ୟାବିନେଟ୍ ଓ ସରକାରୀ ନିଷ୍ପତି ନାଁରେ ଲୋକଙ୍କୁ ନିରୋଳା ଗପ ଶୁଣାଯାଉଛି । କ୍ଷମତାରେ ଥିବା ବ୍ୟକ୍ତିମାନଙ୍କର ଓଡିଆ ଭାଷା ପ୍ରତି ସର୍ବନିମ୍ନ ଆଦର ନାହିଁ । ଶାସ୍ତ୍ରୀୟ ମାନ୍ୟତା ପାଇଲା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଭାଷା ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବାର ବ୍ୟବସ୍ଥା ରହିଛି । ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା ପରେ ଉତ୍କର୍ଷ କେନ୍ଦ୍ରଟିଏ ପ୍ରତିଷ୍ଠା କରିବାକୁ ୬ବର୍ଷ ଲାଗିଗଲା । କେତେବେଳେ କେନ୍ଦ୍ରରେ ପ୍ରକ୍ରିୟା ଧିମେଇ ଗଲା ତ କେତେବେଳେ ରାଜ୍ୟ ସରକାର ଅବହେଳା କଲେ । ଶେଷରେ ୨୦୨୦ ଜୁନରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୁରୁଣା କୋଠାରେ କେନ୍ଦ୍ର କାର୍ଯ୍ୟାଳୟ ଖୋଲିଲା । ଓଡିଆ ଭାଷାକୁ ଅବହେଳା କରିବାରେ ରାଜ୍ୟ ସରକାର କୌଣସି ସୁଯୋଗ ହାତଛଡା କରିନାହାନ୍ତି । ଶାସ୍ତ୍ରୀୟ ମାନ୍ୟତା ପାଇଲା ପରେ ଦେଶର ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଓଡିଆ ଭାଷା ଚେୟାର ପ୍ରତିଷ୍ଠା ହେବ ବୋଲି ସରକାର ଘୋଷଣା କଲେ । ଏହା ଓଡିଆ ଭାଷା ଉପରେ ଅଧିକ ଗବେଷଣା ପାଇଁ ସହାୟକ ହେବ । ଏହା ମଧରେ ନୂଆଦିଲ୍ଲୀସ୍ଥିତ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଓଡିଆ ଭାଷା ଚେୟାର ପ୍ରତିଷ୍ଠା ହୋଇଛି । ଓଡିଆ ଭାଷାକୁ ସରକାରୀ ସ୍ତରରେ ବ୍ୟାପକ ବ୍ୟବହାର ପାଇଁ ବିଭିନ୍ନ ସମୟରେ ସରକାର ବଡ ବଡ କଥା କହୁଥିଲେ ମଧ ତାହାର କିଛି ସୁଫଳ ମିଳୁ ନାହିଁ । ଦିନକୁ ଦିନ ସରକାରୀ ସ୍ତରରେ ଓଡିଆ ଭାଷାର ବ୍ୟବହାର କମିବାରେ ଲାଗିଛି । ଭାଷାର ବ୍ୟବହାର ପାଇଁ କୌଣସି କଡା ପଦକ୍ଷେପ ନିଆଯାଉ ନାହିଁ । ମଝିରେ ମଝିରେ ସଚେତନ ନାଗରିକମାନେ ଏହି ପ୍ରସଙ୍ଗ ଉଠାଉଥିଲେ ବି ସରକାର ଶୁଣି ନଶୁଣିଲା ପରି ରହିଯାଉଛନ୍ତି । ଜଣେ ଅବସରପ୍ରାପ୍ତ ମୁଖ୍ୟ ସଚିବ ଏକ ସାକ୍ଷାତକାରରେ ସ୍ୱୀକାର କରିଥିଲେ ଯେ ରାଜ୍ୟ ସରକାରଙ୍କର ଓଡିଆ ଭାଷା ପ୍ରତି ଆଦର ନାହିଁ । ପ୍ରଶାସନର ସର୍ବୋଚ୍ଚ ପଦବିରେ ଥିବା ଜଣେ ବ୍ୟକ୍ତିଙ୍କର ଏହି ସ୍ୱୀକାରୋକ୍ତି ହିଁ ଓଡିଆ ଭାଷାପ୍ରତି ସରକାରୀ ଅବହେଳାର ଗମ୍ଭୀରତାକୁ ସୂଚାଉଛି । ଓଡିଆ ଭାଷାର ଅତୀତ ଏତେ ସମୃଦ୍ଧ ଥିଲା ଯେ ତାହା ଉପରେ ଗବେଷଣା କରି ବିଦ୍ୱାନମାନେ ଶାସ୍ତ୍ରୀୟ ମାନ୍ୟତା ପାଇଁ ସବୁ ପ୍ରକାର ବଳିଷ୍ଠ ଯୁକ୍ତି ପ୍ରସ୍ତୁତ କଲେ, କିନ୍ତୁ ଭାଷାକୁ ଆଗକୁ ନେବା ପାଇଁ ସରକାରୀ ନିଷ୍କ୍ରିୟତା ସଚେତନ ଓଡିଆମାନଙ୍କୁ ଚିନ୍ତିତ କରିଛି ବୋଲି ଉତ୍କଳ ସମ୍ମିଳନୀର କର୍ମକର୍ତା ଓ ଉପସ୍ଥିତ ବୁଦ୍ଧିଜୀବୀଙ୍କ ମଧରେ ମତ ପ୍ରକାଶ ପାଇଥିଲା।

# ଲାଠିକଟାରେ ଯାଦବ ମହାସଭାର ବୈଠକ

ଜୟପୁର, ୧୩/୦୩ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ହରଡାଗୁଡ଼ା ପଂଚାୟତ ଲାଠିକଟାର ଗ୍ରାମ ଠାରେ କୋରାପୁଟ ଜିଲ୍ଲା ଯାଦବ ମହାସଭାର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ଙ୍କ ପୌରହିତ୍ୟରେ ଆୟୋଜିତ ଏହି ବୈଠକରେ ମାର୍ଚ୍ଚ ୨୬ ଜୟପୁର ଦଶହରା ପଡିଆରେ ହେବାକୁ ରହିଥିବା 'ଗୌଡ଼ ଗର୍ଜନ ସମାବେଶ'କୁ କିଭଳି ସଫଳ କରାଯିବ ସେନେଇ ଆଲୋଚନା ହୋଇଥିଲା । ନକୁଳ ଗୌଡ଼ଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପ ସଭାପତି ମଦନ ମୋହନ ନାୟକ, ମୁଖ୍ୟବକ୍ତା ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲା ଆବାହକ ସାଥିରାମ ନାୟକ, ସଂଯୋଜକ ମନୋଜ ମହାକୁଡ଼, ସୀମାଂଚଳ ମହାକୁଡ଼, ପ୍ରମୋଦ ନାୟକ, ଜିଲ୍ଲା ଯୁବ ସଭାପତି ନରେଶ ମହାକୁକ, ସାଧାରଣ ସମ୍ପାଦକ ଶ୍ରୀଚନ୍ଦନ ନାୟକ, ଜୟପୁର ବ୍ଲକ ସଭାପତି ଗୁପ୍ତ ପ୍ରସାଦ ଗୌଡ଼ ପ୍ରମୁଖ ଯୋଗ ଦେଇ ସଂଗଠନ ଉପରେ ଆଲୋଚନା କରିଥିଲେ । ଆଗାମୀ କାର୍ଯ୍ୟକ୍ରମ ସୁପରିଚାଳନା ନେଇ କମଳ ଲୋଚନ ଗୌଡ଼ଙ୍କୁ ଦଶମନ୍ତପୁର ବ୍ଲକ, ଅଭିମନ୍ୟୁ ନାୟକଙ୍କୁ ବୋରିଗୁମ୍ମା ବ୍ଲକ, ଶ୍ରୀଧର ନାୟକଙ୍କୁ ଜିଲ୍ଲା ଯୁବ ସମ୍ପାଦକ, ଖଗେଶ୍ୱର ମହାକୁଡ଼ଙ୍କୁ ସଙ୍ଗଠନ ସମ୍ପାଦକ ସହ ଚାନ୍ଦବେଢା, ଖରାଗୁଡା, ଝୁଲିକିବେଢା ପାଇଁ ଘାସି ଗୌଡ଼, ଚାକଲି- ମଙ୍ଗଳା ଗୌଡ଼, ଅଡ଼ପୁର- ଅର୍ଜୁନ ଗୌଡ଼, ଜଡ଼କାଗୁଡା- ପଦଲମ ଗୌଡ଼, ପଟିପାର- କମୁଲୁ ଗୌଡ଼, ଲୁକୁଡିସିଲ - ଲକ୍ଷ୍ମଣ ଗୌଡ଼, କୁମୁଡ଼ାଗୁଡା- ଗୋବର୍ଦ୍ଧନ ଗୌଡ଼, ଦଳେଇପଦର- ଉଦ୍ଧବ ଗୌଡ଼, ନନ୍ଦିଗାଁ କୁମୁନାଥ ନାୟକ, ଚମ୍ପାପଦର- ଦାମ ଗୌଡ଼, ଲାଠିକଟାର- ପଦ୍ମନ ନାୟକ, ଫଣ୍ଡସ-ବଳରାମ ଗୌଡ଼, ଫୁଲପଦର- ଜଗନ୍ନାଥ ଗୌଡ଼, ସୁକୁରିଗୁଡା ପାଇଁ ଟଙ୍କଧର ଗୌଡ଼ଙ୍କୁ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

# ନିଆଁ ଗିଳି ଚାଲିଛି ଜଙ୍ଗଲ, ହେଲିକପ୍ଟର ବ୍ୟବହାରକୁ କୁଣ୍ଠାବୋଧ କାହିଁକି ?



ଭୁବନେଶ୍ୱର , ୧୩/୦୩ (ନି.ପ୍ର): ନିଆଁ ଗିଳି ଚାଲିଛି ଗୋଟିଏ ପରେ ଗୋଟିଏ ଜଙ୍ଗଲ। ହେକ୍ଟର ହେକ୍ଟର ଗଛ ଜଳି ପୋଡ଼ି ପାଉଁଶ ହେଉଛି। ସୁନାବେଡ଼ା ରେଞ୍ଜରେ ନିଆଁ ଲାଗିଛି ଯେ ଆଜି ପର୍ଯ୍ୟନ୍ତ ଲିଭୁନି। ଆର. ଉଦୟଗିରି, ସିମନ୍‌ବାଡ଼ି, ବ୍ରହ୍ମଣୀଗାଁ, ପିଠାବଟା, ହେମଗିରି ଜଙ୍ଗଲ ବି ଜଳୁଛି। କେଉଁଠି ୮ଦିନ ହେଲାଣି ତ ଆଉ କେଉଁଠି ଆଜି ଭୋରରୁ ନିଆଁ ଲାଗିଛି। ଏବର୍ଷ ଫେବୃଆରି ୨୪ ସୁଦ୍ଧା ୧୪୪୫ ହେକ୍ଟର ଜଙ୍ଗଲ ଛାରଖାର ହୋଇଥିଲା। ଏହା ମଧରେ ଆହୁରି ଅଢ଼େଇ ହଜାର ହେକ୍ଟର ଜଳିପୋଡ଼ି ପାଉଁଶ ହେଲାଣି। ଆଗକୁ ଆଉ କେତେ ହେକ୍ଟର ଜଙ୍ଗଲ ଜଳିବ, ତାହା ଆକଳନ କରିବା ମୁସ୍କିଲ ହୋଇପଡ଼ିଛି। ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲେ ମଧ ନିଆଁ ଲିଭାଇବା ଦିଗରେ କାହାରି ଆନ୍ତରିକତା ନାହିଁ। ବର୍ଷା ଉପରେ ଭରସା କରି ବନ ବିଭାଗ ହାତ ଟେକି ଦେଇଛି। ଲୋକ ଲଗାଉଥିବା କହି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ନିଜ ମୁଣ୍ଡରୁ ଦୋଷ ଖସାଉଥିବା ବେଳେ ବିଭାଗୀୟ ମନ୍ତ୍ରୀ ଓ ସଚିବ ଏକପ୍ରକାର ଚୁପ୍। ସମୀକ୍ଷା କରୁନାହାନ୍ତି କି ଲିଭାଇବା ଦିଗରେ ପଦକ୍ଷେପ ନେଉନାହାନ୍ତି।

ଦେଶର ଅନ୍ୟାନ୍ୟ ରାଜ୍ୟଗୁଡ଼ିକରେ ଜଙ୍ଗଲ ନିଆଁ ଓଡ଼ିଶା ଭଳି ଭୟଙ୍କର ରୂପ ନେଇ ନ ଥିଲେ ମଧ ସେଠାକାର ସରକାର ହେଲିକପ୍ଟର ସହାୟତାରେ ବନାଗ୍ନିରେ ପାଣି ଢାଳୁଛନ୍ତି। ଗୋଆ, ମଣିପୁର, କର୍ଣ୍ଣାଟକ ସରକାର କିଛି ମାତ୍ରାରେ ସଫଳ ମଧ ହେଲେଣି। ମାତ୍ର ଓଡ଼ିଶା ସରକାର ଏପର୍ଯ୍ୟନ୍ତ ମୌନ ବସିଛନ୍ତି। ହେଲିକପ୍ଟର ଦୂରର କଥା, ଅଗ୍ନିଶମ ଗାଡ଼ିକୁ ଜଙ୍ଗଲ ନିକଟରେ ପହଞ୍ଚାଇବା ଦିଗରେ ଏପର୍ଯ୍ୟନ୍ତ କୌଣସି ବି ପଦକ୍ଷେପ ନେଇନାହାନ୍ତି। କର୍ମଚାରୀଙ୍କୁ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିବା ଅଧିକାରୀମାନେ କହୁଥିଲେ ମଧ ତାହାକୁ ଚଲାଇବା ତାଲିମ୍ ଦିଆଯାଇନାହିଁ। ବର୍ଷା ନଥିବାରୁ ଜଙ୍ଗଲରେ ଥିବା ଅଧିକାଂଶ ଜଳାଶୟ ଏବେ ଶୁଖିଲା ପଡ଼ିଛି। କାଁ ଭାଁ ସ୍ଥାନରେ ପାଣି ରହିଥିଲେ ମଧ ତାହା ସମୁଦ୍ରକୁ ଶଙ୍ଖେ। ବନ କର୍ମଚାରୀ ଯେତିକି ପାଣି ନେଉଛନ୍ତି ସେଥିରେ ଲିଭାଇବା ଆଦୌ ସମ୍ଭବପର ନୁହେଁ ବୋଲି ଜଣେ ଡିଏଫ୍ଓ କହିଛନ୍ତି।

ପରିବେଶବିତ୍‌ଙ୍କ ମତରେ ପ୍ରତି ବନଖଣ୍ଡ ଲାଗି ଆବଶ୍ୟକ କର୍ମଚାରୀ ନାହାନ୍ତି। ହାତଗଣତିଙ୍କୁ ନେଇ ବନାଗ୍ନି ମୁକାବିଲା କରୁଛି ବନ ବିଭାଗ। ଯଦି ଏପରି ଚାଲେ, ତେବେ ୨୦୨୧ ବନାଗ୍ନିକୁ ଟପିଯିବ ଓଡ଼ିଶା। ଯଦି ଗୋଆ ଭଳି ଛୋଟ ରାଜ୍ୟ ହେଲିକପ୍ଟର ସହାୟତାରେ ଜଙ୍ଗଲ ନିଆଁ ଲିଭାଇ ପାରୁଛନ୍ତି, ତେବେ ଓଡ଼ିଶାରେ କାହିଁକି ନୁହେଁ? ଜଙ୍ଗଲ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ହେୟଜ୍ଞାନ କାହିଁକି? ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ ଥିବା ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି) ଏକ ଦୁଧିଆଳି ଗାଈ ସଦୃଶ। ପ୍ରତିବର୍ଷ ଜଙ୍ଗଲଜାତ ଦ୍ରବ୍ୟ, କାଠ ବିକ୍ରି କରି ଓଏଫ୍‌ଡିସି ପ୍ରଚୁର ଲାଭ କରୁଛି। ସେଥିରୁ ମିଳୁଥିବା ଅର୍ଥକୁ ନିଆଁ ଲିଭାଇବାରେ ଖର୍ଚ୍ଚ କରାଯାଉନାହିଁ କାହିଁକି? ଜଙ୍ଗଲ ବିଭାଗ ବାବୁ, ବାବୁଆଣୀମାନେ କେବଳ ଯେ ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରେ ବସି ଜଙ୍ଗଲ ବଢୁଥିବା କହିଦେଲେ ହେବ ନାହିଁ। ଏବେ ସେମାନଙ୍କୁ ବାହାରକୁ ଆସି ସ୍ଥିତି ଦେଖିବାକୁ ପଡ଼ିବ। ନ ହେଲେ ଓଡ଼ିଶାର ଜେ ?ବବିବିଧତା ପ୍ରତି ବିପଦ ସୃଷ୍ଟି ହେବ।

ସେପଟେ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍ଏସ୍ଆଇ) ରିପୋର୍ଟ ଆଜି ଚିନ୍ତା ବଢ଼ାଇ ଦେଇଛି। ଚଳିତବର୍ଷର ରାଜ୍ୟର ସବୁଠାରୁ ଅଧିକ ବନାଗ୍ନି ପଞ୍ଜିକୃତ ହୋଇଛି। ଶନିବାର ମଧ୍ୟାହ୍ନରେ ମାତ୍ର ୨୧୫ଟି ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ ହୋଇଥିଲା। ଯାହାକି ଆଜି ୧୮୪୦ରେ ପହଞ୍ଚିଛି। ଅର୍ଥାତ୍ ଗତ ୨୪ ଘଣ୍ଟାରେ ରାଜ୍ୟର ୧୬୨୫ଟି ସ୍ଥାନରେ ନୂତନ ଜଙ୍ଗଲ ନିଆଁ ସାମ୍ନାକୁ ଆସିଛି। ସେହିପରି ଶନିବାର ରାଜ୍ୟର ୪୪ଟି ସ୍ଥାନରେ ବଡ଼ଧରଣର ବନାଗ୍ନି ଥିବା ବେଳେ ଆଜି ତାହା ୧୫୩ଟି ସ୍ଥାନରେ ପହଞ୍ଚିଛି। ନଭେମ୍ବରରୁ ଆଜି ମଧରେ ଦେଶରେ ୪୬ହଜାର ୯୭୭ଟି ସ୍ଥାନରେ ଜଙ୍ଗଲ ନିଆଁ ସାମ୍ନାକୁ ଆସିଛି। ସେଥିରୁ କେବଳ ଓଡ଼ିଶାରେ ୧୬ହଜାର ୧୨୪ଟି ରହିଛି। ଅର୍ଥାତ୍ ଦେଶର ମୋଟ ଜଙ୍ଗଲ ନିଆଁର ୩୫% କେବଳ ଓଡ଼ିଶାରେ। ସେହିପରି ଦେଶର ୬୧୦୬ଟି ବଡ଼ଧରଣ ବନାଗ୍ନି ମଧ୍ୟରୁ ଓଡ଼ିଶାରେ କେବଳ ୧୦୨୯ଟି ଲାଗିଛି।

# ଇପିଏଫ ପେନସନ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟି ବୈଠକ

ଜୟପୁର, ୧୩/୦୩ (ନି.ପ୍ର): ସ୍ଥାନୀୟ ଯାଦବ ଭବନ ଠାରେ ନିଖିଳ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା ଶାଖାର ବୈଠକ ସଂଘ ର ସଭାପତି ଶ୍ରୀ ନଳିନୀ ରଥ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ବିଷଦ ଆଲୋଚନା ହୋଇ କାର୍ଯ୍ୟ ପନ୍ଥା ସ୍ଥିର କରାଯାଇଛି । ଆଜି ର ସଭାରେ ନୂତନ ଭାବେ କେସିସି ବ୍ୟାଙ୍କ,ଓଏସ ଆର୍ ଟି ସି , ଓ ଏଚ୍ ପିସି ବାଲିମେଳା ର କୋଡ଼ିଏ ଜଣ ସଭ୍ୟ ଙ୍କୁ ସଂଘ ରେ ଗ୍ରହଣ କରାଗଲା । ବର୍ଦ୍ଧିତ ପେନସନ ପାଇଁ ଆସନ୍ତା ମେ' ମାସ ତିନି ତାରିଖ ସୁଦ୍ଧା ସେପଟେମ୍ବର ମାସ ୨୦୧୪ ପୂର୍ବରୁ ଅବସର ଗ୍ରହଣ କରିଥିବା ଶ୍ରମିକ କର୍ମଚାରୀ ମାନେ ଅନ୍ ଲାଇନ୍ ରେ ଆଗ୍ରହୀ ଆବେଦନ ଫର୍ମ ପୂରଣ କରି ପ୍ରଦାନ କରିବା ପାଇଁ ସଭାପତି ପରାମର୍ଶ ଦେଇଥିଲେ । କେ ସି ସି ବ୍ୟାଙ୍କ ଏବଂ ଓ ଏସ୍ ଆର୍ ଟି ସି ର ଅବସରପ୍ରାପ୍ତ ଶ୍ରମିକ କର୍ମଚାରୀ ମାନଙ୍କ ବେତନ ସଂଶୋଧନ ଏବଂ ପେନସନ ସହ ଯୋଗ କରିବା ପାଇଁ ସମ୍ପୃକ୍ତ କର୍ତୃପକ୍ଷଙ୍କୁ ସାକ୍ଷାତ କରିବା ପାଇଁ ଓ ସମସ୍ୟା ର ସମାଧାନ ପାଇଁ ପଦକ୍ଷେପ ନେବାକୁ ନିଷ୍ପତି ହୋଇଛି । ଇପିଏଫ ପେନସନଧାରୀ ଙ୍କ ସର୍ବନିମ୍ନ ପେନସନ ମାସିକ ୯୦୦୦/ ଟଙ୍କା କରିବା ପାଇଁ ଦେଶବ୍ୟାପୀ ଚାଲିଥିବା ଆନ୍ଦୋଳନକୁ ଆହୁରି ଜୋରଦାର କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ନେତୃତ୍ୱ ସହ ଯୋଗାଯୋଗ କରାଯାଇ ପଦକ୍ଷେପ ନିଆଯିବ। ସଭା ଶେଷରେ ଶ୍ରୀ କିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ସଭାରେ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି,ରାମ ଶଙ୍କର ପଟ୍ଟନାୟକ,ଗୌରୀ ଚରଣ ସାହୁ, ଭାସ୍କର ଧଳ, ଶାନ୍ତନୁ ରଥ ,ପି କେ ପଟ୍ଟନାୟକ, ଦଣ୍ଡପାଣି ପାତ୍ର,ଏମ୍ ଏନ୍ ରାଓ,ଏ କ୍ରିଷ୍ଣା ରାଓ,ପି କେ ମିଶ୍ର, ଲକ୍ଷ୍ମୀ କାନ୍ତ ମିଶ୍ର ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

# ଶ୍ରୀକ୍ଷେତ୍ର ଗାଥା ବଖାଣିବ ନରେନ୍ଦ୍ର ପୁଷ୍କରିଣୀ କାନ୍ଥ



ପୁରୀ, ୧୩/୦୩ (ନି.ପ୍ର): ନୂଆ ରୂପ ନେଉଛି ନରେନ୍ଦ୍ର ପୁଷ୍କରିଣୀ। କାଚକେନ୍ଦୁ ଭଳି ଝଲମଲ ଜଳରାଶି ପାଇଁ ଚାଲିଛି ପଙ୍କୋଦ୍ଧାର। ଔଷଧୀୟ ଗୁଳ୍ମରେ ତୀର୍ଥ ଜଳକୁ ବିଶୋଧନ କରିବା ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା। ଚନ୍ଦନ ସରୋବରର ଚତୁଃପାର୍ଶ୍ୱକୁ ଆକର୍ଷଣୀୟ କରିବା ପାଇଁ ୨୮୨ଟି ପ୍ୟାନେଲ୍ ନିର୍ମାଣ କରାଯାଉଛି। ଖଣ୍ଡୋଲାଇଟ ପଥରରେ ନିର୍ମିତ ସ୍ଥାପତ୍ୟରେ ଝଟକିବାକୁ ଯାଉଛି ଚନ୍ଦନ ସରୋବରର କାନ୍ଥ। ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ବଖାଣିବାକୁ ଯାଉଛି ଗଙ୍ଗବଂଶ ସମୟର ଏହି ଐତିହ୍ୟ ପୁଷ୍କରିଣୀ। ୧୮ କୋଟି ଟଙ୍କା ବିନିମୟରେ ବଦଳୁଛି ସରୋବରର ଚେହେରା। ତେବେ ନରଣଗଡ଼ରୁ ଆସୁଥିବା ଗୁଣାତ୍ମକ ଖଣ୍ଡୋଲାଇଟ ପଥର ଆବଶ୍ୟକ ମୁତାବକ ପହଞ୍ଚିପାରୁନଥିବାରୁ କାମ ବିଳମ୍ବ ହେଉଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ନରେନ୍ଦ୍ର ପୁଷ୍କରିଣୀ ସମେତ ଅନ୍ୟ ତିନିଟି ତୀର୍ଥ ପୁଷ୍କରିଣୀର ନବୀକରଣ ପାଇଁ ଆଧୁନିକ ଜ୍ଞାନକୌଶଳର ଉପଯୋଗ କରାଯାଇଛି। ୩ ଫୁଟ ପର୍ଯ୍ୟନ୍ତ ଜଳରାଶି ଶୁଖାଯାଇଛି। ଗଙ୍ଗବଂଶ ରାଜତ୍ୱ ସମୟରେ ନିର୍ମିତ ପାଚେରି ଦୁର୍ବଳ ହୋଇଯାଇଥିଲା। କିଛି ସ୍ଥାନରେ ପାଚେରି ଭାଙ୍ଗି ଯାଇଥିଲା ଏବଂ ଅଧିକାଂଶ ସ୍ଥାନରେ ଏହା ଝୁଲି ରହିଥିଲା। ଏଥିପାଇଁ କାନ୍ଥରେ (ସଏଲ ନେଲିଙ୍ଗ) ଡ୍ରିଲ୍ କରି ରଡ୍ ଦେଇ ବାନ୍ଧି ସୁଦୃଢ଼ କରାଯାଇଛି। କାନ୍ଥକୁ ମଜଭୁତ କରାଯାଇଛି। ବେଶି ବାଙ୍କିଯାଇଥିବା ତଥା ଝୁଲି ରହିଥିବା କାନ୍ଥକୁ ଭାଙ୍ଗି ନୂଆ କାନ୍ଥ ଉଠାଯାଇଛି।

ନରେନ୍ଦ୍ର ପୁଷ୍କରିଣୀକୁ ପ୍ରବେଶ ପଥରେ ନିର୍ମିତ ହେବ ସୁଦୃଶ୍ୟ ତୋରଣ। ଚନ୍ଦନ ଯାତ୍ରା ସମୟରେ ମହାପ୍ରଭୁ ଏହି ସରୋବରରେ ନୈବିହାର କରୁଥିବାରୁ ଏହାର ପ୍ରବେଶ ତୋରଣକୁ ନୌକାର ରୂପ ଦିଆଯିବ। ସୁଆଣ୍ଡୋରେ କଳାକୃତି କରିଥିବା ଶିଳ୍ପୀ ଏହି ତୋରଣ ନିର୍ମାଣ କରିବେ। ଏହାବ୍ୟତୀତ ନରେନ୍ଦ୍ର ପୁଷ୍କରିଣୀ ପରିକ୍ରମା କରିବା ପାଇଁ ୩ ମିଟରର ପାଦଚଲା ରାସ୍ତା ରହିବ। ସରୋବର କାନ୍ଥରେ ୨୮୨ଟି ପ୍ୟାନେଲ୍‌ରେ ମହାପ୍ରଭୁଙ୍କ ଶ୍ରୀମନ୍ଦିର, ରଥଯାତ୍ରା, ମନ୍ଦିର ତୋଳା, ଝୁଲଣ ଯାତ୍ରା, ପର୍ବପର୍ବାଣୀ, ୩୨ ବେଶ, ମନ୍ଦିର ଭିତରର ନୀତିକାନ୍ତି, ମହାପ୍ରସାଦ ପ୍ରସ୍ତୁତି, ଶ୍ରୀକ୍ଷେତ୍ରର ସାହିଯାତ, ନରେନ୍ଦ୍ର ପୁଷ୍କରିଣୀ ଖନନର କଥାବସ୍ତୁ ପାଚେରି କାନ୍ଥରେ ଦେଖିବାକୁ ପାଇବେ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ। ବର୍ତ୍ତମାନ ସୁଦ୍ଧା ସରୋବର ପାଚେରିରେ ପ୍ୟାନେଲ୍ ନିର୍ମାଣ କାର୍ଯ୍ୟ ୪୦ ପ୍ରତିଶତ ଶେଷ ହୋଇଛି।

ପୁଷ୍କରିଣୀ ଚତୁଃପାର୍ଶ୍ୱକୁ ଆଲୋକୀକରଣ କରାଯିବ। ତୀର୍ଥ ଜଳରେ ପାଦ ବୁଡ଼ାଉଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ କଳଙ୍କି ନିରୋଧ ଷ୍ଟିଲ୍ ରେଲିଂ ଖଞ୍ଜାଯିବ। ଭାଙ୍ଗିଯାଇଥିବା ପାହାଚକୁ ଉଠାଯାଇ ନୂତନ ପଥର ସଂଯୋଗ ହେବ। ପାହାଚକୁ ମଧ ଖଣ୍ଡୋଲାଇଟ୍ ପଥରର ଛାପ ଦିଆଯିବ। ପ୍ରବେଶ ପାଚେରି ଓ ଚତୁଃପାର୍ଶ୍ୱ ପାଚେରି ଫୁଲ ଗଛରେ ସଜ୍ଜିତ ହେବ। ଏହାବ୍ୟତୀତ ପୁଷ୍କରିଣୀ ନିକଟରେ ଭକ୍ତଙ୍କ ସୁବିଧା ପାଇଁ ଶୌଚାଳୟ ଓ ପୋଷାକ ବଦଳାଇବା କକ୍ଷ ନିର୍ମାଣ କରାଯିବ। ଦଶାହ କାର୍ଯ୍ୟ କିମ୍ବା ତୀର୍ଥ ପୁଷ୍କରିଣୀ ନିକଟରେ ଚୁଟି ପକାଇବା, ପିଣ୍ଡଦାନ ପାଇଁ ସ୍ୱତନ୍ତ୍ର ସୁବିଧା କରାଯିବ। ଓବିସିସି ପକ୍ଷରୁ ଏବିସିଏଲ୍ ତଥା ଆଚାର୍ଯ୍ୟ ବ୍ରଦର୍ସ କନଷ୍ଟ୍ରକ୍ସନ ଲିମିଟେଡ୍‌କୁ କାର୍ଯ୍ୟାଦେଶ ଦିଆଯାଇଛି। ଗତବର୍ଷ ଜୁନ୍ ମାସରୁ କାର୍ଯ୍ୟାଦେଶ ପରେ କାମ ଆରମ୍ଭ ହୋଇଛି। ୧୮ ମାସ ମଧ୍ୟରେ ଏହି କାର୍ଯ୍ୟ ସରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଓବିସିସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀଧର ରାଉତ କହିଛନ୍ତି,ଗୁଣାତ୍ମକ ଖଣ୍ଡୋଲାଇଟ ପଥର ମିଳିବାରେ ବିଳମ୍ବ ଯୋଗୁ କାମ ଶିଥିଳ ପଡ଼ିଛି। ଏହି ପଥର କେବଳ ନରଣଗଡ଼ରୁ ଆସୁଥିଲେ ହେଁ ବର୍ତ୍ତମାନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ପଥର ଯୋଗାଣ ହେଉଛି। ଏଥିଯୋଗୁ ନରେନ୍ଦ୍ର ସରୋବର ପାଇଁ ପଥର ଯୋଗାଇବା ବିଳମ୍ବ ହେଉଛି। ପଥର ମିଳିବା ପରେ କଳାକୃତି କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ବିଭିନ୍ନ ଦାବି ନେଇ ବେସରକାରୀ ହୋମିଓପ୍ୟାଥିକ ପ୍ରାକ୍ଟିସନରଙ୍କ ସଂଘର ବିଧାନସଭା ସମ୍ମୁଖରେ ବିକ୍ଷୋଭ




ଭୁବନେଶ୍ୱର, ୧୩/୦୩ (ନି.ପ୍ର): ବେସରକାରୀ ହୋମିଓପ୍ୟାଥକ୍ ପ୍ରାକ୍ଟିସ୍‌ନର ସଂଘ ପକ୍ଷରୁ ସଭାପତି ନେତ୍ରାନନ୍ଦ ଭୋଇଙ୍କ ନେତୃତ୍ୱରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ୬୦୦ରୁ ଉର୍ଦ୍ଧ୍ୱ ପ୍ରାକ୍ଟିସନର ସଭ୍ୟସଭ୍ୟା ସୋମବାର ମଧ୍ୟାହ୍ନରେ କଂଗ୍ରେସ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ହାତରେ ବିଭିନ୍ନ ପ୍ରକାର ପ୍ଲାକାର୍ଡ଼ ଧରି ନିଜର ମାନ୍ୟତା ଫେରି ପାଇବା ନାରବାଜି ଦେଇ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ପହଞ୍ଚିଥିଲେ । ସେଠାରେ ସଂଘର ବିଭିନ୍ନ ଜିଲ୍ଲାର ନେତୃତ୍ୱ ନେଉଥିବା ସଂଯୋଜକମାନଙ୍କ ଦ୍ୱାରା ନିଜ ନିଜର ଅଭିଭାଷଣ ରଖିଥିଲେ । ପ୍ରକାଶଥାଉକି ହୋମିଓପ୍ୟାଥିକ୍ ଔଷଧ ସମଗ୍ର ପୃଥିବୀରେ ଉତ୍କୃଷ୍ଟ ଔଷଧ ରୂପେ ମାନ୍ୟତା ପାଇସାରିଛି । ଏହାର ସ୍ରଷ୍ଟା କ୍ରିଷ୍ଟିୟାନ୍ ଫେଡେରିକ୍ ସାମୁଏଲ୍ ହାନିମାନ ଅଟନ୍ତି । ଆମ ଦେଶ ପରାଧୀନ ଥିବା ସମୟରେ ଇଂରେଜ ସରକାର ୧୮୯୬ ମସିହାରେ ହୋମିଓପ୍ୟାଥିକ୍ ଔଷଧକୁ ମାନ୍ୟତା ଦେଇ ଆଇନରେ ପରିଣତ କରିଥିଲେ । ଆମ ଦେଶ ସ୍ୱାଧୀନ ହେବା ପରେ ୧୯୫୬ ମସିହାରେ ହୋମିଓପ୍ୟାଥିକ କଲେଜ ନଥିଲା । ହାନିମାନଙ୍କ ପୁସ୍ତକକୁ ଅଧ୍ୟୟନ କରି ଯେଉଁମାନେ ଚିକିତ୍ସା କରୁଥିଲେ ସେମାନଙ୍କୁ ହୋମିଓପ୍ୟାଥିକ୍ ପ୍ରାକ୍ଟିସନ୍ କୁହାଯାଉଥିଲା । ସରକାରଙ୍କ ତରଫରୁ ସେମାନଙ୍କୁ ହୋମିଓପ୍ୟାଥିକ୍ ବୋର୍ଡ଼ ଦ୍ୱାରା ଏକ ତାଲିକାଭୁକ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପରେ ସରକାର ତାହା ଉପରେ ରହିତାଦେଶ ଜାରି କରି ତାଲିକାଭୁକ୍ତ ପ୍ରାକ୍ଟିସନ୍‌ମାନେ ସେମାନଙ୍କର ସେବା ଜାରି ରଖି ପାରିବେ ନାହିଁ ବୋଲି ବାରଣ କରିଥିଲେ । ଫଳରେ ବହୁ ପ୍ରାକ୍ଟିସନର ନିଜର ଜୀବନ ଜୀବିକା ହରାଇ ବସିଥିଲେ । ଏହାକୁ ପୁନର୍ବାର ପ୍ରଚଳନ ପାଇଁ ସଂଘ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି । ତେଣୁ ସଂଘର ମୁଖ୍ୟ ନେଇ ରାଜରାସ୍ତାକୁ ଓହ୍ଲାଇଛି ବୋଲି ସଂଘର ସଭାପତି ନେତ୍ରାନନ୍ଦ ଭୋଇ ଜଣାଇଛନ୍ତି । ସେ କହିଛନ୍ତି ଯେ, ପୂର୍ବରୁ ପ୍ରଚଳିତ ତାଲିକାଭୁକ୍ତ ମାନ୍ୟତା ପ୍ରଦାନ କରାଯାଉ କିମ୍ବା ରାଜ୍ୟ ଭିତରେ ଚିକିତ୍ସା ନିମିତ୍ତ ଦିନ ବ୍ୟବସ୍ଥା କରିବା, ସରକାର ଏକ କମିଟି ଗଠନ କରି ବିଗତ ୨୦୦ ବର୍ଷ ଧରି ପାରମ୍ପରିକ ରୀତିରେ ବଂଶାନୁକ୍ରମିକ ଭାବରେ ଘରୋଇ ଚିକିତ୍ସା ବା ହୋମିଓପ୍ୟାଥିକ୍ ଚିକିତ୍ସାକୁ ରାଜ୍ୟର ଗ୍ରାମାଞ୍ଚଳ, ଉପାନ୍ତ ଅଞ୍ଚଳ ଏବଂ ଅପହଞ୍ଚ ଇଲାକାରେ ନିରବଚ୍ଛିନ୍ନ ଭାବରେ ସ୍ୱଳ୍ପ ମୂଲ୍ୟରେ ଗରୀବ ଓ ଆଦିବାସୀ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ଅଭିଜ୍ଞ ଚିକିତ୍ସକମାନଙ୍କର ସାମ୍ପ୍ରତିକ ପରିସ୍ଥିତିରେ ଆବଶ୍ୟକତା ଅଛିକି ନାହିଁ ତାହାର ଏକ ନିରପେକ୍ଷ ତଦନ୍ତ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ସଂଘ ପକ୍ଷରୁ ସ୍ପଷ୍ଟିକରଣ ଦିଆଯାଇଛି ଯେ, ସରକାରଙ୍କ ଉପରେ କୌଣସି ଆର୍ଥିକ ବୋଝ ବା ଭରା ଆଶା ରଖିବେ ନାହିଁ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ, ଉପସଭାପତି ଜଗନ୍ନାଥ ଦାସ, ଉପଦେଷ୍ଟା ନିହାର ରଞ୍ଜନ ବିଶ୍ୱାଳ, କୋଷାଧ୍ୟକ୍ଷ ହେମେନ୍ଦ୍ର କୁମାର ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲାରୁ ଆସିଥିବା କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ଖଇରାରେ କାର୍ଯ୍ୟରତ ଓକିଲଙ୍କ ବୈଠକ

ଖଇରା, ୧୩/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଅଞ୍ଚଳରୁ ବିଭିନ୍ନ ଅଦାଲତରେ କାର୍ଯ୍ୟ କରୁଥିବା ଆଇନଜିବୀଙ୍କର ଏକ ବୈଠକ ରବିବାର ଦିନ ଖଇରା ଶିକ୍ଷକ ସଂଘ ଭବନରେ ଅନୁଷ୍ଠିତ ହୋଇ ଯାଇଛି । ବରିଷ୍ଠ ଆଇନଜୀବୀ ଗୋପାଳ ରାୟମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ସଂଘ ର କର୍ମକର୍ତ୍ତା ମନୋନୟନ ପ୍ରସଙ୍ଗରେ କିଛି ଆଇନଜୀବୀ ପ୍ରସ୍ତାବ ରଖିଥିବା ବେଳେ ଏହା ପରବର୍ତ୍ତୀ ବୈଠକକୁ ଘୁଞ୍ଚାଇଦେବାକୁ ଅନ୍ୟକିଛି ମତ ଦେବା ପରେ ଉକ୍ତ ମନୋନୟନ ପ୍ରକ୍ରିୟା ଓ ନାମ କରଣ ପରବର୍ତ୍ତୀ ବୈଠକରେ କରିବାକୁ ସର୍ବ ସମ୍ମତି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ବେହେରା, ରାମଚନ୍ଦ୍ର ଦାଶ, ଭରତ ଚନ୍ଦ୍ର ପଣ୍ଡା, ଯୁଧିଷ୍ଠିର ନାୟକ, ନାଶିନାଥ ମୁଦୁଲି, ଉପେନ୍ଦ୍ର ଭୂୟାଁ, ଲିଙ୍ଗରାଜ ମହାନ୍ତି, ଉମେଶ ଦାସଙ୍କ ସମେତ ଖଇରାରୁ ଜିଲା, ସବଡିଭିଜନାଲ, ହାଇକୋର୍ଟ ତଥା ସୁପ୍ରିମକୋର୍ଟରେ କାର୍ଯ୍ୟ କରୁଥିବା ଆଇନଜୀବୀ ମାନେ ଉପସ୍ଥିତ ଥିଲେ ।

## ଚାନ୍ଦବାଲିର ମତୋ ବଜାରରେ କୋଟ୍‌ପା ଚଢ଼ଉ

ଭଦ୍ରକ, ୧୩/୦୩ (ନି.ପ୍ର): ଜାତୀୟ ତମାଖୁ ନିଷେଧ ଆଇନ୍‌ର କାର୍ଯ୍ୟକାରୀତା ନେଇ ଆଜି ତା.୧୩.୦୩.୨୦୨୩ ରିଖ ସୋମବାର ଦିନ ଚାନ୍ଦବାଲି ବ୍ଲକ୍‌ର ମତୋ ବଜାରରେ ଚଢ଼ଉ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଏପିଡ଼େମିଲୋଜିଷ୍ଟ ଡାକ୍ତର କାଶୀନାଥ ପଣ୍ଡା ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସ ଓ ଅଣ ସଂକ୍ରାମକ ରୋଗର ସହକାରୀ ପରିଚାଳକ ଦୀପକ ରାଉତ ପ୍ରମୁଖ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ସହ ପୋଲିସ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏହି ଚଢ଼ଉ କାର୍ଯ୍ୟକ୍ରମରେ ସାମିଲ ଥିଲେ । ବିଭିନ୍ନ ଦୋକାନକୁ ଯାଞ୍ଚ କରି ନିଷେଧ ଥିବା ତମାଖୁ ଜାତୀୟ ଦ୍ରବ୍ୟ ସବୁକୁ ଜବତ କରାଯିବା ସହ ୧୭ ଜଣ ଦୋକାନୀଙ୍କ ଠାରୁ ୩,୪୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା । ଜବତ ଦ୍ରବ୍ୟ ସବୁକୁ ପୋଲିସ୍ ଉପସ୍ଥିତିରେ ନଷ୍ଟ କରି ଦିଆଯାଇଥିଲା । ମତୋ ଫାଣ୍ଡିର ଏସ୍.ଆଇ. ବୁଦ୍ଧିରାମ ମହାନ୍ତି ଚାନ୍ଦବାଲି ପୋଲିସ ଏସ୍.ଆଇ. ଅନୁରାଗ ମହାନ୍ତି, କନଷ୍ଟେବଳ ଆଦିକନ୍ଦ ବିଶ୍ୱାଳ, ହାବିଲଦାର ମୁନିନ୍ଦ୍ର କୁମାର ଗୋସ୍ୱାମୀ ପ୍ରମୁଖ ଏହି ଧରପଗଡ଼ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ପଶ୍ଚିମା ଝଡ ପ୍ରଭାବରେ ୧୫ରୁ ....

ଅନୁଯାୟୀ ଆସନ୍ତା ୧୫ ରୁ ୧୬ ତାରିଖ ମଧ୍ୟରେ କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, ଢେଙ୍କାନାଳ, କେନ୍ଦ୍ରାପଡା, କୋରାପୁଟ, ରାୟଗଡା, ଗଜପତି ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୬ ରୁ ୧୭ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଂଜାମ, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, ମୟୁରଭଂଜ, ବାଲେଶ୍ୱର ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟରେ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ମଧ୍ୟ ବହିପାରେ । ଏହା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାଗୁଡିକରେ ବିଜୁଳି ଘଡଘଡି ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ୧୭ରୁ ୧୮ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, ଗଜପତି, ଗଂଜାମ, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇପାରେ । ଏହି ସମୟରେ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ମଧ୍ୟ ବହିପାରେ । ଏହା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାଗୁଡିକରେ ବିଜୁଳି ଘଡଘଡି ସମ୍ଭାବନା ଥିବାରୁ ସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

### ସଂସଦରେ 'ରାହୁଲ' ଝଡ଼ ....

କହିଛନ୍ତି, ଯେଉଁମାନେ ଗଣତନ୍ତ୍ରକୁ ହତ୍ୟା ଓ ବର୍ବାଦ କରିବାକୁ ଚେଷ୍ଟା କରୁଛନ୍ତି, ସେମାନେ ସଂସଦରେ ଗଣତନ୍ତ୍ର ବଞ୍ଚାଇବା କଥା କହୁଛନ୍ତି । ଏହା ଅତ୍ୟନ୍ତ ନିନ୍ଦନୀୟ । ନିକଟରେ ବ୍ରିଟେନ୍ ଗସ୍ତରେ ଥିବା ରାହୁଲ ଗାନ୍ଧୀ ଭାରତର ଗଣତନ୍ତ୍ର, ବିଜେପି ଓ ଆରଏସଏସ ବିରୋଧରେ ବୟାନ ଦେଇଥିଲେ । ଯାହାକୁ ନେଇ ବିଜେପି ରାହୁଲଙ୍କ ଉପରେ ବର୍ଷିଥିଲା । ଏବେ ସଂସଦରେ ରାହୁଲଙ୍କ ବୟାନ ଚର୍ଚ୍ଚା ସାଉଣ୍ଟିଥିବା ବେଳେ ହଙ୍ଗାମା ପରେ ସଂସଦର ଉଭୟ ଗୃହକୁ ସ୍ଥଗିତ ରଖାଯାଇଛି ।

# ରାଜ୍ୟରେ ବଢିଛି ମୁଣ୍ଡପିଛା ଆୟ, ଋଣ ଭାରରେ ବୁଡ଼ିନି ଓଡ଼ିଶା

ଭୁବନେଶ୍ୱର, ୧୩/୦୩ (ନି.ପ୍ର): ଓଡିଶାରେ ଋଣ ଭାର ଭଲ ସ୍ଥିତିରେ ଅଛି । ଋଣ ଭାର ତୁଳନାରେ ମୁଣ୍ଡ ପିଛା ଆୟ ଅଧିକ ରହିଛି । ବିଧାନସଭା ପ୍ରଶ୍ନକାଳରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତରରେ ଅର୍ଥ ମନ୍ତ୍ରୀ ନିରଂଜନ ପୂଜାରୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ମୁଣ୍ଡ ପିଛା ଋଣ ହାର ୨୨ ହଜାର ୪୨ ଟଙ୍କା ଥିବା ବେଳେ, ମୁଣ୍ଡ ପିଛା ଆୟ ପରିମାଣ ୧ ଲକ୍ଷ ୨୮ ହଜାର ୮୭୩ ଟଙ୍କା ରହିଛି । ୧୯୯୯ ମସିହାରେ କଂଗ୍ରେସ ସରକାର ଥିବା ସମୟରେ ରାଜ୍ୟର ମୁଣ୍ଡ ପିଛା ଋଣ ଭାର ଥିଲା ୪ ହଜାର ୯୧୮ ଟଙ୍କା । ଏଥିସହ ମୁଣ୍ଡ ପିଛା ଆୟ ଥିଲା ୧୩ ହଜାର ୧୨ ଟଙ୍କା ।

## ପଦୁନା-ଦୋମୁହାଁଣି ଆରଡି ରାସ୍ତା ନିର୍ମାଣରେ ଅନିୟମିତତା

ଖଇରା, ୧୩/୦୩ (ନି.ପ୍ର): ବାଲେଶ୍ୱରରୁ କେନ୍ଦୁଝରକୁ ସଂଯୋଗ କରୁଥିବା ପଦୁନା-ତାଳକୁରୁଆ, ଦୋମୁହାଁଣି ଆରଡି ରାସ୍ତା ନିର୍ମାଣରେ ବ୍ୟପକ ଅନିୟମିତତା ହେଉଥିବା ନେଇ ଗତ ୧ବର୍ଷ ଧରି ବିଭିନ୍ନ ଗ୍ରାମର ଅଧିବାସୀ ମାନେ ଜିଲାପାଳ, ନିର୍ବହୀ ଯନ୍ତ୍ରୀଙ୍କ ଠାରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି । କଂକ୍ରିଟ ଓ ପିଚୁକାମ ଏଷ୍ଟିମେଟ ଅନୁଯାୟୀ ନହେବା, କଲଭର୍ଟ କାମ ଗୁଡିକ ମାସ ମାସଧରି ଅଧାପନ୍ତରିଆ ଅବସ୍ଥାରେ ଛାଡି ଦିଆଯିବା ଭଳି ଅଭିଯୋଗ ସତ୍ୱେ ଠିକାଦାର ଏଥିପ୍ରତି ଦୃଷ୍ଟି ଦେଉନଥିବା ନେଇ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ବାରମ୍ବର ପ୍ରକାଶ ପାଉଛି । ପୁନର୍ବାର ଅତିଷ୍ଠ ଗ୍ରାମବାସୀ ଶନିବାର ଦିନ ପ୍ରତିବାଦ ସ୍ୱରୂପ ରାସ୍ତାକୁ ଜେସିବି ଲଗାଇ ଡାଡି ଦେଇଛନ୍ତି । ପ୍ରଶାସନ ଥେିପ୍ରତି ଦୃଷ୍ଟି ଦେବାକୁ ଦାବୀ ହୋଇଛି । ଏହି ୫.୩କିମି ରାସ୍ତା ନିର୍ମାଣ ପାଖାପାଖି ୪କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ବିନ ସୂଚନା ଫଳକରେ କାର୍ଯ୍ୟ କରାଯିବା ଏବଂ ଅବଧି ଶେଷ ପରେ ମଧ୍ୟ କାର୍ଯ୍ୟ ସମ୍ପୁର୍ଣ୍ଣ ନହେବା, ଡଷ୍ଟ ଫିଲିଂ ବଦଳରେ ପାହାଡମାଟି ବ୍ୟବହୃତ କରାଯିବା ନେଇ ରାସ୍ତା ସଂଲଗ୍ନ ଯାତ୍ରୀ ମାନେ ଅଭିଯୋଗ କରିଥିଲେ । ଏବେ ପ୍ରଶାସନ କର୍ଣ୍ଣପାତ ନକରିବା ତଥା ଦିଘି ନିକଟରେ ବିନା ଅନୁମତିରେ ବ୍ୟକ୍ତିଗତ ମାଲିକାନାରେ ଥିବା ଜମିରେ ରାସ୍ତା ନିର୍ମାଣ କରାଯିବା ପ୍ରତିବାଦରେ ଗ୍ରାମବାସୀ ମାନେ ଜେସିବି ଲଗାଇ ରାସ୍ତାକୁ ଡାଡି ଦେଇଛନ୍ତି ।

# ଦଳୀୟ ମହିଳା ସମାବେଶ କାର୍ଯ୍ୟରେ ମହିଳା ଗୋଷ୍ଠୀଙ୍କୁ ପ୍ରବର୍ତ୍ତାଉଛନ୍ତି ସରକାରୀ କର୍ମଚାରୀ

ନୀଳଗିରି, ୧୩/୦୩ (ନି.ପ୍ର): ଆସନ୍ତା ୧୬ ତାରିଖରେ ନୀଳଗିରି ଏକ ମହିଳା ଦିବସରେ ମହିଳାମାନଙ୍କର ସମାବେଶକୁ ନେଇ ବିଜେଡି ପକ୍ଷରୁ ଜୋରଦାର କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ବେସରକାରୀ ଭାବେ ମହିଳା ସମାବେଶ ଆୟୋଜନ କରାଯାଉଥିବା ବେଳେ ଶାସକ ଦଳର ନେତୃମଣ୍ଡଳୀ ମହିଳା ସମାବେଶକୁ ସଫଳ କରିବା ପାଇଁ ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରୁଥିବା ନେଇ ସୋମବାର ଦିନ ନୀଳଗିରି ବିଜେପି ଦଳ ପକ୍ଷରୁ ଏଥିରୁ ସମସ୍ତ ମହିଳା ଗୋଷ୍ଠୀ ନିବୃତ ରହିବା ପାଇଁ ଏକ ଦାବୀପତ୍ର ନୀଳଗିରି ବ୍ଲକର ବି.ଡି.ଓ. ଓ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ବିଡିଓ ରାହୁଲ ମଣ୍ଡଳ ଯେହେତୁ ଉକ୍ତ କାର୍ଯ୍ୟକ୍ରମଟି ବେସରକାରୀ ସ୍ତରରେ କରାଯାଉଅଛି, ସେଥିରେ ବ୍ଲକର ଓ.ଏଲ.ଏମ., ଏମ.ବି.କେ., ସି.ଆର.ପି. ମାନେ କୌଣସି ପ୍ରକାର ମହିଳା ଗୋଷ୍ଠୀକୁ ପ୍ରବର୍ତାଇ ପାରିବେ ନାହିଁ କିମ୍ବା ଉକ୍ତ ସମାବେଶକୁ ମହିଳାମାନଙ୍କୁ ଆସିବା ପାଇଁ କୌଣସି ମିଟିଂ କରିପାରିବେ ନାହିଁ ବୋଲି ବିଡିଓ ସୂଚନା ଦେବା ସହ ବ୍ଲକର ଓ.ଏଲ.ଏମ.ଙ୍କୁ ଗ୍ରୁପରେ ଏକ ମେସେଜ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ମହିଳା ଗୋଷ୍ଠୀ ସମାବେଶକୁ ଆସିବେ ତାହା ତାଙ୍କ ମର୍ଜି ଉପରେ ନିର୍ଭର କରେ ବୋଲି ବିଡିଓ ପ୍ରକାଶ କରିଛନ୍ତି । ଏପଟେ ବିଜେପି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ମହିଳାମାନେ ଉପସ୍ଥିତ ରହି ଏହାକୁ ବିରୋଧ କରିବା ସହ ଏହି ବେସରକାରୀ କାର୍ଯ୍ୟକ୍ରମ ହେଉଥିବା ବେଳେ କୌଣସି ସରକାରୀ କର୍ମଚାରୀ ମହିଳାଗୋଷ୍ଠୀକୁ ଆସିବା ପାଇଁ କହିପାରିବେ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ କହିବା ସହ ନୀଳଗିରି ବ୍ଲକରେ ଓ.ଏଲ.ଏମ ଶାସକଦଳର ଏଜେଂଟ ସାଜିଥିବାର ଅଭିଯୋଗ ଆଣିଥିଲେ ।ଘଟଣା ବାବଦରେ ଓ.ଏଲ.ଏମ. ଙ୍କୁ ପଚାରିବାରୁ ଏହା ସଂପୂର୍ଣ୍ଣ ମିଥ୍ୟା । ଏଥିଷର ମୋର କୌଣସି ସଂପୃକ୍ତି ନ ଥିବା ପ୍ରକାଶ କରିଛନ୍ତି ।

# କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ବରିଷ୍ଠ ଯୋଗୀ ଭିକାରି ଚରଣ ମୁନିଙ୍କ ବାସ ଭବନରେ ବ୍ରହ୍ମଯଜ୍ଞ



ରୂପସା, ୧୩/୦୩ (ନି.ପ୍ର): ସୋମବାର ଦିବା୧୦ ଘଟିକା ସମୟରେ,ରୂପସା ଷ୍ଟେସନ କଲୋନିସ୍ଥିତ ଯୋଗୀ ଭିକାରି ଚରଣ ମୁନି-ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀଙ୍କ ବାସଭବନରେ, ତାଙ୍କ କନିଷ୍ଠ ସୁପୁତ୍ର ଆୟୁଷ୍ମାନ ମୁନି ବିଶ୍ୱଜିତ୍‌ଙ୍କ ସହଧର୍ମିଣୀ ଆୟୁଷ୍ମତୀ ମୁନିମତୀ ସୁକାନ୍ତି ରଣାଙ୍କ ସୀମନ୍ତୋନୟନ ସଂସ୍କାର କାର୍ଯ୍ୟକ୍ରମ, ମୁନି ସମାଜର ଜ୍ୟୋତି, ଜିଲ୍ଲା ସମ୍ପାଦକ,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀଙ୍କ, ସଭାପତିତ୍ୱରେ, ମହା ସମାରୋହରେ ପାଳିତ ହୋଇଯାଇଛି । ବ୍ରହ୍ମ ଆସନ ଅଳଙ୍କୃତ କରିଥିଲେ ଆତ୍ମଜ୍ଞାନୀ ଯୋଗୀ ମନ୍ମଥ ଆଇଚ ମହୋଦୟ । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ପଣ୍ଡା ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ପୂର୍ବତନ ପ୍ରାନ୍ତୀୟ ଅଧକ୍ଷ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଲେଖକଶ୍ରୀ ଶଶଧର ମୁନିଜୀ ମହୋଦୟ । ସମ୍ମାନୀତ ବକ୍ତା ହିସାବରେ ବକ୍ତବ୍ୟ ରଖିଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଉପଦେଷ୍ଟା, ଆତ୍ମଦର୍ଶୀ ମୁନିରତ୍ନ ଯୋଗୀ ତ୍ରିଲୋଚନ ମୁନିଜୀ ମହୋଦୟ, ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ,ରାଜ୍ୟ ସହ ସମ୍ପାଦକ, ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ । ସମସ୍ତେ ସୀମନ୍ତୋନୟନ ସଂସ୍କାର ଉପରେ ଆଲୋକପାତ କରିଥିଲେ । ଆବାହନୀ ସଙ୍ଗୀତ ଗାନ କରିଥିଲେ, ଯୋଗଶିକ୍ଷୟତ୍ରୀ ଜେନାମଣି, ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା । ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତିପାଠ କରାଯାଇ ସୀମନ୍ତୋନୟନ ସଂସ୍କାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ।

# ଅବସରପ୍ରାପ୍ତ କଲେଜ୍ ଅଧ୍ୟକ୍ଷ ଡ଼.ବୁଦ୍ଧେଶ୍ୱର ପତିଙ୍କ ପରଲୋକ



ଜଳେଶ୍ୱର, ୧୩/୦୩ (ନି.ପ୍ର): ପୂର୍ବାହ୍ନ ୯ ଘଣ୍ଟା ୩୦ ମିନିଟରେ ପୂର୍ବତନ କଲେଜ ଅଧ୍ୟକ୍ଷ, ସମାଜ ସେବୀ, ଗ୍ରାମ୍ୟ ବିଚାର ପତି, ଇତିହାସବିତ୍, ହରି ଓମ୍ ଧର୍ମ ପ୍ରଚାରକ, ପ୍ରଶାସକ, ଅନୁଷ୍ଠାନ ପ୍ରେମୀ ତଥା ସମାଜ ସୁଧାକର ବୁଦ୍ଧେଶ୍ୱର ପତି ଙ୍କ ୮୨ ବର୍ଷ ବୟସରେ ପରଲୋକ ହୋଇଛି । ସେ ଦୀର୍ଘ ଦିନ ଧରି ଭୁବନରେ ସ୍ୱାଶ ରୋଗରେ ପୀଡିତହୋଇ ଶଯ୍ୟାଶାୟୀ ଥିଲେ । ତାଙ୍କର ଅମାୟକ ବ୍ୟବହାର, ସହୋଯଗ, ଶିକ୍ଷା ନୁଷ୍ଠାନକୁ ଭଲ ପାଇବା, ଛାତ୍ର ବତ୍ସଳତା, ସମାୟାନୁର୍ବୀତା ଏବଂ ସ୍ପଷ୍ଟବାଦୀ ଆଦର୍ଶ ବ୍ୟକ୍ତିତ୍ୟ ଭାବେ ସେ ପରିଚିତ ଥିଲେ । ସେ ସୁଗ ସ୍ଥିତ ନିଜ ବାସଗୃହରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲା ବଳେ ନିଜ ଜନ୍ମଭୂମି ଲକ୍ଷ୍ମଣନାଥ ପଞ୍ଚାୟତ ବିରିଶ ପୁର ଗାଁ ରେ ସ୍ୱାମୀ ସ୍ୱରୂପାନନ୍ଦଙ୍କ ହରି ଓମ୍, ଆଶ୍ରମ ପ୍ରତିଷ୍ଠା କରି ଦିଗଦର୍ଶନ ଦେଇ ଆସୁଥିଲେ । ୧୯୪୧ ମସିହା ଜାନୁଆରୀ ୩ ତାରିଖରେ ପିତା ହରେରାମ ପତି, ଓ ମାତା ସୁବାସିନି ପତିଙ୍କ କୋଳ ମଣ୍ଡନ କରିଥିଲେ । ସେ ଜଳେଶ୍ୱର ବ୍ଲକର ପ୍ରଥମ ଡକ୍ଟେରେଟ୍ ଉପାଧି ହାସଲ କରି ସୁନାମ ଅର୍ଜନ କରିଥିଲେ । ଲକ୍ଷ୍ମଣନାଥ ହାଇସ୍କୁଲ ଓ ଖଡ଼ଗପୁର ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ପରେ ଦୀନକୃଷ୍ଣ କଲେଜ, ତାଳଚେର କଲେଜ, ଜାମଶୁଳି କଲେଜ୍, ରୁପସା କଲେଜ, ନଳଗଜା କଲେଜ ଓ ପରେ ଦୀନକୃଷ୍ଣ କଲେଜ ରେ ଅଧ୍ୟକ୍ଷ ଭାବେ ୨୦୦୧ ମସିହାରେ ଅବସର ଗ୍ରହଣ କରିଥିଲେ । ଆଜି ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ଝିଅ, ନାତି, ନାତୁଣୀ ସମ୍ପର୍କୀୟ ମାନେ ଉପସ୍ଥିତ ଥିଲେ । ତାଙ୍କର ମୃତ୍ୟୁରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ଖାରବେଳ ସ୍ୱାଇଁ, ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପ୍ରଧାପକ ବିପିନ ବିହାରି ବିଶ୍ୱାଳ, ଡ଼, ରମାକାନ୍ତ ଭଞ୍ଜ,ଡ଼, ଶ୍ରୀକାନ୍ତ ଚରଣ ପାତ୍ର, ସ୍ତମ୍ଭ କାର ସୁଦର୍ଶନ ଦାସ,ସାମ୍ବାଦିକ ଅବନୀ କୁମାର ଚାନ୍ଦ, ଲେଲିନ କୁମାର ପ୍ରଧାନ, କପିଳେଶ୍ୱର ମହାନ୍ତି, ବ୍ଲକ ଅଧକ୍ଷ ମାନସ କୁମାର ଜେନା, ପୂର୍ବତନ ଉପାଧାକ୍ଷ ବ୍ରଜ ମୋହନ ପ୍ରଧାନ, ଦିଲ୍ଲୀପ କୁମାର ଗିରି, କମଳ ଚକ୍ରବର୍ତ୍ତୀ,ଡ଼, ଅଜିତ୍ କୁମାର ମହାନ୍ତି, କପିଳେଶ୍ୱର ମହାନ୍ତି, ସଂସ୍କୃତ ମହାବିଦ୍ୟାଳୟ ରେ ଅଦ୍ଧଖ୍ୟ ବିବେକାନନ୍ଦ ସାହୁ, କବି ନରୋତ୍ତମ ପ୍ରଧାନ, ଗୋପୀନାଥ ଜେନା,କବି କାର୍ତ୍ତିକ ଦାସ୍, ବସନ୍ତ ଦାସ ରବିନାରାୟଣ ପାତ୍ର,ଦୀନକୃଷ୍ଣ କୃଷ୍ଣ ମହାବିଦ୍ୟାଳୟରେ ଅଦ୍ଧଖ୍ୟ ରାଧା ରଞ୍ଜନ ସେନାପତି, ଓ ହରିଓମ୍ ଧର୍ମାବଲମ୍ବୀ ଭକ୍ତ ପ୍ରମୁଖ ଶୋକବକ୍ତ କରିଛନ୍ତି । ତାଙ୍କ ଜ୍ୟେଷ୍ଠପୁତ୍ର ଶାନ୍ତନୁ କୁମାର ପତି ସୁବର୍ଣ୍ଣରେଖା ନଦୀ କୂଳ ଲକ୍ଷ୍ମଣନାଥ ଗ୍ରାମ ଶ୍ମଶାନ ରେ ମୁଖାଗ୍ନୀ ଦେଇଥିଲେ ! ଜଳେଶ୍ୱରର ବିଭିନ୍ନ ସ୍ଥାନରେ ତାଙ୍କ ଶବ ଧାରରେ ଶ୍ରଦ୍ଧା ସୁମନ ଅର୍ପଣ କରା ଯାଇଥିଲା ବେଳେ ବହୁ ପୁରାତନ ଛାତ୍ର ଛାତ୍ରୀ, ଶିକ୍ଷାବିତ୍,ଓ ସାରଧାରଣ ଲୋକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି

# ଆମର ଆଉ ସିଟ ନାହିଁ କହି ଫେରାଇଦେଲେ ଆଶ୍ରମ ସ୍କୁଲ: ବାଧ ହୋଇ ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ 'ପାର'



ଉଦଳା, ୧୩/୦୩ (ନି.ପ୍ର): କପ୍ତିପଦା ବ୍ଲକର ଚକ୍ରଧରପୁର ପଂଚାୟତ ଅନ୍ତର୍ଗତ ସାନଜୁନପାଳ ଗ୍ରାମର ହପା ସାହି ବାସିନ୍ଦା ସିତିଲା ହାଁସଦାଙ୍କ କନ୍ୟା 'ପାର' ଇଟାଗଡ଼ ସେବାଶ୍ରମରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ନବମ ଶ୍ରେଣୀରେ ନାମ ଲେଖାଇବା ପାଇଁ ପାଖରେ ଆଉ ବିଦ୍ୟାଳୟ ନାହିଁ । ନିଜ ଗରଠାରୁ ବିଦ୍ୟାଳୟ ପ୍ରାୟ ୧୪ କିମି ଦୂର । ପାହାଡ଼, ଜଙ୍ଗଲ ଭିତର ଦେଇ ନିୟମିତ ଏତେ ଦୂର ରାସ୍ତା ଯିବା ଆସିବା ସମ୍ଭବ ମଧ ନୁହେଁ । ତେଣୁ ଆଶ୍ରମ ସ୍କୁଲରେ ହଷ୍ଟେଲରେ ରହି ପଢ଼ିବା ପାଇଁ 'ପାର' ଚାହୁଁଥିଲେ । କିନ୍ତୁ କୌଣସି ଆଶ୍ରମ ସ୍କୁଲ ତାଙ୍କୁ ଏହି ସୁଯୋଗ ପ୍ରଦାନ କଲେ ନାହିଁ । ଆମର ଆଉ ସିଟ ନାହିଁ କହି ଫେରାଇ ଦେଇଥିବାର କଥା ଅବିଭାବକ ଜଣାଇଛନ୍ତି । ଫଳରେ ବାଧ ହୋଇ 'ପାର' ପାଠ ପଢ଼ାରେ ଡ଼ୋରି ବାନ୍ଧିବା ସହିତ ଆଜକୁ ୨ ବର୍ଷ ହେବ ଘରେ ବସିଛନ୍ତି । 'ପାର'ଙ୍କୁ ବର୍ତମାନ ବୟସ ୧୩ ବର୍ଷ ଛୁଇଁଲା । ସରକାରଙ୍କ ଘୋଷଣା ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧତା ମୂଳକ ଶିକ୍ଷା ବ୍ୟବସ୍ଥା । କିନ୍ତୁ 'ପାର' ପରି ପିଲାଙ୍କ ପାଇଁ ଏହି ଘୋଷଣା ପ୍ରହସନ ପାଲଟି ଯାଇଛି ।

# ୭ମ ବାର୍ଷିକ ବଳାଙ୍ଗୀ ଜାଗରଣ ଯାତ୍ରା ଉଦ୍‌ଯାପିତ



ବାରିପଦା, ୧୩/୦୩ (ନି.ପ୍ର): ମୟୂରଭଂଜ ଜିଲ୍ଲାର ଅବଲୁପ୍ତ ପ୍ରାୟ ଭାଷା-ସାହିତ୍ୟ, କଳା-ସଂସ୍କୃତି, ପର୍ଯ୍ୟଟନ ଏବଂ ଐତିହ୍ୟର ସୁରକ୍ଷା ତଥା ବିକାଶ ପାଇଁ ଭଂଜମାଟିର ଗାରିମାମୟ ଐତିହ୍ୟ ବିଷୟରେ ଉତରପିଢିଙ୍କୁ ସଚେତନ କରି ଜିଲ୍ଲାର ୪ଟି ଯାକ ସବଡିଭିଜନର ଅଧିବାସୀଙ୍କ ମଧରେ ସାଂସ୍କୃତିକ ଓ ସାମାଜିକ ସମନ୍ୱୟ ପ୍ରତିଷ୍ଠା ଏବଂ ଭାଇଚାରାର ପଂପରାକୁ ସୁଦୃଢ କରିବା ନିମନ୍ତେ ପ୍ରତିବର୍ଷ ଭଳି ଚଳକିତ ବର୍ଷ ୭ମ ବାର୍ଷିକ ବଳାଙ୍ଗୀ ଜାଗରଣ ଯାତ୍ରା (ବାଇକ ଶୋଭାଯାତ୍ରା) ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ୧୨ ତାରିଖ ରାତିରେ ବାରିପଦା ଛଉ ପଡିଆ ନିକଟରେ ଉଦଯାପିତ ହୋଇଯାଇଛି । ଏଜି ଯାତ୍ରା ମାର୍ଚ୍ଚ୧୦ ତାରିଖରୁ ଆରମ୍ଭ ହୋଇ ୩ଦିନ ଧରି ଜିଲ୍ଲାର କୁଳିଅଣା, କଳାବାଡିଆ, ଝାରପୋଖୋରୀଅ, ସାରସକଣା, ବାଙ୍ଗିରିପୋଷୀ, ଦ୍ୱାରଶୁଣି, ବିଶୋଇ, ବିଜାତୋଳା, ରାଇରଙ୍ଗପୁର, ବହଳଦା, ଜାମଦା, ଗଡ, ଭାଲୁବସା, ଯଶିପୁର, ରରୁଆଁ, ଶୁକ୍ରୁଳି, ଖିଚିଂ, କରଂଜିଆ, ଠାକୁରମୁଣ୍ଡା, ଚମ୍ପାଝର, ଶରତ, କପ୍ତିପଦା, ଉଦଳା, ଖୁଂଟା, ହରିପୁର ଗଡ, ବଡସାହି, ମାଣତ୍ରି, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମରୋଡା, କୋଷ୍ଟା, ବାଘଡା, ଶୁଳିଆପଦା, ଦେଉଳି ହୋଇ ବାରିପଦା ପାଲବଣି ବାଇପାସନିକଟରେ ୧୨ ତାରିଖ ସଂଧ୍ୟାରେ ପହଂଚିବା ପରେ ଏକ ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା କରି ବାରିପଦାର ଐତିହାସିକ ଛଉପଡିଆ ନିକଟରେ ଉଦଯାପିତ ହୋଇଯାଇଛି । ସହର ପରିକ୍ରମା ସମୟରେ ସଂସ୍କୃତି ସୈନିକ ମାନଙ୍କର ନୃତ୍ୟ ସହିତ ରୋହିତ କୁମାର ଭୋଇଙ୍କର ସ୍କେଟିଂ ବଲ କଳା ପ୍ରଦର୍ଶନ ବେଶ ଚିତାକର୍ଷକ ହୋଇଥିଲା । ଐତିକହାସିକ ଛଉପଡିଆ ନିକଟରେ ଶୋଭାଯାତ୍ରା ପହଂଚିବା ପରେ, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ବରିଷ୍ଠ ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ବରିଷ୍ଠ ସଦଶ୍ୟ ଉଦୟନାଥ ଜେନା, ଗଲୋକ ମହାନ୍ତି, ହୃଷିକେଶ ଦାସ, ଇନ୍ଦୁମତି ମହାନ୍ତି, ପିତାମ୍ବର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବଳାଙ୍ଗୀ ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ଏବଂ ବଳାଙ୍ଗୀ ସେନାର ଅଧକ୍ଷ କୁମାରେଶ ନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଭାଗ ନେଇଥିବା ୪୦ରୁ ଉର୍ଦ୍ଧ ସଂସ୍କୃତି ସୈନିକ ମାନଙ୍କର ତିନିଦିନ ବ୍ୟାପି ଅକ୍ଳାନ୍ତ ପରିଶ୍ରମ ଫଳରେ ଦୀର୍ଘ ୬୨୦ କି.ମି. ବ୍ୟାପି ଯାତ୍ରା ସଫଳ ହୋଇଥିବାରୁ ସେମାନଙ୍କୁ ସାଧୁବାଦ ଜଣାଇବା ସହିତ ଜିଲ୍ଲାର କୋଣ ଅନୁକୋଣରେ ଜ୍ୟୋତିରଥ ଏବଂ ଜାଗରଣ ଯାତ୍ରାକୁ ବିଭିନ୍ନ ସଂଗଠନ, ନାଗରୀକ ସମାଜ, ମହିଳା ସଂଗଠନ, ବୁଦ୍ଧିଜିବୀ ମାନେ ଉଚ୍ଛସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିବାରୁ ସମସ୍ତ ସଂଗଠକ ତଥା ଜିଲ୍ଲାବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଶେଷରେ ବଳାଙ୍ଗୀ ସଂସ୍କୃତି ସୈନିକ ମାନେ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିକୁ ସାକ୍ଷୀରଖି ସଂସ୍କୃତି ସୁରକ୍ଷା ଶପଥପାଠ କଲା ପରେ ପବିତ୍ର ଶ୍ରୀରାମଚନ୍ଦ୍ର ଜ୍ୟୋତିକୁ ନିର୍ବାପିତ କରି କାର୍ଯ୍ୟକ୍ରମ ଉଦଯାପନ କରାଯାଇଥିଲା ।

# ଲାୟନ୍ସକ୍ଲବ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା




ବସ୍ତା, ୧୩/୦୩ (ନି.ପ୍ର): ନିକଟରେ ବସ୍ତା ଥାନାଅଧିନସ୍ଥ ବିଦ୍ୟାଧରପୁର ଗ୍ରାମ ରେ ବିଦ୍ୟୁତ ସଟ ସାରକିଟ ରେ ଏକାଧିକ ଘର ଓ ଆସବାପତ୍ର ଲକ୍ଷ ଲକ୍ଷ ଟଙ୍କାର ସମ୍ପତି ନଷ୍ଟ ହୋଇଯାଇଛି । ଯାହାଫଳରେ ଉକ୍ତ ପରିବାର ବର୍ତ୍ତମାନ ବେସାହାରା ହୋଇଛନ୍ତି । ଖବର ପାଇ ବିଭିନ୍ନ ସମାଜ ସେବୀ ସଂଗଠନ ରାଜନିତି ଦଳ ମାନେ ସହାୟାତା ଓ ପ୍ରତିଶୃତି ଦେଇ ଛନ୍ତି । ହେଲେ ଆଜି ବାଲେଶ୍ୱର ଜିଲ୍ଲାର ଲାୟନ୍ସକ୍ଲବ ଉମଙ୍ଗର ସଦସ୍ୟା ସଦସ୍ୟ ମାନେ ଅଗ୍ନିକାଣ୍ଡରେ ବାସ ହରାଇଥିବା ଲୋକମାନଙ୍କ ପାଖରେପହଁଛି ଖାଦ୍ୟ ସାମଗ୍ରି କିଛି ବସ୍ତ୍ର ମାଟି କାନ୍ଥ ଢାଙ୍କିବା ପାଇଁ ତମ୍ବୁ ଶୋଇବା ପାଇ ସାମଗ୍ରୀ ପ୍ରଦାନ କରିଥିଲେ । ଏହାର ନେତୃତ୍ୱ ନେଇଥିଲେ ବରିଷ୍ଠ ଲୟନ୍ସକ୍ଲବ ସଦସ୍ୟା ସମାଜ ସେବୀ ସୁବାସୀନ ଜେନା, ମମତାଦାସ, କ୍ରୀଷ୍ଣାଦାସ, ମନିଷା ଦାସ, ଉମଙ୍ଗର ସମସ୍ତ ସଦସ୍ୟା ସଦସ୍ୟ ତାଙ୍କୁ ସହଯୋଗ କରିଥିଲେ । ବସ୍ତା ଲାୟନ୍ସ କ୍ଲବ ଅସିତ ମହାନ୍ତି, କ୍ଲବର ସମ୍ପାଦକ ଯୁବ ସମାଜ ସେବୀ ସୁମନ୍ତ ଜେନା, ସତ୍ୟନାରାୟଣ ଗୁପ୍ତା, ସତ୍ୟ କର୍ଣ୍ଣାନୀ, ନବେନ୍ଦୁ ଦାସ ପ୍ରମୁଖ ଉପସ୍ଥିତରହି କାର୍ଯ୍ୟକ୍ରମର ତଦାରକ କରିଥିଲେ । ଏହି ସହାୟତା ବିଷୟ ଚାରିଆଡେ ପ୍ରଚାରିତ ହେବାପରେ ବସ୍ତା ର ସବୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

ମଙ୍ଗଳବାର, ମାର୍ଚ୍ଚ ୧୪, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଭିନ୍ନକ୍ଷମ ଅନ୍ତେନିବେସା ଶିକ୍ଷା ସ୍ୱେଚ୍ଛାସେବୀଙ୍କ ଚାକିରି ନିୟମିତ ଦାବି

ବାଲେଶ୍ୱର, ୧୩/୦୩ (ନି.ପ୍ର): ବିଭିନ୍ନ ଦାବିନେଇ ଭିନ୍ନକ୍ଷମ ଅନ୍ତନିବେସା ଶିକ୍ଷା ସ୍ୱେଚ୍ଛାସେବୀ ସଂଗଠନ 'ପିଏଚ ଇଏକ୍ସକ୍ଲୁସିଭ ଏଜୁକେସନ ଭଲାଣ୍ଟିୟର୍ସ ଆସୋସିଏସନ' ବାଲେଶ୍ୱର ଶାଖା ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆସୋସିଏସନ କର୍ମକର୍ତ୍ତାଙ୍କ ଆପତ୍ତି ଅନୁସାରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ଏମିତିକି ଯୁକ୍ତଦୁଇ ପର୍ଯ୍ୟନ୍ତ ସାଧାରଣ ବିଦ୍ୟାଳୟରେ ପଢୁଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ପଦ୍ଧତିରେ ଶିକ୍ଷାଦାନ ନିମନ୍ତେ ଦୀର୍ଘ ୧୧ ବର୍ଷ ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏମିତିକି ବିଦ୍ୟାଳୟକୁ ଆସିପାରୁନଥିବା ଶତ ପ୍ରତିଶତ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ଏହି ଅନ୍ତନିବେସା ଶିକ୍ଷା ସ୍ୱେଚ୍ଛାସେବୀମାନେ ଶିକ୍ଷାଦାନ କରୁଥିଲେ। ଜଣେ ଜଣେ ସ୍ୱେଚ୍ଛାସେବୀ ଭିନ୍ନକ୍ଷମ ଥାଇ ମଧ୍ୟ ପ୍ରତିଦିନ ଅତିକମରେ ଦୁଇଗୋଟି ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିଥା'ନ୍ତି ବୋଲି ସେମାନେ କହିଛନ୍ତି। ଦିନକୁ ଦିନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆକାଶଛୁଆଁ ଭାବେ ବୃଦ୍ଧି ପାଇଚାଲିଥିବା ବେଳେ ମାସିକ ମାତ୍ର ୪,୭୬୦ ଟଙ୍କା ଦରମାରେ କେମିତି ଗୁଜରାଣ ହେବ ତାହାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ସଂଘର କର୍ମକର୍ତ୍ତାମାନେ। ସରକାରୀ ନିୟମ ଅନୁସାରେ ୬ ବର୍ଷ ଚାକିରି କରୁଥିବା କର୍ମଚାରୀଙ୍କୁ ନିୟମିତ କରାଯାଉଥିବା ବେଳେ ସେମାନଙ୍କ ପ୍ରତି ଏ ନିୟମ ଲାଗୁ ନ ହେବାର କାରଣ କ'ଣ ହୋଇପାରେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଦୀର୍ଘ ୧୧ ବର୍ଷର ଅଭିଜ୍ଞତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ନିୟମିତ କରିବା ସହ ଦରମା ବୃଦ୍ଧି ଓ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି ହୋଇଛି।ଏନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ସଂଘର ଜିଲା ସଭାପତି ସତ୍ୟେନ୍ଦ୍ର ନାଥ ମହାନ୍ତି ଓ ସମ୍ପାଦକ ଜଗନ୍ନାଥ ବାରିକଙ୍କ ସମେତ ମନୋଜ କୁମାର ମହାନ୍ତି, ହରିପଦ ଜେନା, ବସନ୍ତ କୁମାର ବେହେରା, ବଂଶୀଧର ପ୍ରଧାନ, ସୁଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୫୦ ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା



ରାଉରକେଲା, ୧୩/୦୩ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ପ୍ରକଳ୍ପ ବିଭାଗ ଅଞ୍ଚଳରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ପାଇଁ ୨୦୨୨ ମାର୍ଚ୍ଚ ୩ ତାରିଖରେ ୫୧ତମ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଆରଏସପିର ଏଚଆରଡ଼ି କେନ୍ଦ୍ର ଠାରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କାର୍ମିକ ଠିକା ଶ୍ରମିକ ସେଲ ଦ୍ୱାରା ଆଇଜିଏଚ ଓ କର୍ମଚାରୀ ରାଜ୍ୟ ବୀମା କର୍ପୋରେସନ ମଡେଲ ହସ୍ପିଟାଲ ଏବଂ ଇଏସଆଇସି ଡିଶପେନସରିର ସହଭାଗିତାରେ ଅନୁଷ୍ଠିତ ହୋଇଥିଲା । ଆରଏସପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପି.କେ.ସାହୁ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରିବା ସହିତ ଡାକ୍ତର ଓ ଠିକା ଶ୍ରମିକଙ୍କ ସହ ମତବିନିମୟ ମଧ୍ୟ କରିଥିଲେ। ଏହି ଅବସରରେ ଏଚଆରଡି ବିଭାଗର ସିଜିଏମ, ସୁଶ୍ରୀ ରାଜଶ୍ରୀ ବାନାର୍ଜୀ, କାର୍ମିକ ଓ ପ୍ରଶାସନ ବିଭାଗର ସିଜିଏମ, ଶ୍ରୀ ବି କୁଲ୍ଲୁ ଉପସ୍ଥିତ ଥିଲେ। ପ୍ରକଳ୍ପ ଓ ସିଏଲସି କାର୍ମିକ ବିଭାଗର ଜିଏମ, ଶ୍ରୀ ସଞ୍ଜୟ ମେହରୋତ୍ରା ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ଶିବିର ପରିଚାଳନା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ସାହୁ ଠିକା ଶ୍ରମିକଙ୍କ ନିମନ୍ତେ ଅନୁଷ୍ଠିତ ଏହି ପ୍ରୟାସର ପ୍ରଶଂସା କରିଥିଲେ। ସେ ଏହି ପ୍ରୟାସକୁ ଅଧିକ ସୁଦୃଢ ଗଢିବା ସହ ଏଭଳି ଅଧିକ ସଂଖ୍ୟକ ସ୍ୱାସ୍ଥ୍ୟଶିବିର ଆୟୋଜନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଠିକାଶ୍ରମିକମାନଙ୍କର ଉଚ୍ଚତା, ଓଜନ, ବଡି ମାସ ଇଣ୍ଡେକ୍ସ, ଚକ୍ଷୁ ପରୀକ୍ଷା, ରକ୍ତ ଚାପ, ରକ୍ତ ଶର୍କରା, ବ୍ଲଡ଼ ଗୃପିଙ୍ଗ, ହେପାଟିଟିସ ବି ଏବଂ ଶ୍ରବଣ ଓ ପଲ୍ସ ହାର ଭଳି ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପନ୍ନ କରାଯାଇଥିଲା। ଶିବିରରେ ଚିହ୍ନଟ ରୋଗୀ ମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କାର୍ମିକ ଠିକା ଶ୍ରମିକ ସେଲ ଦ୍ୱାରା ଆଇଜିଏଚ ଓ କର୍ମଚାରୀ ରାଜ୍ୟ ବୀମା କର୍ପୋରେସନ ମଡେଲ ହସ୍ପିଟାଲ ଏବଂ ଇଏସଆଇସି ଡିଶପେନସରିର ସହଭାଗିତାରେ ଅନୁଷ୍ଠିତ ହେଉଛି । ଏହି ସମସ୍ତ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରମାନେ ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ସମସ୍ୟା ସମ୍ବନ୍ଧରେ ତଥା ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମଧ୍ୟ ସେମାନଙ୍କୁ ସଚେତନ କରାଯାଇଥିଲା। ଆରଏସପି କାର୍ମିକ ଠିକା ଶ୍ରମିକ ସେଲର ମ୍ୟାନେଜର, ସୁଶ୍ରୀ ସଂଗୀତା ଏମ୍ ସିନ୍ଦୁର ଓ ବିଭାଗୀୟ ଦଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖନୀୟ ଯେ, ୨୦୧୩ ଅପ୍ରେଲ ମାସରେ ଆରମ୍ଭ ହୋଇଥିବା ଯୋଜନା ଅଧୀନରେ ଅଦ୍ୟାବଧି ୧୨୮୩୬ ଜଣ ଠିକା ଶ୍ରମିକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପନ୍ନ ହୋଇଛି।

# ମା ଅମ୍ବିକା ସାହିତ୍ୟ ସଂସଦର ବସନ୍ତ ମିଳନ



ଖଇରା, ୧୩/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଅମ୍ବିକା ଆଶ୍ରମ ପରିସରରେ ମା ଅମ୍ବିକା ବିଶ୍ୱ କଲ୍ୟାଣ ସାହିତ୍ୟ ସଂସଦର ବସନ୍ତ ମିଳନ ଉତ୍ସବ ପାଳନ ଅବସରରେ କବିତା ପାଠ ଓ ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଭରତ ଚନ୍ଦ୍ର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ପ୍ରଭାସ ଚନ୍ଦ୍ର ଦକ୍ଷିଣରାୟ ବିବରଣୀ ପାଠ କରିଥିଲେ। ଓଡିଆ ଗୀତି କବିତାରେ ବସନ୍ତ ଶିର୍ଷକ ଆଲୋଚନାରେ ଅତିଥି ଭାବେ ବସନ୍ତ କୁମାର ସ୍ୱାଇଁ ବସନ୍ତ ଋତୁ ସହ ସାହିତ୍ୟର ସମ୍ପର୍କକୁ ନେଇ ଆଲୋଚନା ରଖିଥିଲେ । ପରେ ଏକ ମନୋଜ୍ଞ ପରିବେସରେ ସ୍ୱରଚିତ କବିତା ପାଠ କରାଯାଇଥିଲା । ବର୍ଷିୟାନ ସଦସ୍ୟ ଲକ୍ଷ୍ମୀ ପ୍ରସାଦ ଗାହାଣ ଓ ଅନୁଷ୍ଠାନର ସମ୍ପାଦକ ଡା ଉମେଶ ଚନ୍ଦ୍ର ମହାନ୍ତି ଯଥାକ୍ରମେ କବିତାର ସଂଯୋଜନା ଓ ସମିକ୍ଷା କରିଥିଲେ । ଜଗନ୍ନାଥ ମହାପାତ୍ର,ପ୍ରସନ୍ନ ମଣ୍ଡଗଜ,ଲକ୍ଷ୍ମୀକାନ୍ତ ବିଶ୍ୱାଳ,ଅର୍ଜୁନ ଚରଣ ମହାରଣା,ରତ୍ନାକର ପଣ୍ଡା,ପରୁଷୋତ୍ତମ ବିଶ୍ୱାଳ,ନିରଞ୍ଜନ ଦାସ ଉପସ୍ଥିତ ରହି ସମସ୍ତ କାର୍ଯ୍ୟଧାରା ତୁଲାଇ ଥିଲେ । ଜଳଧର ଦାସ ଧନ୍ୟବାଦ ଅର୍ପନ କରିଥିଲେ ।

# ଆମ୍ଆଦମୀ ଦଳ ପକ୍ଷରୁ ବସ୍ତା ବ୍ଲକ ସମ୍ମୁଖରେ ପଥପ୍ରାନ୍ତ ସଭା ଦାବୀପତ୍ର ପ୍ରଦାନ




ବସ୍ତା, ୧୩/୦୩ (ନି.ପ୍ର): ବସ୍ତା ବକ୍ଲ ଆମଆଦମୀ ପାର୍ଟି ପକ୍ଷରୁ ବିଶାଳ ପଟୁଆରେ ବସ୍ତା ବଜାର ପରିକ୍ରମା କରି ବସ୍ତାବକ୍ଲ ସମ୍ମୁଖରେ ଏକ ପଥପ୍ରାନ୍ତ ସଭା ଆୟୋଜନ ହୋଇଥିଲା । ଆମ ଆଦିମପାଟିର ବସ୍ତା ସଭାପତି ସରୋଜ କୁମାର ରାଉଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ରାଜ୍ୟ ସରକାରଙ୍କ ମାରଣାନିତି ବିଷୟରେ ସରକାରଙ୍କୁ ଭର୍ସନା କରିଥିଲେ । ବାର୍ଦ୍ଧକ୍ୟ ଭତ୍ତା, ବିଧବାଭତ୍ତା, ବିକଳାଙ୍ଗଭତ୍ତା, ମାସକୁ ପାଞ୍ଚସହ ବୃଦ୍ଧି କରି ଦୁଇହଜାର ପାଞ୍ଚସହ ଟଙ୍କା ଦେବା ଓ ଅଠରବର୍ଷ ରୁ ଉର୍ଦ୍ଧ ମହିଳା ମାନଙ୍କୁ ହଜାରେ ଟଙ୍କା ପ୍ରଦାନ କରିବା ତାଙ୍କର ଦାବୀ କରିଥିଲେ। । ଉପଭୋକ୍ତା ମାନଙ୍କୁ ଘରେ ଘରେ ଯେପରି ପଞ୍ଚାୟତ ତରଫରୁ ପ୍ରଦାନ କରାଯାଉ । କାରଣ ବ୍ୟାଙ୍କ ମାଧ୍ୟମରେ ଭତ୍ତାଟଙ୍କା ଉଠାଣ ହିତାଧିକାରୀଙ୍କ ପକ୍ଷେ ବହୁ କଷ୍ଟସାଧ ହେଉଥିବାରୁ ସରକାର ତାଙ୍କଦ୍ୱାରା ପ୍ରସ୍ତୁତ ସାରାଓଡିଶା ଜି.ପିଏଲ.ଏଫ ମିଶନଙ୍କୁ ଦାୟତ୍ୱ ଦିଅନ୍ତୁ । ଏହି ସମସ୍ତ ସମସ୍ୟା ଯଥାଶିଘ୍ରସମାଧାନପାଇଁ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ବସ୍ତା ବିଡିଓଙ୍କ ଜରିଆରେ ଦାବୀ ପତ୍ର ପ୍ରଦାନ କରିଥିଲେ। ଉକ୍ତ ପଥପ୍ରାନ୍ତ ସଭାରେଆମଆଦମୀ ପାର୍ଟିର ଜିଲ୍ଲାସଭାପତି କୁମାର ସ୍ୱର୍ଣ୍ଣଭାରତ ମଲ୍ଲିକ, ବକ୍ଲ ଉପସଭାପତି ଅମିୟକୁମାର ମହାନ୍ତି ବିର୍ଷ୍ଣୁପଦ ଗିରି, ନାରୀ ନେତ୍ରୀ ଜୟନ୍ତି ଦାସ, ହେମଲତା ପ୍ରଧାନ, ସୋମନାଥ ରାଉତ, ସଂଗ୍ରାମ କିଶୋରି ମିଶ୍ର, ସତ୍ୟନାରାୟଣ ଦାସ, ଶ୍ରୀକାନ୍ତ ପାତ୍ର, ସୁବାସ ଗିରି, ସୁବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ୩ଦଫା ଦାବିରେ ପ୍ରାଥମିକ ଶିକ୍ଷକଙ୍କ ରଣହୁଙ୍କାର

ଭଦ୍ରକ, ୧୩/୦୩ (ନି.ପ୍ର): ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଡାକରାରେ ଆଜି ଭଦ୍ରକ ବ୍ଲକର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଘେରିଥିଲେ ଶତାଧିକ ପ୍ରାଥମିକ ଶିକ୍ଷକ। ନୂତନ ପେନ୍ସନ୍ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ବ୍ଲକ ସଭାପତି ନିଳାଦ୍ରୀ ଭୂଷଣ ତ୍ରିପାଠୀ ଏବଂ ସମ୍ପାଦକ ଚନ୍ଦ୍ରକାନ୍ତ ଶୁକ୍ଲଙ୍କ ନେତୃତ୍ୱରେ ପ୍ରାଥମିକ ଶିକ୍ଷକମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ୫ଟି ସଚିବଙ୍କୁ ୩ ଦଫା ଦାବି ସମ୍ବଳିତ ଏକ ଦାବୀପତ୍ର ପ୍ରଦାନ କରିଥିଲେ। ପ୍ରାଥମିକ ଶିକ୍ଷକମାନେ ଗତ ନଭେମ୍ବର ମାସରେ ଦାବି ପୂରଣ ନିମନ୍ତେ ଭୁବନେଶ୍ୱରରେ ୪ ଦିନ ଧରି ଆନ୍ଦୋଳନ କରିଥିଲେ। ମୁଖ୍ୟ ଶାସନ ସଚିବଙ୍କ ଲିଖିତ ପ୍ରତିଶୃତି ପରେ ଆନ୍ଦୋଳନ ସ୍ଥଗିତ କରାଯାଇଥିଲେ ମଧ୍ୟ ସରକାର ଆଜି ପର୍ଯ୍ୟନ୍ତ ଶିକ୍ଷକମାନଙ୍କ ନିମନ୍ତେ କିଛି ଘୋଷଣା କରି ନାହାନ୍ତି। ପ୍ରାଥମିକ ଶିକ୍ଷକମାନେ ୬ ବର୍ଷର ଶିକ୍ଷା ସହାୟକ ସମୟକୁ ମୂଳ ଚାକିରିରେ ଗଣନା କରି ୬ଟି ନୋସ୍ନାଲ ଇନ୍କ୍ରିମେଣ୍ଟ ପ୍ରଦାନ କରିବା, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ ଓ ପୁରୁଣା ପେନ୍ସନକୁ ପ୍ରଚଳନ କରିବା ଦାବିରେ ଦୀର୍ଘଦିନ ହେବ ଆନ୍ଦୋଳନ ଚାଲୁ ରଖିଛନ୍ତି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପରିଚାଳନାକୁ ବର୍ଜନ କରିବା ସହିତ ଡ୍ରେସ୍କୋର୍ଡକୁ ମଧ୍ୟ ବର୍ଜନ କରିଛନ୍ତି। ସରକାର ପ୍ରାଥମିକ ଶିକ୍ଷକମାନଙ୍କର ଦାବି ଯୁକ୍ତିଯୁକ୍ତ ବୋଲି କହୁଥିଲେ ମଧ୍ୟ ନିଷ୍ପତ୍ତି ନେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଆଗାମୀ ୧୫ ତାରିଖ ଠାରୁ ଦାବି ପୂରଣ ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ଭୁବନେଶ୍ୱର ଲୋୟର ପି.ଏମ.ଜି.ରେ ଆନ୍ଦୋଳନରେ ସାମିଲ ହେବେ ବୋଲି ଆଜି ବିକ୍ଷୋଭ ସମୟରେ ନେତୃ ମଣ୍ଡଳୀ ଆହ୍ୱାନ ଦେଇଛନ୍ତି।

## ଚୋରାକାଠ ଚାଲାଣ : ଯନ୍ତ୍ରଚାଳିତ ରିକ୍ସା ସହ କାଠ ଜବତ୍, ଡ୍ରାଇଭର ଛୁ

ଜଳେଶ୍ୱର, ୧୩/୦୩ (ନି.ପ୍ର): ରାଇବଣିଆ ଅଂଚଳର ବିଭିନ୍ନ ସ୍ଥାନରୁ ଚୋରାକାଠ ପଶ୍ଚିମବଂଗକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି । ଆଜି ଏକ ଯନ୍ତ୍ରଚାଳିତ ରିକ୍ସାରେ ୩୦ ସିଏଫଟି ଆକାଶିଆ ଗଣ୍ଡି ଧରି ପଶ୍ଚିମବଂଗ ଅଭିମୁଖେ ଯାଉଥିବା ବେଳେ ଖୁଆର୍ଡ-କୁଶଗଡ ନିକଟରୁ ଯବତ୍ କରାଯାଇଛି । ରେଞ୍ଜ ଅଫିସର ଜୟଶ୍ରୀ ମୁର୍ମୁଙ୍କ ନିର୍ଦ୍ଦେଶରେ ଫରେଷ୍ଟ ଗାର୍ଡ ଦିଲ୍ଲିପ କୁମାର ସିଂ ଓ ଅମରେଶ ଦାସ ଘଟଣାସ୍ଥଳରୁ ଗାଡିଟିକୁ ଜବତ୍ କରିଥିଲେ ମଧ୍ୟ ଡ୍ରାଇଭର ଜଂଗଲ ମଧ୍ୟକୁ ଦୌଡି ପାଳାଇବାରେ ସମର୍ଥ ହୋଇଥିଲା । ଚୋରାକାଠ ଚାଲାଣ ରୋକିବାକୁ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣ ପକ୍ଷରୁ ଦାବି ହେଉଛି ।

## ଧାମନଗରରେ ମିଳିତ ଜନ ଶୁଣାଣି ଶିବିର : ୫୧ ଅଭିଯୋଗ ଆଗତ

ଭଦ୍ରକ, ୧୩/୦୩ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ଆଜି ଧାମନଗର ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୫୧ଟି ଅଭିଯୋଗ ଶୁଣିଥିଲେ। ସେଥି ମଧ୍ୟରୁ ୪୮ ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଓ ୩ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ଜିଲ୍ଲା ପରିଷଦ, ଭଦ୍ରକର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଜିଲ୍ଲା ପରିଷଦ, ଭଦ୍ରକର ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ଏନ୍.ଏ.ସି. ଅଧକ୍ଷା ନିବେଦିତା ଜେନା, ଧାମନଗର ବ୍ଲକ୍ ଅଧକ୍ଷା ଶର୍ମିଷ୍ଠା ବେହେରା, ବ୍ଲକ୍ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ। ଜିଲ୍ଲା ସ୍ତରୀୟ ଏବଂ ଉକ୍ତ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ମଧ ଉକ୍ତ ଶିବିରରେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ।

## ଓସ୍କାର ବିଜେତାଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର, ୧୩/୦୩ (ନି.ପ୍ର): ନାଟୁ ନାଟୁ ଗୀତକୁ ଓସ୍କାର ମିଳିବା ପରେ ଟ୍ୱିଟ୍ କରି ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମ୍ୟୁଜିକ କମ୍ପୋଜର, ଲିରିସିଷ୍ଟ, ନିର୍ଦ୍ଦେଶକ ଓ ପୁରା ଟିମ୍ କୁ ଶୁଭକାମନା ଜଣାଇଛନ୍ତି। ଭାରତୀୟ ଫିଲ୍ମର ପ୍ରଥମ ଓରିଜିନାଲ ଗୀତ ଭାବେ ଆରଆରଆର ଫିଲ୍ମର ନାଟୁ ନାଟୁ ଗୀତକୁ ଏକାଡେମୀ ଆୱାର୍ଡ ମିଳିଥିବାରୁ ଏହା ଏକ ଗର୍ବର ମୁହୂର୍ତ୍ତ। ଏହା ଭାରତୀୟ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି । ସେହିପରି ବେଷ୍ଟ ସର୍ଟ ଡକ୍ୟୁମେଂଟାରୀ ଫିଲ୍ମ କାଟାଗୋରୀରେ ଦ ଏଲିଫ୍ୟାଂଟ ହ୍ୱିସପର୍ସ ଟିମ୍ କୁ ମଧ ସମ୍ମାନଜନକ ଏକାଡେମୀ ପୁରସ୍କାର ପାଇଥିବାରୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ



ଜଳେଶ୍ୱର, ୧୩/୦୩ (ନି.ପ୍ର): ୨୦୧୪ରେ ଓଡିଆ ଭାଷାକୁ ରାଷ୍ଟ୍ରିୟ ଭାଷାର ମାନ୍ୟତା ମିଳିଥିବା ବେଳେ ଅଦ୍ୟାବଧି ଓଡିଆ ଭାଷାରେ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇନପାରିବା ଦୁଃଖର ବିଷୟ ବୋଲି ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ମତପ୍ରକାଶ ପାଇଛି । ନୂଆବଜାର ଭଂଜଭବନ ପରିସରରେ ଆୟୋଜିତ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ ଅବସରରେ ଅରୁଣ କୁମାର ବେଜ ପୌରହିତ୍ୱ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ତଥା ବରିଷ୍ଠ ନାଗରିକ ମଂଚର ସଭାପତି ଡ, ରମାକାନ୍ତ ଭଂଜ ମୁଖ୍ୟ ଅତିଥି ଓ କେନ୍ଦ୍ରୀୟ କମିଟି ସଂପାଦକ କମଳ ଚକ୍ରବର୍ତ୍ତୀ ମୁଖ୍ୟବକ୍ତାଭାବେ ଯୋଗ ଦେଇ ଓଡିଆ ଭାଷା ଦିନକୁ ଦିନ ସଂକଟରେ ଗତି କରୁଛି ବୋଲି କହିଥିଲେ । ସାମାଜିକ ସ୍ତରରେ ବିବାହ, ବ୍ରତ, ପର୍ବପର୍ବାଣୀରେ ଛପା ଯାଉଥିବା ନିମନ୍ତ୍ରଣ ଚିଠି, ଉପାନ୍ତରେ ବିଭିନ୍ନ ସ୍ଥାନରେ ଲଗାଯାଉଥିବା ଫଳକ ଓଡିଆରେ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଶୋକ ଦାସ, ସଂପାଦକ ସୁନିଲ ନାୟକ, କୋଷାଧ୍ୟକ୍ଷ ଡ. ଅଜିତ୍ କୁମାର ମହାନ୍ତି, ସମାଜସେବୀ ସୁଦର୍ଶନ ଦାସ, ଦିଲ୍ଲିପ କୁମାର ଗିରି, ସୁଦାମ ଚନ୍ଦ୍ର ପାତ୍ର, ଅଜିତ୍ ଦାସ, ରବିନ୍ଦ୍ର ସେନାପତି, ସୁକୁମାର ରଣା, ଟଙ୍କଧର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପରିଡା ଓ କାଉନ୍ସିଲର ଶିବନାରାୟଣ ମହାପାତ୍ର ପ୍ରମୁଖ ଓଡିଆ ଭାଷାଲାଗି ପ୍ରତ୍ୟେକଙ୍କଠାରେ ସଚେତନତା ସୃଷ୍ଟି କରାଯିବା ଉଚିତ୍ ବୋଲସି କହିଥିଲେ। ଯୁଗ୍ମ ସଂପାଦକ ମନୋରଂଜନ ଦାସ ଅତିଥି ପରିଚୟ ଓ ଘନଶ୍ୟାମ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୀନକୃଷ୍ଣ ମହାବିଦ୍ୟାଳୟର ୧୯୮୪-୮୫ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ




ଜଳେଶ୍ୱର, ୧୩/୦୩ (ନି.ପ୍ର): ବର୍ଷପରେ ବର୍ଷ ବିତିଯାଇଥିଲେ ମଧ୍ୟ ଶିକ୍ଷାଲାଭ କରିଥିବା ଅନୁଷ୍ଠାନକୁ ବହୁ ଛାତ୍ରଛାତ୍ରୀ ଭୁଲି ନ ଥାନ୍ତି । ଦୀନକୃଷ୍ଣ ମହାବିଦ୍ୟାଳୟର ୧୯୮୪-୮୫ ମସିହାର +୨ ବିଜ୍ଞାନ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କର ଏକ ବଂଧୁମିଳନ ଉତ୍ସବ ବ୍ଲକବଜାର ତାରୁଣ୍ୟ ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ପୂର୍ବତନ କଲେଜ ଅଧ୍ୟକ୍ଷ ବିପିନ ବିହାରୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିବା ବେଳେ ବିଶିଷ୍ଟ କବି ବ୍ରଜେନ୍ଦ୍ର ନାଥ ଗିରି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସାଂପ୍ରତିକ ସମାଜରେ ସଂପର୍କ ଦୂରେଇ ଯାଉଥିବା ବେଳେ ଆଜିର ବନ୍ଧୁମିଳନ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ବିକାଶ ମହୋତ୍ସବ କମିଟିର ସଂପାଦକ ମନୋରଂଜନ ଦାସ, ଶିକ୍ଷାବିତ୍ ସନ୍ତୋଷ କୁମାର ପାତ୍ର ଓ ସୁଶାନ୍ତ ନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଉପସ୍ଥିତ ପୁରାତନ ଛାତ୍ରଙ୍କୁ ଏକ କମିଟି ଗଂନ କରାଯାଇଛି । ଏଥିରେ ଡ. କାଳିପଦ ମହାନ୍ତି ସଭାପତି, ସିରିଶ ଚନ୍ଦ୍ର ଚୌହାନ ସଂପାଦକ, ଭକ୍ତିଲତା ପରିଡା କୋଷାଧ୍ୟକ୍ଷ ଓ ଅନନ୍ତ କୁମାର ଦାସ, କେଦାରନାଥ ଦତ୍ତ, ରାଜେଶ କୁମାର ବେରାଙ୍କୁ ନେଇ ସଂଯୋଜକ ମଣ୍ଡଳି ଗଠନ କରାଯାଇଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବିରକିଶୋର ମହାନ୍ତି, ପ୍ରଦୀପ କୁମାର ବାରିକ, ଅଜିତ୍ ପ୍ରଧାନ, ତାପସ ପ୍ରଧାନ, ଉଦୟହରି ପାତ୍ର, ସନ୍ଦିପ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ଆସନ୍ତା ମେ ୨୮ରେ ଏହାର ଅନ୍ୟଏକ ବୈଠକ ଅନୁଷ୍ଠିତ ହେବ ବୋଲି କହିଥିଲେ ।

# ଓଡିଶା ତେଜସ୍ୱିନୀ ମହିଳା ସଂଗଠନର ଚତୁର୍ଥ ବାର୍ଷିକ ଉତ୍ସବ





ଭଦ୍ରକ, ୧୩/୦୩ (ନି.ପ୍ର): ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ପକ୍ଷରୁ ଚତୁର୍ଥ ବାର୍ଷିକ ଉତ୍ସବ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି ସଭନେତ୍ରୀ କଳ୍ପନା ଜେନାଙ୍କ ସଭାପତିତ୍ୱରେ ଉଦଘାଟକ ଭାବେ କେନ୍ଦ୍ରାପଡ଼ା ସ୍ଥିତ ତୁଳସୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼. ଶୈଳବାଳା ସେନାପତି, ମୁଖ୍ୟ ଅତିଥି ଭାବେ ଭଦ୍ରକ ପୌରପାଳିକାର ଅଧକ୍ଷ ଗୁଲମୁଖୀ ହବିବ, ମୁଖ୍ୟବକ୍ତା ଭାବେ ଡା. ଭାଗ୍ୟଶ୍ରୀ ପଣ୍ଡା ସମ୍ମାନୀତ ଅତିଥି ଭାବେ ବାଳିକା ସଂଯୋଜିକା ଇପ୍ସିତା ଜେନା ଯୋଗଦେଇ କହିଲେ ଯୁଗେ ଯୁଗେ ନାରୀ ମାନେ ମହନୀୟ, ବନ୍ଦନୀୟ ମହିଳା ମାନେ ସବଳା, ଶକ୍ତିଶାଳୀ, ଓ ବିଜୟୀ ମହିଳା ମାନେ ସେମାନଙ୍କର ମନୋନୀତ ପକ୍ଷରେ ଅନ୍ତର୍ନିହିତ ନେତୃତ୍ୱ ଗୁଣ ଧାରଣ କରନ୍ତି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଉପଦେଷ୍ଟା ଦୀପାଳି ମିଶ୍ର ସ୍ୱାଗତ, ଆବାହକ ରେଣୁବାଳା ଖିଲାର ଅତିଥି ପରିଚୟ, ସମ୍ପାଦିକା ଅଞ୍ଜନା ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ପ୍ରଥମ ବୈଠକ ରେ ଉପଦେଷ୍ଟା ଜାନକୀ ପାଢ଼ୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆଇନଜୀବି ରାଧାରାଣୀ ମହାପାତ୍ର, ଦୀପ୍ତି ମୟୀ ସାହୁ, ସଂଯୋଜିକା ଭାବେ ଉପସଭାନେତ୍ରୀ ଚଇତାଳି ଖିଲାର, ମନୋରମା ରାୟ ଓ ଧନ୍ୟବାଦ ଦେଇଥିଲେ ଶିକ୍ଷାବିତ ଝୁରଣ ବାଳା ଖୁଣ୍ଟିଆ । ପ୍ରାୟ ୪୦ରୁ ଉର୍ଦ୍ଧ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ଶିକ୍ଷାବିତ ସ୍ୱର୍ଣପ୍ରଭା ତ୍ରିପାଠୀ, ସେବିକା କୁମୁଦିନୀ ତ୍ରିପାଠୀ, ନିରୁପମା ଦାଶ, ଚିତ୍ରଶିଳ୍ପୀ କ୍ରିତିକ୍ରୀଷ୍ଟା ପଣ୍ଡା, ଅରୁନ୍ଧତୀ ହୋତା, ପ୍ରତିମା କବାଟ, ସ୍ମିତାରାଣୀ ବେହେରାକଣ୍ଠ ଶିଳ୍ପୀ ଶଶୀକଳା ମିଶ୍ର, ସାମ୍ବାଦିକ ଲିପିକା ରାଉତ, ଶୁଭ୍ରସ୍ମିତା ରାଉତ ଓ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସେମାନଙ୍କର ସଫଳତା ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ଉତ୍ସବ ଡ୍ୟାନ୍ସ ର ମୁଖ୍ୟ ସାଂସ୍କୃତିକ ସମ୍ପାଦକ ରିଚା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଲାମାନଙ୍କ ମଧରେ ନୃତ୍ୟ ପରିବେଷଣ କରାଯାଇ ସେମାନଙ୍କୁ ପୁରସ୍କୃତ କରିଥିଲେ ମାର୍ଗଦର୍ଶକ ସାମ୍ବାଦିକ ରବି ନାରାୟଣ ଖିଲାର, ଅଧାପକ ନିହାର ରଞ୍ଜନ କର ଓ ଚିତ୍ରଶିଳ୍ପୀ ପ୍ରଭାତ ଜେନା ।

# ତୁଳସୀଚୌରା କ୍ଲଷ୍ଟର ସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ



ବାରିପଦା, ୧୩/୦୩ (ନି.ପ୍ର): ବାରିପଦା ସ୍ଥିତ ମହାରାଣୀ ତକତ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ତୁଳସୀଚୌରା କ୍ଲଷ୍ଟର ସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରାୟ ୫୦ ରୁ ଉର୍ଦ୍ଧ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ଶିକ୍ଷକ ନେତା ପ୍ରଦୀପ କୁମାର ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ୟୁ ଜି ପ୍ରାକ୍ଟିସିଂ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ପଲେଇ ଓ ତୁଳସୀଚୌରା ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ରାଜଶ୍ରୀ ବେହେରା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷକ ସମନ୍ୱୟ ସମିତିର ଆବାହକ ବିମଳ କୁମାର ଆଚାର୍ଯ୍ୟ, ଅଧକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ମୁଖପାତ୍ର ସୋମନାଥ ସିଂହ, ସଭାପତି ହରେକୃଷ୍ଣ ବାରିକ, ରାଜ୍ୟ ଷ୍ଟିଅରିଂ କମିଟି ସଭ୍ୟ ଯାମିନୀକାନ୍ତ ପଣ୍ଡା, ଶିକ୍ଷକ ନେତା ସିଦ୍ଧେଶ୍ୱର ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କବିତା ସାହୁ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷକ ସମାଜ ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ବ୍ରତୀ ହେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ । ତତସହିତ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଓ ତାର ସମାଧାନ ପାଇଁ ଜିଲ୍ଲା ସଙ୍ଘ ଆପ୍ରାଣ ଉଦ୍ୟମ କରିବ ବୋଲି ପ୍ରତିଶୃତି ଦେଇଥିଲେ । ଏହି ଅବସରରେ ଚାକିରୀରୁ ଅବସର ନେଇଥିବା ଶ୍ରୀଯୁକ୍ତ ପଲେଇ ଓ ଶ୍ରୀମତୀ ବେହେରାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷୟତ୍ରୀ ବବିତା ସାହା ଓ ନିର୍ମଳା ବେହେରା ସ୍ୱାଗତ ସଂଗୀତ ପରିବେଷଣ କରଥିବା ବେଳେ ସି ଆର ସି ସି ଭବାନୀ କୁମାର ସିଂହ ସ୍ୱାଗତ ଅଭିଭାଷଣ ଏବଂ ସୁଜାତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo